

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର, ୨୨ ଅଗଷ୍ଟ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 22 AUGUST 2022

Vol.No. 35 ■ No. 220 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022











ପ୍ରକାଶକ : ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ବାଲେଶ୍ୱର-୧

ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ପ୍ରାପ୍ତିସ୍ଥାନ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ନଲେଜ୍ କର୍ଣ୍ଣର, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା ବାଲେଶ୍ୱର-୧


# ସୁବର୍ଣ୍ଣରେଖାରେ ଆସୁଛି ବଡ଼ ବନ୍ୟା



ଭୁବନେଶ୍ୱର,୨୧/୦୮ (ନି.ପ୍ର): ରାଜ୍ୟର ବନ୍ୟାସ୍ଥିତି ସମ୍ପର୍କରେ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସୂଚନା ଦେଇ ସ୍ୱତନ୍ତ୍ର ରିଲିଫ୍ କମିଶନର ଶ୍ରୀ ପ୍ରଦୀପ ଜେନା କହିଲେ ଯେ, ଲଘୁଚାପ ପ୍ରଭାବରେ ଉତର ଓଡିଶାରେ ପ୍ରବଳ ବର୍ଷା ହୋଇଛି । ଝାଡଖଣ୍ଡର ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ଗାଲୁଡିହ ବ୍ୟାରେଜରୁ ୬ ଲକ୍ଷ କ୍ୟୁସେକ୍ ପାଣି ଆସୁଛି । ଏହା ଫଳରେ ସୁବର୍ଣ୍ଣରେଖା ଅବବାହିକାରେ ବନ୍ୟା ଆସିଛି । ସେହିପରି ଶିମିଳିପାଳରେ ପ୍ରବଳ ବର୍ଷା ଯୋଗୁ ବୁଢାବଳଙ୍ଗ ନଦୀରେ ବନ୍ୟା ଆସିଛି । ବୈତରଣୀ ନଦୀରେ ଆଖୁଆପଦାଠାରେ ଜଳପତନ ୧୮.୯୯ ମିଟର ରହିଥିବାବେଳେ ଏହା କ୍ରମଶଃ ବୃଦ୍ଧି ପାଉଛି । ସୁବର୍ଣ୍ଣରେଖା ଜାମଶୋଳାଘାଟଠାରେ ୫୩.୩୪ ମିଟର ଉଚ୍ଚରେ ରହିଛି । ଏହା କ୍ରମଶଃ ବୃଦ୍ଧି ପାଉଛି । ଆଜି ଅପରାହ୍ନ ସୁଦ୍ଧା ହୀରାକୁଦର ଜଳପତନ ୬୨୧.୨୬ ଫୁଟ୍ ରହିଛି । ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୧ ଲକ୍ଷ ୬୮ ହଜାର ୪୫୧ କ୍ୟୁସେକ୍ ଜଳ ପ୍ରବେଶ କରୁଛି । ପ୍ରତି ସେକେଣ୍ଡରେ ଜଳଭଣ୍ଡାରରୁ ୧ ଲକ୍ଷ ୨ ହଜାର ୧୭୧ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି । ଖଇରମାଳଠାରେ ୩ ଲକ୍ଷ ୬୫ ହଜାର କ୍ୟୁସେକ୍ ଜଳ ପ୍ରବାହିତ ହେଉଛି । ବଡମୂଳଠାରେ ୫ ଲକ୍ଷ ୭୬ ହଜାର କ୍ୟୁସେକ୍ ଜଳ ପ୍ରବାହିତ ହେଉଛି । ମୁଣ୍ଡଳିଠାରେ ୮ ଲକ୍ଷ ୬ ହଜାର କ୍ୟୁସେକ୍ ଜଳ ପ୍ରବାହିତ ହେଉଛି । ମୁଣ୍ଡଳି ସମେତ ମହାନଦୀର ଜଳସ୍ତର ସବୁ ସ୍ଥାନରେ କ୍ରମଶଃ ହ୍ରାସ ପାଉଛି । ମିଳିଥିବା ସୂଚନା ଅନୁଯାୟୀ ଏବେ ସୁଦ୍ଧା ୧୩ ଟି ଜିଲ୍ଲାର ୭୩ ଟି ବ୍ଲକ ୬୦୯ ଟି ଗ୍ରାମ ପଂଚାୟତ କ୍ଷତିଗ୍ରସ୍ତ ହୋଇଥିବାବେଳେ ଏଥିରେ ୨୨୩୮ ଟି ଗ୍ରାମ ପ୍ରଭାବିତ ହୋଇଛି । ରାଜ୍ୟର ୭୬୮ ଟି ଗ୍ରାମ ଜଳ ଘେରରେ ରହିଥିବାବେଳେ ୫ ଲକ୍ଷ ୪୫ ହଜାର ଲୋକ ଜଳବନ୍ଦୀ ଅବସ୍ଥାରେ ଅଛନ୍ତି ଏବଂ ପ୍ରାୟ ୭ ଲକ୍ଷ ୬୩ ହଜାର ଲୋକ ପ୍ରଭାବିତ ହୋଇଛନ୍ତି । ଏହି ସବୁ ଅଂଚଳରେ ୩୨୪ ଟି ରିଲିଫ୍ କେନ୍ଦ୍ରରେ ୧ ଲକ୍ଷ ୨୪ ହଜାର ଲୋକଙ୍କୁ ରନ୍ଧା ଖାଦ୍ୟ ଦିଆଯାଉଛି । ବନ୍ୟା ପ୍ରଭାବରେ ୫ ଲକ୍ଷ ୬୧ ହଜାର ୪୧୮ ବିଦ୍ୟୁତ ଉପଭୋକ୍ତା କ୍ଷତିଗ୍ରସ୍ତ ହୋଇଥିବାବେଳେ ସେଥି ମଧ୍ୟରୁ ୫ ଲକ୍ଷ ୨୧ ହଜାର ୫୬୦ ଉପଭୋକ୍ତାଙ୍କୁ ବିଦ୍ୟୁତ ସଂଯୋଗ ଦିଆଯାଇସାରିଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୧୮୫ ଟି ମେଡିକାଲ ରିଲିଫ୍ କେନ୍ଦ୍ର ଖୋଲାଯାଇଥିବାବେଳେ, ୧୧୫ ଟି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଚିକିତ୍ସା ଟିମ୍ ମୃତୟନ ହୋଇଛି । ୪୨ହଜାର ୨୭୪ ଟି ଓଆରଏସ୍ ପ୍ୟାକେଟ୍, ୧ ଲକ୍ଷ ୭୭ ହଜାର ୨୫୩ ଟି ହାଲୋଜିନ୍ ବଟିକା ବଂଟାଯାଇଛି । ଏହି ସମୟରେ ୭୩୦୦ ସାଧାରଣ ରୋଗର ଚିକିତ୍ସା ହୋଇଥିବାବେଳେ, ୧୨ ଟି ସାପ କାମୁଡା ଘଟଣାର ଚିକିତ୍ସା କରାଯାଇଛି ।

▶▶ପୃଷ୍ଠା ୭

## ବେକାରୀ ଓ ଦରବୃଦ୍ଧି ସମସ୍ୟା ବିରୋଧରେ ଲଢିବା ବଦଳରେ କେନ୍ଦ୍ର ସରକାର ସିବିଆଇ- ଇଡିର ଖେଳ ଖେଳୁଛନ୍ତି : କେଜ୍ରିୱାଲ



ନୂଆଦିଲ୍ଲୀ, ୨୧/୦୮ : ଦିଲ୍ଲୀ ଶିକ୍ଷାମନ୍ତ୍ରୀ ମନୀଷ ସିସୋଦିଆଙ୍କ ବିରୋଧରେ ଲକ୍ ଆଉଟ୍ ନୋଟିସ୍ ଜାରି ହେବା ପରେ ମୋଦୀ ସରକାରଙ୍କ ଉପରେ ପୁଣି ବର୍ଷିଛନ୍ତି ମୁଖ୍ୟମନ୍ତ୍ରୀ କେଜ୍ରିୱାଲ । ଦେଶରେ ବେକାରୀ ସମସ୍ୟା ଓ ଦରବୃଦ୍ଧି ସମସ୍ୟା ବିରୋଧରେ ଲଢିବା ବଦଳରେ କେନ୍ଦ୍ର ସରକାର ସିବିଆଇ- ଇଡିର ଖେଳ ଖେଳୁଛନ୍ତି ବୋଲି କହିଛନ୍ତି କେଜ୍ରିୱାଲ । ରାଜଧାନୀ ଦିଲ୍ଲୀରେ ଏବେ ଅବକାରୀ ନୀତିକୁ ନେଇ ରାଜନୀତି ସରଗରମ । ଏଥିରେ ଏବେ ସିବିଆଇ ଟାର୍ଗେଟରେ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କ ସମେତ ଅନ୍ୟ ୧୩ ଜଣ ଅଛନ୍ତି । ଆଜି ଲୁକ ଆଉଟ୍ ନୋଟିସ୍ ଜାରି କରିବା ପରେ ଆକ୍ରମଣାତ୍ମକ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି କେଜ୍ରିୱାଲ । 'ଦେଶରେ ବେକାରୀ ସମସ୍ୟା ଓ ଦରଦାମ ବୃଦ୍ଧି ଲୋକଙ୍କ ଉପରେ ଦାଉ ସାଧୁଛି । ଦେଶ କିଭଳି ଏସବୁ ସମସ୍ୟାରୁ ମୁକୁଳିବ ସେକଥା ଚିନ୍ତା ନକରି ସକାଳୁ ଉଠିଲେ ମୋଦୀ ସିବିଆଇ- ଇଡି ଖେଳ ଖେଳୁଛନ୍ତି । ଏପରି କଲେ ଦେଶ କିଭଳି ଆଗକୁ ବଢିବ ?' ବୋଲି ପ୍ରଶ୍ନ କରିଛନ୍ତି କେଜ୍ରିୱାଲ । ଅନ୍ୟପଟେ ନିଜ ଉପରେ ହୋଇଥିବା ଲୁକଆଉଟ୍ ନୋଟିସକୁ ନେଇ ମଧ ମୋଦୀଙ୍କ ଉପରେ ବର୍ଷିଛନ୍ତି ସିସୋଦିଆ । ତାଙ୍କ ବିରୋଧରେ ଟଙ୍କାକର ଦୁର୍ନୀତିର କିଛି ପ୍ରମାଣ ନଥାଇ ବି ତାଙ୍କ ବିରୋଧରେ ଲୁକଆଉଟ୍ ନୋଟିସ୍ ଜାରି କରାଯାଉଛି । ଇଏ କିଭଳି ନୌଟଙ୍କି ବୋଲି ଟ୍ୱିଟ୍ କରିଛନ୍ତି ମନୀଷ ସିସୋଦିଆ ।

## ହୀରାକୁଦ ଜଳ ଭଣ୍ଡାରର ଜଳ ସ୍ତର ୬୨୧.୨୭ ଫୁଟ

ଭୁବନେଶ୍ୱର,୨୧/୦୮ (ନି.ପ୍ର): ହୀରାକୁଦ ଜଳ ଭଣ୍ଡାରରୁ ଆଜି ମଧ୍ୟ ଚାରୋଟି ଗେଟ ଦେଇ ଜଳ ନିଷ୍କାସନ ଜାରୀ ରହିଛି । ସେହିପରି ଜଳ ଭଣ୍ଡାରର ଜଳ ସ୍ତର ଅପରାହ୍ନ ୩ଟା ବେଳକୁ ୬୨୧.୨୭ ଫୁଟ ରହିଥିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆ ଯାଇଛି । ହୀରାକୁଦ ଜଳଭଣ୍ଡାରକୁ ୧,୬୮୪୫୧ କ୍ୟୁସେକ ଜଳ ପ୍ରବଶେ କରୁଥିବା ବେଳେ ୧,୦୨,୧୭୧ କ୍ୟୁସେକ ଜଳ ନିଷ୍କାସନ ହେଉଛି । ଖଇରମାଳ ଠାରେ ୩,୬୫,୦୦ କ୍ୟୁସେକ ଜଳ ପ୍ରବାହିତ ହେଉଥିବା ବେଳେ ବରମୁଳ ଠାରେ ୫,୭୬,୦୦୦ କ୍ୟୁସେକ ତଥା ମୁଣ୍ଡଳୀ ଠାରେ ୮,୦୬, ୦୧୪ କ୍ୟୁସେକ ଜଳ ପ୍ରବାହିତ ହେଉଛି ।

## ବାଲେଶ୍ୱର ଜିଲ୍ଲାପାଳଙ୍କୁ ଏସଆରସି କ୍ଷମତା



ବାଲେଶ୍ୱର,୨୧/୦୮ (ନି.ପ୍ର): ସୁବର୍ଣ୍ଣରେଖାରେ ଆସୁଥିବା ବଡ଼ ବନ୍ୟାକୁ ନେଇ ସଜାଗ ହୋଇଛନ୍ତି ରାଜ୍ୟ ସରକାର । ପରିସ୍ଥିତିର ମୁକାବିଲା କରିବା ପାଇଁ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଏସଆରସି କ୍ଷମତା ପ୍ରଦାନ କରାଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବାଲେଶ୍ୱର ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେଙ୍କୁ ଏହି କ୍ଷମତା ଦିଆଯାଇଥିବା ନେଇ ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ ଜେନା ଟୁଇଟ କରି ସୂଚନା ଦେଇଛନ୍ତି । ଏଥିସହ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା କରିବାକୁ ଏକ ହେଲିକପ୍ଟର ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ଏହାସହ ଏସଆରସି କହିଛନ୍ତି, ସୁବର୍ଣ୍ଣରେଖାରେ ଜଳସ୍ତର ବଢୁଥିବାରୁ ଏହା ସରକାରଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିବ । ୨୦୦୮ ପରଠୁ ଏଭଳି ବନ୍ୟା ଲୋକେ ଦେଖିନଥିବେ ବୋଲି ଏସଆରସି କହିଛନ୍ତି । ବିଶେଷକରି ମୟୂରଭଞ୍ଜ ଏବଂ ବାଲେଶ୍ୱରରେ ନିଶ୍ଚିତ ବନ୍ୟା ଆସିବ । ତେବେ ଯେପରି କୌଣସି ଜୀବନହାନୀ ନ ହେବ ତାହା ଉପରେ ଏସଆରସି ଗୁରୁତ୍ୱ ଦେଇଛନ୍ତି । ବନ୍ୟା ବେଳେ ସତର୍କ ରହିବାକୁ ଏସଆରସି ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି । ବୈତରଣୀ ନଦୀର ଜଳସ୍ତର ବିପଦ ସଙ୍କେତ ଉପରେ ରହିଥିଲେ ମଧ ବଡ଼ ବନ୍ୟାର ସମ୍ଭବନା ନ ଥିବା ଏସଆରସି କହିଛନ୍ତି । ସୁବର୍ଣ୍ଣରେଖା ଏବଂ ବୈତରଣୀ ନଦୀରେ ବନ୍ୟା ଆସୁଥିବାରୁ ଯାଜପୁର, ଭଦ୍ରକ, ବାଲେଶ୍ୱର ଜିଲ୍ଲାକୁ ହାଇ ଆଲର୍ଟରେ ରଖଯାଇଛି । ମୁକାବିଲା ପାଇଁ ପ୍ରଶାସନକୁ ପ୍ରସ୍ତୁତ ରଖାଯାଇଛି । ବାଲେଶ୍ୱର ଏବଂ ମୟୁରଭଞ୍ଜକୁ ୫୮ଟି ଓଡ୍ରାଫ୍ ଏବଂ ଅଗ୍ନିଶମ ଟିମ୍ ପଠାଯାଇଛି । ବାଲେଶ୍ୱରରେ ଲୋକଙ୍କ ଉଦ୍ଧାର ପାଇଁ ୪୦ଟି ଅପରେସନ୍ ଟିମ୍ ସଜାଗ ରହିଥିବା ଏସଆରସି କହିଛନ୍ତି । ଖାରଖଣ୍ଡର ଗାଲୁଡିହ ବ୍ୟାରେଜରୁ ୫ ଲକ୍ଷ କ୍ୟୁସେକ ପାଣି ଓଡ଼ିଶା ଆସୁଛି । ଖାଡ଼ଖଣ୍ଡରେ ଅଧିକ ବର୍ଷା ଯୋଗୁ ଗାଲୁଡିହ ବ୍ୟାରେଜର ୧୬ ଟି ଗେଟ ଖୋଲା ରହିଛି । ମନ୍ତ୍ରୀ ପ୍ରତାପ ଦେବ ବନ୍ୟା ସ୍ଥିତିର ସମୀକ୍ଷା କରୁଥିବା ସୂଚନା ମିଳିଛି ।

## ପୁଣି ଗୃହବନ୍ଦୀ ହେଲେ ମେହବୁବା ମୁଫ୍‌ତି



ନୂଆଦିଲ୍ଲୀ, ୨୧/୦୮ : ଜମ୍ମୁ-କାଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିଡିପି ପ୍ରମୁଖ ମେହବୁବା ମୁଫ୍‌ତିଙ୍କୁ ପୁଣିଥରେ ଗୃହବନ୍ଦୀ କରାଯାଇଛି । ଏନେଇ ନିଜେ ମୁଫତି ଟ୍ୱିଟ୍ ଯୋଗେ ସୂଚନା ଦେଇଛନ୍ତି । ଏହାସହ ପୁଣିଥରେ କାଶ୍ମୀର ପଣ୍ଡିତଙ୍କ ସ୍ଥିତିକୁ ନେଇ ସେ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି । ମୁଫ୍‌ତି ତାଙ୍କ ଟ୍ୱିଟରରେ ଲେଖିଛନ୍ତି ଯେ, କେନ୍ଦ୍ର ସରକାର କାଶ୍ମୀର ପଣ୍ଡିତଙ୍କ ଦୁର୍ଦ୍ଦଶାକୁ ଆହୁରି ତଳକୁ ନେଇଯିବାକୁ ଚାହୁଁଛନ୍ତି । ସରକାରଙ୍କ କଠୋର ନୀତି ପରେ ବି ଯେଉଁମାନେ ଘାଟି ଛାଡି ଯାଇ ନାହାଁନ୍ତି ସେମାନଙ୍କୁ ବାଛି ବାଛି ହତ୍ୟା କରାଯାଉଛି । ହେଲେ ଏହା ବିରୋଧରେ ଯେଉଁମାନେ ସ୍ୱର ଉଠାଉଛନ୍ତି ସେମାନଙ୍କୁ ସରକାର ତାଙ୍କର ଶତ୍ରୁ ବୋଲି ଭାବୁଛନ୍ତି । ଏହି କାରଣରୁ ମୋତେ ଗୃହବନ୍ଦୀ କରାଯାଇଛି ବୋଲି ମୁଫ୍‌ତି ଲେଖିଛନ୍ତି । ଏହା ପୂର୍ବରୁ ମୁଫ୍‌ତି ଆମ୍ ଆଦମୀ ବିରୋଧରେ ପ୍ରଦର୍ଶନକୁ ନେଇ କଂଗ୍ରେସକୁ ଆଲୋଚନା କରିଥିଲେ । ସେ କହିଥିଲେ କି ନିଜେ କଂଗ୍ରେସ କେନ୍ଦ୍ରୀୟ ଯାଂଚ ଏଜେନ୍ସିର ସାମ୍ନା କରୁଥିବା ବେଳେ ଆମ୍ ଆଦମୀ ପାର୍ଟିର ସମର୍ଥନରେ ବିରୋଧୀଙ୍କୁ ଏକଜୁଟ କରିବାରେ ବିଫଳ ହେଉଛି । ଏହାର ଜବାବରେ କଂଗ୍ରେସ ନେତା ମଣିକମ୍ ଟାଗୁର କହିଛନ୍ତି କି ବାସ୍ତବରେ ଦିଲ୍ଲୀ ଉପ ମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ ଓ ତାଙ୍କ ସହଯୋଗୀମାନେ ଦୁର୍ନୀତିରେ ସାମିଲ ଅଛନ୍ତି ।

## ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇ ପାରନ୍ତି ହେମନ୍ତ ସୋରେନ

ନୂଆଦିଲ୍ଲୀ, ୨୧/୦୮ : ଝାଡଖଣ୍ଡ ମୁଖ୍ୟମନ୍ତ୍ରୀଙ୍କ ପାଇଁ ଅଡୁଆ ବଢିବାରେ ଲାଗିଛି । ଖଣି ଖୋଳିବା ପାଇଁ ଦେଇଥିବା ଲିଜ୍ ମାମଲାରେ ୧୦-୧୫ ଦିନ ମଧ୍ୟରେ ନିର୍ବାଚନ କମିଶନ ନିଷ୍ପତ୍ତି ଶୁଣାଇପାରନ୍ତି ବୋଲି ଏକ ସୂତ୍ର ସୂଚନା ମାଧ୍ୟମରେ କୁହାଯାଇଛି । ସୂତ୍ର ସୂଚନା ମୁତାବକ ଯଦି ହେମନ୍ତ ସୋରେନଙ୍କ ବିରୋଧରେ ହୋଇଥିବା ଅଭିଯୋଗ ପ୍ରମାଣିତ ହୁଏ ତେବେ ତାଙ୍କ ମୁଖ୍ୟମନ୍ତ୍ରୀ ପଦ ଯାଇପାରେ । କହିରଖୁ କି ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ବିରୋଧରେ ନିର୍ବାଚନ କମିଶନଙ୍କ ନିଟକରେ ଖନନ ଲିଜ ମାମଲାକୁ ନେଇ ହୋଇଥିବା ଅଭିଯୋଗର ଶୁଣାଣି ଶେଷ ହୋଇଛି ।

▶▶ପୃଷ୍ଠା ୭

## କମେଡିଆନ୍ ରାଜୁ ଶ୍ରୀବାସ୍ତବଙ୍କ ଅବସ୍ଥା ଗୁରୁତର



ନୂଆଦିଲ୍ଲୀ, ୨୧/୦୮ : ଜୋକ୍ସ କହି ଲୋକଙ୍କ ମନ ଖୁସି କରୁଥିବା କମେଡିଆନ୍ ରାଜୁ ଶ୍ରୀବାସ୍ତବଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ସମସ୍ତେ ଚିନ୍ତାରେ । ଏଭଳି ସ୍ଥିତିରେ ଏମ୍ସ ନିର୍ଦ୍ଦେଶକ ରଣଦୀପ ଗୁଲେରିଆ ବଡ ବୟାନ ଦେଇଛନ୍ତି । ରାଜୁଙ୍କ ଅବସ୍ଥା ଗୁରୁତର ଏବଂ ସେ ଆଇସିୟୁରେ ଅଛନ୍ତି ବୋଲି କହିଛନ୍ତି ଗୁଲେରିଆ । ରାଜୁଙ୍କ ଚେତା ଫେରିନି। ଆସନ୍ତା ୨୪ ଘଣ୍ଟା ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ରଣଦୀପ ଗୁଲେରିଆ କହିଛନ୍ତି। ଏହା ଜଣେ ରୋଗୀ ଏବଂ ତାଙ୍କ ପରିବାରର ବ୍ୟକ୍ତିଗତ ବିଷୟ, ତେଣୁ ସେ ଏହି ପ୍ରସଙ୍ଗରେ ଅଧିକ କିଛି ମନ୍ତବ୍ୟ ଦେବାକୁ ଚାହୁଁନାହାଁନ୍ତି ବୋଲି ସେ କହିଛନ୍ତି । ଡାକ୍ତରଙ୍କ କହିବା ମୁତାବକ, ରାଜୁଙ୍କୁ ଆଇସିୟୁର ନ୍ୟୁରୋକାର୍ଡିଓଲଜି ବିଭାଗର ଭେଣ୍ଟିଲେଟର୍‌ରେ ରଖାଯାଇଛି । ବର୍ତ୍ତମାନ ତାଙ୍କ ସ୍ୱାସ୍ଥରେ କୌଣସି ସୁଧାର ଆସିନାହିଁ। ଯଦିଓ ବ୍ରେନ୍ ଡେଡ୍ ହୋଇଥିବା ଖବରକୁ ଡାକ୍ତର ଖଣ୍ଡନ କରିଛନ୍ତି। କିନ୍ତୁ ତାଙ୍କ ଚିକିତ୍ସା ପାଇଁ ଆସନ୍ତା ୨୪ ଘଣ୍ଟା ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ରଣଦୀପ ଗୁଲେରିଆ କହିଛନ୍ତି।

## ପୁରୀ ଜିଲ୍ଲାର ବନ୍ୟା ପ୍ରଭାବିତ ଅଂଚଳରେ ୨୨ ଓ ୨୩ ତାରିଖରେ ବନ୍ଦ ରହିବ ସ୍କୁଲ : ସମୀର ଦାଶ

ଭୁବନେଶ୍ୱର,୨୧/୦୮ (ନି.ପ୍ର): ପୁରୀ ଜିଲ୍ଲାର ବନ୍ୟା ପ୍ରଭାବିତ ଅଂଚଳରେ ଆଉ ୨ ଦିନ ସ୍କୁଲଗୁଡ଼ିକ ବନ୍ଦ ରହିବ। ଅର୍ଥାତ ଅଗଷ୍ଟ ୨୨ ଓ ୨୩ ତାରିଖ (ସୋମବାର ଓ ମଙ୍ଗଳବାର) ବନ୍ୟା ପ୍ରଭାବିତ ଅଂଚଳର ସ୍କୁଲଗୁଡ଼ିକ ବନ୍ଦ ରହିବ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ଦାଶ କହିଛନ୍ତି ଯେ, ଅନ୍ୟ ବନ୍ୟା ପ୍ରଭାବିତ ଜିଲ୍ଲାରେ ସ୍କୁଲ ଛୁଟି ନେଇ ଜିଲ୍ଲାପାଳ ନିଷ୍ପତି ନେବେ।

## ଓଡିଶା ଉପରେ 'ଆପ୍'ର ନଜର





ଭୁବନେଶ୍ୱର,୨୧/୦୮ (ନି.ପ୍ର): ଦିଲ୍ଲୀ, ପଞ୍ଜାବରେ ସରକାର ଗଢିବା ପରେ ଏବେ ସାରା ଦେଶରେ ପାଦ ଥାପିବାକୁ ଲକ୍ଷ୍ୟ ରଖିଛି ଆମ୍ ଆଦମୀ ପାର୍ଟି । ଓଡିଶାରେ ବିଜେଡି-ବିଜେପି ଗୋଟିଏ ଦଳ କହି ବିକଳ୍ପ ଦଳ ହେବାକୁ ଅଣ୍ଟା ଭିଡିଛି ଅରବିନ୍ଦ କେଜ୍ରିୱାଲଙ୍କ ଦଳ ଆପ୍ । ଏଥିପାଇଁ ଆରମ୍ଭ କରିଛି ପ୍ରସ୍ତୁତି । ପ୍ରଭାରୀ ବୀରେନ୍ଦ୍ର ସିଂହ କାଡିୱାନା ଏବଂ ରାଜ୍ୟ ଆବାହକ ନିଶିକାନ୍ତ ମହାପାତ୍ରଙ୍କ ସମେତ ଅନ୍ୟ ଶୀର୍ଷ ନେତା ବୈଠକ କରି ୨୦୨୪ ପାଇଁ ରଣନୀତି ପ୍ରସ୍ତୁତ କରିଛନ୍ତି । କିଭଳି ଦଳ ତୃଣମୂଳ ସ୍ତରରୁ ମଜବୁତ ହେବ, ସଦସ୍ୟ ସଂଖ୍ୟା ବଢିବେ ସେ ନେଇ ଆରମ୍ଭ ହୋଇଛି ରଣନୀତି । ଆଗକୁ ଅନେକ ଦଳର ନେତା ଆପ୍ ସହ ଯୋଡି ହେବେ ବୋଲି ଦଳ କହିଛି । ଦୀର୍ଘ ଦିନ ଧରି ଓଡିଶାରେ ବିଜେଡି କ୍ଷମତାରେ ରହିଛି । ହେଲେ ଏଯାବତ ଲୋକଙ୍କ ସମସ୍ୟା ଦୂର କରିବାରେ ବିଜେଡି ବିଫଳ ହୋଇଛି ବୋଲି ଆମ୍ ଆଦମୀ ପାର୍ଟି କହିଛି । ସେପଟେ ବିଜେଡି ମଧ କହିଛି ବିଜେଡି ରାଜ୍ୟରେ ଏକ ଦଳ ନୁହେଁ ବରଂ ଜନ ଆନ୍ଦୋଳନରେ ପରିଣତ ହୋଇଛି । ଦୁର୍ନୀତି ବିରୋଧୀ ନାରା ଦେଇ କ୍ଷମତାକୁ

▶▶ପୃଷ୍ଠା ୭

## ମହିଳା ଇଞ୍ଜିନିୟରଙ୍କ ଆତ୍ମହତ୍ୟା ଅଭିଯୋଗ



ଭୁବନେଶ୍ୱର,୨୧/୦୮ (ନି.ପ୍ର): ଭୁବନେଶ୍ୱରରେ ଜଣେ ମହିଳା ସଫ୍ଟୱେର ଇଂଜନିୟରଙ୍କ ଆତ୍ମହତ୍ୟା କରିଥିବା ନେଇ ଅଭିଯୋଗ ହୋଇଛି । । ଶୈଳଶ୍ରୀ ବିହାରର ଏକ ଆପାର୍ଟମେଂଟରୁ ତାଙ୍କର ମୃତଦେହ ଉଦ୍ଧାର କରାଯାଇଛି । ମୃତକ ହେଲେ ଶ୍ୱେତା ଉତ୍କଳ କୁମାରୀ , ଘର ଭଦ୍ରକ । ଭୁବନେଶ୍ୱରରେ ଏକ ପ୍ରତିଷ୍ଠିତ ସଫଓ୍ୱେର କମ୍ପାନିରେ ସେ କାମ କରୁଥିଲେ । କବାଟ ଭାଙ୍ଗି ପୋଲିସ ତାଙ୍କ ଘରେ ପ୍ରବେଶ କରିବା ପରେ ଦେଖିଲା ଯୁବତୀଙ୍କ ମୃତଦେହ ଫ୍ୟାନରେ ଝୁଲୁଥିବା ଦେଖିବାକୁ ପାଇଥିଲା । ଶ୍ୱେତାଙ୍କ ଆପାର୍ଟମେଂଟରୁ ଏକ ଡାଏରି ଓ ତାଙ୍କ ଫୋନ୍ ଜବତ କରାଯାଇଛି । ବ୍ୟବଚ୍ଛେଦ ପରେ ମୃତଦେହକୁ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

## ୨୩ରୁ ୩ ଦିନ ରାଜ୍ୟରେ ପୁଣି ବର୍ଷା

ଭୁବନେଶ୍ୱର, ୨୧/୦୮ (ନି.ପ୍ର): ଦିନକ ପରେ ଅର୍ଥାତ୍ ଆସନ୍ତା ୨୩ରୁ ୩ ଦିନ ରାଜ୍ୟରେ ପୁଣି ବର୍ଷା ସମ୍ଭାବନା। ଉପକୂଳ, ଆଭ୍ୟନ୍ତରୀଣ ଓ ଦକ୍ଷିଣ ଓଡ଼ିଶାରେ ଘଡ଼ଘଡ଼ି ସହ ବର୍ଷା ହେବ। ତେବେ ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜରେ ପ୍ରବଳ ବର୍ଷା। ପୂର୍ବାନୁମାନ କରାଯାଇଛି। ଭୁବନେଶ୍ୱର ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ଏନେଇ ଆଜି ସୂଚନା ଜାରି କରାଯାଇଛି। ଏଥିରେ କୁହାଯାଇଛି, ୨୩ରୁ ୨୪ ତାରିଖ ଭିତରେ ଉପକୂଳ-ଆଭ୍ୟନ୍ତରୀଣ ଜିଲ୍ଲାମାନଙ୍କରେ ହାଲକାରୁ ମଧ୍ୟମ ଧରଣର ବର୍ଷା। ହୋଇପାରେ। ଏହି ଜିଲ୍ଲାଗୁଡ଼ିକ ମଧ୍ୟରେ ଭଦ୍ରକ, ଯାଜପୁର, ଢେଙ୍କାନାଳ, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, କଟକ, ନୟାଗଡ଼ା, ଗଞ୍ଜାମ, କନ୍ଧମାଳ, ଗଜପତି, ରାୟଗଡ଼ା ଓ କଳାହାଣ୍ଡି ରହିଛି। ୨୪ରୁ ୨୫ ତାରିଖ ପର୍ଯ୍ୟନ୍ତ ଦକ୍ଷିଣ-ଆଭ୍ୟନ୍ତରୀଣ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ।

▶▶ପୃଷ୍ଠା ୭


ଦୈନିକ ନିରପେକ୍ଷ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

୩୩ଶ

ବାର୍ଷିକ ଉତ୍ସବ ସମାରୋହ-୨୦୨୨

ଅବଗାଣନା।

୭ ଦିନ ବାକି

ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବିଶିଷ୍ଟ ସାହିତ୍ୟ ସାଧକମାନଙ୍କ ସମାଗମରେ ସ୍ୱଚରିତ କବିତା ପାଠୋତ୍ସବ, ପ୍ରତିଭା ସମ୍ମାନ ପର୍ବ ଏବଂ ବହୁ ଆକାଂକ୍ଷିତ 'ଧ୍ୱନି ପ୍ରତିଧ୍ୱନି'ର ବାର୍ଷିକ ବିଶେଷାଙ୍କ ଉନ୍ମୋଚନ କରାଯିବ । ସମସ୍ତଙ୍କୁ ସାଦର ଆମନ୍ତ୍ରଣ ।

୨୮ ଅଗଷ୍ଟ, ୨୦୨୨, ରବିବାର @ପୂର୍ବାହ୍ନ- ୯ଟା

ସ୍ଥାନ : ଭେନିୟା ପାରାଡାଇଜ, ବାଲେଶ୍ୱର

# ଉଜୁଡ଼ିଗଲାଣି ପାନ ବରଜ : ଚାଷୀ ହତାଶ

ପୁରୀ,୨୧/୦୬ (ନି.ପ୍ର): ଚନ୍ଦନପୁରରେ ଥିବା ବିଭିନ୍ନ ପାନ ବରଜ ଭାଂଗି ଯିବା ସହ ବରଜିଙ୍କ ମେରୁଦଣ୍ଡ ଦୋହଲି ଯାଇଛି। ପାନ ବ୍ୟବସାୟ କରି ପରିବାର ଚଳାଉଥିବା ଚାଷୀମାନେ ଏବେ ହାତ ବାଂଧି ବସିଛନ୍ତି । ପାନ ଅର୍ଥକାରୀ ଫସଲ ହୋଇଥିଲେ ମଧ ସରକାର ଏଥିପ୍ରତି ଦୃଷ୍ଟି ଦେଉନଥିବାରୁ ବରଜ ମାଲିକମାନେ ବରଜ ଭାଂଗି ଦେବାକୁ ପ୍ରୟାସ କଲେଣି । ବରଜରେ କାମ କରୁଥିବା ମୂଲିଆମାନେ କାମ ନପାଇ ଦାଦନ ଖଟିବାକୁ ଚାଲିଗଲେଣି । ବିଭିନ୍ନ ବ୍ୟାଂକରୁ ଋଣ ଆଣି ବରଜ କରିଥିବା ବ୍ୟବସାୟୀମାନେ ଋଣ ଶୁଝି ନପାରି ଏବେ ଆର୍ଥିକ ଅନଟନ ମଧରେ କାଳାତିପାତ କରୁଥିବା ଦେଖିବାକୁ ମିଳିଛି । ପାନ ଦର ରାଜ୍ୟ ସରକାର ଠିକ୍ କରିନଥିବାରୁ ପାନର ଅଭାବୀ ବିକ୍ରୀ ଦେଖିବାକୁ ମିଳିଛି । ଚନ୍ଦନପୁର ଠାରେ ପାନ ରଖିବାପାଇଁ ଶୀତଳ ଭଣ୍ଡାର ନଥିବାରୁ ଚାଷୀଙ୍କ ପାନ ଘରେ ରହି ପୋଚିସଢ଼ି ଯାଉଛି । ପାନର ଦର କମିଯିବା। ପରେ ପାନ ବିକ୍ରି ହେଉନଥିବା ଚାଷୀ ମାନେ ଅଭିଯୋଗ କରିଛନ୍ତି । ରାଜ୍ୟ ସରକାର ଧାନ ପାଇଁ ଯେପରି ମୂଲ୍ୟ ନିର୍ଦ୍ଧାରଣ କରୁଛନ୍ତି ସେହିପରି ପାନ ପାଇଁ ମଧ ମୂଲ୍ୟ ନିର୍ଦ୍ଧାରଣ କରିବାପାଇଁ ଚାଷୀସଂଘ ନେତା ତପନ ଉପାଧ୍ୟାୟ କହିଛନ୍ତି । ପାନ ପଣ (୧୦୦୦ଖଣ୍ଡ)କୁ ୩୦ ଟଂକାରେ ବିକିବା ପାଇଁ ବରଜ ମାଲିକ ବାଧ ହେଉଛନ୍ତି । କେନାଲରେ ପାଣି ମାଡୁନଥିବାରୁ ପାନ ବରଜକୁ ପାଣି ମଡ଼ାଇବାପାଇଁ ଚାଷୀ ଅଧିକ ଖର୍ଚ୍ଚାନ୍ତ ହେଉଛି । ମୂଲିଆ ମାଟି ବାଉଁଶ ଓ ଭାଡ଼ି ଖର୍ଚ୍ଚ ବଢ଼ି ଯାଉଥିବାରୁ ପାନ ବରଜ କରିବା ଏବେ କଷ୍ଟସାଧ ହୋଇପଡ଼ିଲାଣି । ବନ୍ୟା, ବାତ୍ୟା ସମୟରେ ପାନ ବରଜ ଭାଂଗି ଯାଉଥିବାରୁ ଚାଷୀମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ମିଳିପାରୁନାହିଁ । ଚନ୍ଦନପୁର ଠାରେ ବରଜ ମାଲିକମାନଙ୍କୁ ଏକତ୍ରିତ କରି ବ୍ଲକ ପ୍ରଶାସନ ପକ୍ଷରୁ ସେମାନଙ୍କ ସୁବିଧା ଅସୁବିଧା ନିରାକରଣ କରିବା ସହ ଶୀତଳ ଭଣ୍ଡାର ପ୍ରତିଷ୍ଠା କରିବାପାଇଁ ଚାଷୀମାନେ ଦାବି କରିଛନ୍ତି ।

# ଦାରିଙ୍ଗବାଡ଼ିରେ ଲଗାଣ ବର୍ଷା, ଜନଜୀବନ ଅସ୍ତବ୍ୟସ୍ତ

କନ୍ଧମାଳ,୨୧/୦୬ (ନି.ପ୍ର): କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଅଂଚଳରେ ଲଗାଣ ବର୍ଷା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ସକାଳ ୮ସୁଦ୍ଧା ୫୩ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବ୍ଲକ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ପ୍ରବଳ ବର୍ଷା ଯୋଗୁ ତିଲୋରୀ ପଚାଂୟତ ସାମନବାଡ଼ି ନିକଟ ପୋଲକୁ ସଂଯୋଗ କରୁଥିବା ରାସ୍ତା ଧୋଇ ହୋଇଯାଇଛି। ସେହିପରି ଉକ୍ତ ବ୍ଲକର ସିମନବାଡ଼ି-ରାଇକିଆକୁ ସଂଯୋଗ କରୁଥିବା ପୂର୍ତ ବିଭାଗ ରାସ୍ତାର ମୁରୁଡ଼ିକୁପୁଡ଼ା ନିକଟରେ ଏକ ଡାଇଭର୍ସନ ରାସ୍ତା ଉପରେ ୪ ଫୁଟ୍ ଉଚ୍ଚରେ ପାଣି ପ୍ରବାହିତ ହେଉଛି। ଫଳରେ ଯାତାୟତ ଠପ୍ ହୋଇଯାଇଛି। ଉକ୍ତ ରାସ୍ତା ଗତ ରବିବାର ଧୋଇଯାଇଥିବା ବେଳେ ତାକୁ ବୁଧବାର ମରାମତି ପରେ ଯାତାୟତ ସ୍ୱାଭାବିକ ହୋଇଥିଲା। ପୁଣି ମାତ୍ର ଦୁଇଦିନ ପରେ ବର୍ଷା କାରଣରୁ ଉକ୍ତ ରାସ୍ତା ଉପରେ ବର୍ଷା ଜଳ ୪ ଫୁଟ୍ ଉଚ୍ଚରେ ପ୍ରବାହିତ ହେଉଥିବା ବେଳେ ଭଙ୍ଗା ପୋଲ ନିକଟରେ ପ୍ରାୟ ୫୦ ଫୁଟ ପାଣି ଜମି ରହିଛି। ସେହିପରି ସିମନବାଡ଼ି ଠାରୁ ଦାରିଙ୍ଗବାଡ଼ିକୁ ସଂଯୋଗ କରୁଥିବା ୫୯ନଂ ଜାତୀୟ ରାଜପଥର ଶ୍ରୀନିକେତା ଘାଟିରେ ପାଇନଗଛ ପଡ଼ିବାରୁ ରାସ୍ତା ଅବରୋଧ ହୋଇଛି।

# ଭଗବାନଙ୍କଠାରୁ ଭକ୍ତ ମହତ୍ତ୍ୱପୂର୍ଣ୍ଣ : ରାଜ୍ୟପାଳ

ପୁରୀ ,୨୧/୦୬ (ନି.ପ୍ର): ଶ୍ରୀମଦ ଭାଗବତ କଥା ଜ୍ଞାନ ଯଜ୍ଞ କାର୍ଯ୍ୟକ୍ରମ ରେ ଯୋଗ ଦେଇ ଏକ ସୁନ୍ଦର ଭଜନ ଗାଇ ଉପସ୍ଥିତ ଶ୍ରୋତା ଓ ଦର୍ଶକ ଙ୍କୁ ରାଜ୍ୟପାଳ ଶ୍ରୀ ଗଣେଶୀ ଲାଲ ମନ୍ତ୍ରମୁଗ୍ଧ କରିଦେଇଥିଲେ। ପୁରୀ ଚକ୍ରତୀର୍ଥ ରୋଡ ସ୍ଥିତ ଶ୍ରୀ ପୁରୁଷୋତ୍ତମ ବାଟିକା ପରିସରରେ ଚଳିତ ମାସ ୨୦ ତାରିଖ ଠାରୁ ୨୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି ଶ୍ରୀ ଭାଗବତ କଥା ଜ୍ଞାନ ଯଜ୍ଞ। ଏଥିରେ ମୁଖ୍ୟ ଅତିଥି ଭାବେ ଆଜି ଯୋଗ ଦେଇ ରାଜ୍ୟପାଳ ଗଣେଶୀ ଲାଲ ଭଗବାନଙ୍କ ଠାରୁ ଭକ୍ତ ଅଧିକ ମହତ୍ତ୍ୱପୂର୍ଣ୍ଣ ।ଏହା ବିଭିନ୍ନ ସମୟରେ ପ୍ରମାଣିତ କରି ଭଗବାନ ଭକ୍ତ କୁ ଶ୍ରେଷ୍ଠ କରିଛନ୍ତି ବୋଲି କହିବା ସହ ମା ର ବିକଳ୍ପ ନାହିଁ ବୋଲି କହିଥିଲେ। ସ୍ୱୟଂ ଭଗବାନ ମଧ ମା ର ସ୍ନେହ ମମତା ପାଇଁ ଧରା ପୃଷ୍ଠକୁ ଓହ୍ଲେଇ ଆସନ୍ତି ବୋଲି କହିବା ସହ ଭବ ସାଗରରୁ ଉଦ୍ଧାର ପାଇଁ ଭଗବତ ଚିନ୍ତନ, ଶ୍ରବଣ ଓ ସ୍ମରଣ ଉପରେ ଗୁରୁତ୍ୱ ଦେଇଥିଲେ। ବିଶିଷ୍ଟ ଆଧାତ୍ମିକ ପ୍ରବଚକ ଡଃ ନରେଶ ଚନ୍ଦ୍ର ଶାସ୍ତ୍ରୀ ଭାଗବତ ର ସୃଷ୍ଟି , ଭାଗବତ ଶ୍ରବଣ,ମନ୍ଥନ, ଭକ୍ତି , ଜ୍ଞାନର ଆଲୋଚନା, ଭାଗବତ କଥାମୃତର ଅନୁପାଳନ ଓ ସମାଜ ପାଇଁ ତାହାର ଆବଶ୍ୟକତା ସମ୍ପର୍କରେ ବିଷଦ ଆଲୋକପାତ କରିଥିଲେ। ରାଜ୍ୟପାଳ ଆଳତୀ କରିଥିଲେ। ମାତାରାଣୀ ଦୟା କି ଜୀୟେ ଭଜନ ଟିକୁ ସୁଲଳିତ କଣ୍ଠରେ ଗାନ କରି ରାଜ୍ୟପାଳ ସମସ୍ତ ଙ୍କୁ ଚମତକୃତ ଓ ବିମୋହିତ କରିଦେଇଥିଲେ। ସେହିପରି ରାଜ୍ୟପାଳ ଙ୍କ ପୁଅ ଶ୍ରୀ ମନୀଷ ସିଂଘାଲ ମଧ ଭଜନ ଗାଇ ସମସ୍ତ ଙ୍କ ମନ ମୋହିଥିଲେ। ତୀର୍ଥ କଥା ମଣ୍ଡଳ ଦିଲ୍ଲୀ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ସଦସ୍ୟ ପୱନ ଅଗ୍ରୱାଲ, ଦୀନେଶ ଗର୍ଗ,ନବୀନ ଗର୍ଗ,ବଜରଙ୍ଗ ଜୈନ, ଅଭିଷେକ ଗୋୟଲ ପ୍ରମୁଖ ସହଯୋଗ କରିଥିଲେ।

# ୧୩୩ କେଜି ଗଞ୍ଜେଇ ଜବତ : ୩ ଗିରଫ

ମାଲକାନଗିରି ,୨୧/୦୬ (ନି.ପ୍ର): ମାଲକାନଗିରି ଜିଲ୍ଲା ଚିତ୍ରାକୋଣ୍ଡା ଥାନା ଏସ.ଆଇ ବିଘ୍ନ କିଶୋର ଧଳଙ୍କ ନେତୃତ୍ୱରେ ପୋଲିସ ଟିମ ଗତକାଲି ସନ୍ଧ୍ୟାରେ ମନ୍ତ୍ରୀପୁଟ -ଟନେଲକ୍ୟାମ୍ପ ରାସ୍ତାରେ ପେଟ୍ରୋଲିଙ୍ଗ କରୁଥିଲେ !ଏହି ସମୟରେ ସେମାନେ ଦେଖିବାକୁ ପାଇଥିଲେ ଗୋଟିଏ ସିଲଭର ରଙ୍ଗ ମାରୁତି ସ୍ୱିଫ୍ଟ ଡିଜାଇର କାରରେଜିଷ୍ଟ୍ରସନ ନମ୍ବର ଓଡି ୦୨ ବି ଏଲ ୯ ୧ ୩ ୦ ଓ କାର ପଛରେ ଆର ଏସ ସି ୩ ନମ୍ବର ଗାଁ ପଟୁ ଓଡି ୧ ୦ଜେ ୬ ୨ ୨ ୧ ନମ୍ବର ମୋଟରସାଇକେଲ ଆସୁଥିଲା । ସେମାନେ ପୋଲିସ ଟିମକୁ ଦେଖି ଗାଡି ଛାଡି ଧାଇଁ ପଳାଇବାକୁ ଚେଷ୍ଟା କରୁଥିବା ବେଳେ ପୋଲିସ ତାଙ୍କ ପିଛା କରି ୩ ଜଣକୁ ଧରିବାରେ ସଫଳ ହୋଇଥିଲେ। କାର୍ ଭିତରେ ଯାଞ୍ଚ କରିବାରୁ ପ୍ଲାଷ୍ଟିକ୍ ଜରି ବ୍ୟାଗ୍ ଥିବା ଦେଖିବାକୁ ପାଇଥିଲେ। ୨ ଟି ଗାଡିକୁ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରି ଥାନାକୁ ଆଣିଥିଲେ । ପରେ ଜରି ବ୍ୟାଗ ଗୁଡିକ ଫିଟାଇବାରୁ ସେଥିରେ ୧୩୩ କେଜି ୫୦୦ଗ୍ରାମ ଗଞ୍ଜେଇ ଥିବା ଜଣାପଡିଥିଲା। ଏହି ଗଞ୍ଜେଇ କୁ ଛତିଶଗଡ ରାଜ୍ୟ ରାୟପୁର କୁ ବିକ୍ରୀ କରିବାକୁ ଚେଷ୍ଟା କରୁଥିଲେ ଏବଂ ଏହି ସଂପର୍କରେ ଚିତ୍ରାକୋଣ୍ଡା ଥାନା ମାମଲା ନଂ- ୧ ୦୩ /୨ ୨ ପଞ୍ଜିକୃତ ହୋଇ ଏହି ଗଞ୍ଜେଇ ଚୋରା ଚାଲାଣ ଆଉ କେଉଁ ମାନେ ସମ୍ପୃକ୍ତ ଅଛନ୍ତି ସେ ନେଇ ଅଧିକ ଅନୁସନ୍ଧାନ ଜାରି ରହିଛି ! ଗିରଫ ଅଭିଯୁକ୍ତ ମାନେ ହେଲେ ରାୟଗଡା ଜିଲ୍ଲା ସଦର ମହକୁମା ର ଶ୍ରୀଧର ପାଣିଗ୍ରାହୀ (୩୦), ଆନ୍ଧ୍ରପ୍ରଦେଶ ରାଜ୍ୟ ବିଶାଖାପାଟଣା ଜିଲ୍ଲା ନନ୍ଦଗିରିନଗର ଗ୍ରାମର ଟି. ସରଣ ରାଜ (୩୦)ଓ ମାଲକାନଗିରି ଥାନା ଅନ୍ତର୍ଗତ ଏମଭି ୧ ୧ ୧ ଧନୁର୍ଜୟ ଖରା। ଆଜି ସମସ୍ତ ଅଭିଯୁକ୍ତ ଙ୍କୁ କୋର୍ଟ ଚାଲାଣ କରାଯାଇଥିଲା ଜାମିନ ନାମଞ୍ଜୁର ହେବାରୁ ୩ ଜଣ ଅଭିଯୁକ୍ତ ଙ୍କୁ ବିଚାରବିଭାଗୀୟ ହାଜତ କୁ ପଠାଯାଇଥିବା ଚିତ୍ରକୋଣ୍ଡା ଥାନା ଅଧିକାରୀ ଅନିଲ କୁମାର ପରିଡା ସୂଚନା ଦେଇଛନ୍ତି।

# ଆଜି ଫୁଲବାଣୀରେ ପହଂଚିବ ଗାନ୍ଧିଜୀଙ୍କ ଅହିଂସା ବାର୍ତା ପ୍ରଚାର ରଥ

କନ୍ଧମାଳ,୨୧/୦୬ (ନି.ପ୍ର): ଓଡ଼ିଶା ସରକାରଙ୍କ ନିଷ୍ପତି କ୍ରମେ ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଅବଦାନକୁ ଏକ ଭବ୍ୟ ଢଙ୍ଗରେ ସ୍ମରଣ କରିବା ପାଇଁ ସ୍ୱାଧୀନତାର ୭୫ ତମ ବର୍ଷ ପାଳନର ଏକ ଅଂଶ ଭାବରେ ୪ଗୋଟି ଅହିଂସା ରଥ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲା ପରିକ୍ରମା କରି ଗାନ୍ଧିଜୀଙ୍କ ଅହିଂସା ବାର୍ତା ପ୍ରଚାର କରୁଛି ।ଏଲ.ଇ.ଡି. ଭିଡିଓ ଥିବା ଭ୍ୟାନ୍ ଚଳିତ ମାସ ୧୫ ତାରିଖରୁ ପରିକ୍ରମା ଆରମ୍ଭ କରିସାରିଛି ଏବଂ ତାହା ଅକ୍ଟୋବର ମାସ ୨ ତାରିଖ ପର୍ଯ୍ୟନ୍ତ ପରିକ୍ରମା କରିବ ବୋଲି ଜଣାପଡ଼ିଛି ।ଏହି କ୍ରମରେ ତା ୨୨.୦୮.୨୦୨୨ ରିଖ ଦିନ ପୂର୍ବ ନିଷ୍ପତି ଅନୁଯାୟୀ ଦୁଇଟି ରଥ କନ୍ଧମାଳ ଜିଲ୍ଲାକୁ ପ୍ରବେଶ କରିବ ଏବଂ ୨୪ ତାରିଖ ପର୍ଯ୍ୟନ୍ତ ଏହି ଜିଲ୍ଲାରେ ପରିକ୍ରମା କରିବ । ସେହିଦିନ ଅପରାହ୍ନରେ ଖଜୁରୀପଡ଼ା ଠାରେ ରଥ ଦୁଇଟିକୁ ଅଭ୍ୟର୍ଥନା ପାଇଁ ଜିଲ୍ଲା ପ୍ରଶାସନ ଦ୍ୱାରା ବ୍ୟବସ୍ଥା କରାଯାଇଛି । ତାଦ' ପରେ ରଥ ଫୁଲବାଣୀ ଅଭିମୁଖେ ଯାତ୍ରା କରିବ ଏବଂ ଏଫ୍.ସି.ଆଇ. ଛକ ଠାରେ ଅଭ୍ୟର୍ଥନା କରାଯିବା ପାଇଁ ବ୍ୟବସ୍ଥା କରାଯାଇଛି । ପରେ ପରେ ଗାନ୍ଧୀ ସ୍ମୃତି ଭବନଠାରେ ସ୍ୱଳ୍ପ ସମୟର ବୈଠକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି । ଗାନ୍ଧିଜୀଙ୍କ ଓଡ଼ିଶା ଆଗମନ ଓ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀମାନଙ୍କ ଉପରେ ସଭାଗୃହ ଠାରେ ଓ ଏମ୍.କେ.ଏସ.ପି. ପରିସର ମଧରେ ଭିଡିଓ ଚଳଚିତ୍ର ପ୍ରଦର୍ଶନ କରାଯିବ । ସେହିପରି ୨୩ ତାରିଖ ସକାଳ ୭ଟାରୁ ଗୋଟିଏ ରଥ ଟିକାବାଲି,ଚକାପାଦ ଦେଇ ଘୁ. ଉଦୟଗିରି ଯିବ ଏବଂ ଅନ୍ୟ ରଥଟି ଫିରିଙ୍ଗିଆ, କେ. ନୂଆଗାଁ ଦେଇ ବାଲିଗୁଡ଼ା ଯିବ ଏବଂ ସେଠାରେ ରାତ୍ରିରହଣି କରିବ । ପର ଦିନ ଅର୍ଥାତ୍ ୨୪ ତାରଖରେ ଘୁ. ଉଦୟଗିରିରେ ରାତ୍ରିରହଣି କରିଥିବା ରଥ ସକାଳ ୭ଟାରେ ବାହାରି ରାଇକିଆ ଓ ଦାରିଙ୍ଗିବାଡ଼ି ପରିକ୍ରମା କରି ଫୁଲବାଣୀ ଫେରିଆସିବ ଏବଂ ଅନ୍ୟ ରଥଟି ତୁମୁଡ଼ିବନ୍ଧ ଓ କୋଟଗଡ଼ ପରିକ୍ରମା କରି ଫୁଲବାଣୀ ଫେରିଆସିବ । ୨୫ ତାରିଖ ଦିନ ପୂର୍ବାହ୍ନରେ ରଥ ଦ୍ୱୟକୁ ବୌଦ୍ଧ ଜିଲ୍ଲା ପ୍ରଶାସନକୁ ହସ୍ତାନ୍ତର କରାଯିବବୋଲି ସ୍ଥିର କରାଯାଇଛି ।

# ଚୋରି ମାମଲାରେ ୨ ଗିରଫ

ଜୟପୁର ,୨୧/୦୬ (ନି.ପ୍ର): ଜୟପୁର ସଦର ପୋଲିସ ଚୋରି ମାମଲାରେ ୨ ଜଣକୁ ଗିରଫ କରିଛି । ଗିରଫ ୨ ଅଭିଯୁକ୍ତ ହେଲେ ହାଟପଦାର ସଞ୍ଜୟ ବେନିୟା ଓ ରାଜୁ ଏଲିୟସ ମୋଟୁ ମାଝୀ । ପୋଲିସ ସୁଚନା ଅନୁଯାଇ ଗତ ୧୪.୭ .୨୨ ତାରିଖରେ ବିସିଂପୁର ଥାନା ଅନ୍ତର୍ଗତ ନାରିଗାଁର ଅଶ୍ୱିନି କୁମାର ନାଗ ବର୍ତ୍ତମାନ ଜୟପୁର ନିକଟ ଏକାଟାଗୁଡାର ପଦ୍ମାବତୀ ନଗରରେ ପରିବାର ସହ ରହୁଛନ୍ତି । ଗତ ୧୩ ତାରିଖ ବଳମ୍ପିତ ରାତ୍ର ରେ ଘରେ ନଥିବାର ସୁଯୋଗ ନେଇ ଦୁବୃତ୍ତ ମାନେ ଗ୍ରିଲ ଗେଟ କବାଟ ଭାଙ୍ଗି ଏଲଇଡି ଡିଭି, ହୋମ ଥିଏଟର, ମୋବାଇଲ ଫୋନ, ସୁନା ମୁଦି, ରୁପା ପାଉଞ୍ଜି ସେଟ ସହ ୭୦ ହଜାର ଟଙ୍କାର ସାମଗ୍ରୀ ଚୋରି କରି ନେଇ ଥିଲେ । ଏନେଇ ଅଭିଯୋଗ ହେବାରୁ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଚୋରି ହୋଇଥିବା ମୋବାଇଲ, ଏଲଇଡି, ହୋମଥିଟେର ଓ ୨ଟି ପାଉଞ୍ଜି ଜବତ କରିଛି । ଏହି ମାମଲାରେ ଜଣେ ଫେରାର ଥିବା ବେଳେ ୨ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇ ଥିବା ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୁଚନା ଦେଇଛନ୍ତି ।

# ଲଗାଣ ବର୍ଷାରେ ଭୁଶୁଡିଲା ଘର : ସରକାରୀ ସାହାଯ୍ୟ ଅପେକ୍ଷାରେ

ବଲାଙ୍ଗିର ,୨୧/୦୬ (ନି.ପ୍ର): ପଶ୍ଚିମ ଓଡ଼ିଶାରେ ଲଗାଣ ବର୍ଷା କିଛିଦିନ ହେଲା ଲାଗିରହିଛି। କୋଉଠି ବର୍ଷା ପାଣିରେ ଲୋକେ ଉବୁଟୁବୁ, ତ ଆଉ କୋଉଠି ଘର ଭାଙ୍ଗିଯିବାରୁ ବେସାହାରା । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ପାଟଣାଗଡ଼ ଉପଖଣ୍ଡର ଖପ୍ରାଖୋଲ ବ୍ଲକ ଧନ୍ଦାମୁଣ୍ଡା ଗାଁର ଖୀରସିନ୍ଧୁ ବରିହାଙ୍କ ପରିବାରରେ। ସୂଚନା ଅନୁସାରେ ଗତ ଲଗାଣ ବର୍ଷାରେ ଖୀରସିନ୍ଧୁଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି । ତାଙ୍କ ପରିବାରର ୫ ଜଣ ସଦସ୍ୟ ଏବେ ବହୁ କଷ୍ଟରେ ଅନ୍ୟ ଜଣଙ୍କ ଘରେ ଆଶ୍ରୟ ନେଉଥିବା ଦୃଶ୍ୟ ଦେଖିବାକୁ ମିଳିଛି । ଖୀରସିନ୍ଧୁଙ୍କ ପରିବାର ମୁଣ୍ଡଗୁଞ୍ଜିବା ପାଇଁ ଜାଗା ନାହିଁ, ଏବେ ପୁରା ପରିବାର ବେସାହାରା ହୋଇପଡିଛନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରଶାସନ ଏମାନଙ୍କ ପାଖରେ ପହଞ୍ଚି ପାରିନଥିବା ଏକ ଦୁଃଖର ବିଷୟ ବୋଲି ଆଲୋଚନା ହେଉଛି । ଗାଁର ଜଣେ ବାଦାନ୍ୟ ବ୍ୟକ୍ତି ଗୋଟିଏ ପଲିଥିନ ଦେଇଥିବା ବେଳେ କୌଣସି ସରକାରୀ ସାହାଯ୍ୟ ମିଳି ନଥିବା ସେ ଅଭିଯୋଗ କରିଛନ୍ତି । ଘଟଣା ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ବୈଦ୍ୟନାଥ ମିଶ୍ର ଏ ବିଷୟରେ ଖବର ପାଇବା ପରେ ତୁରନ୍ତ ସହଯୋଗ କରିବା ପ୍ରତିଶ୍ରୁତି ଦେଇଥିଲେ, ପରିବାରକୁ ତୁରନ୍ତ ସାହାଯ୍ୟ କରିବା କୁ ଅନୁରୋଧ କରାଯାଇଛି ।

# କଲେଜ କ୍ୟାମ୍ପସ ଭିତରେ ପାଣି : ଛାତ୍ରଛାତ୍ରୀ ହନ୍ତସନ୍ତ

ପୁରୀ,୨୧/୦୬ (ନି.ପ୍ର): ରାଜ୍ୟର ସର୍ବପୁରାତନ ଏସ୍‌ସିଏସ୍ କଲେଜର ଗେଟ୍ ପାଖରେ ଟିକିଏ ବର୍ଷା ହେଲେ ପାଣି ଜମି ରହୁଥିବା ଦେଖିବାକୁ ମିଳିଛି । ଯାହାଫଳରେ ଛାତ୍ରଛାତ୍ରୀମାନେ ଯା'ଆସ ସମୟରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବହି ହାତରେ ଧରି ଯାଉଥିବା ବେଳେ ହାତରୁ ପଡ଼ିଯିବାରୁ ବହି ଗୁଡ଼ିକ ପାଣିରେ ପଡ଼ି ନଷ୍ଟ ହେଉଥିବା ଛାତ୍ରଛାତ୍ରୀମାନେ ଅଭିଯୋଗ କରିଛନ୍ତି । ରାସ୍ତା ଦୁଇପାର୍ଶ୍ୱରେ ପାଣି ଯିବାପାଇଁ ସଠିକ୍ ଡ୍ରେନ୍ ହୋଇନଥିବାରୁ ଯାହାଫଳରେ ରାସ୍ତାରେ ପାଣି ଜମି ରହୁଛି । ରାସ୍ତାକୁ ସମତୁଲ ଓ ଉଚ୍ଚତା କରାଯାଇନଥିବାରୁ ମୁଖ୍ୟ ରାସ୍ତାର ପାଣି କଲେଜ ଭିତରେ ପଶୁଛି । ବାରମ୍ବାର ଏହି ରାସ୍ତା କାମ ହେଉଥିଲେ ମଧ ପାଣି ଜମି ରହିବା ସମସ୍ୟା ସୁଧୁରୁନାହିଁ । ପାଣି ବହୁ ଦିନ ପର୍ଯ୍ୟନ୍ତ ରହିବାରୁ ରାସ୍ତାରେ ସିଉଳି ଲାଗି ଛାତ୍ରଛାତ୍ରୀମାନେ ପଡ଼ି ଆହତ ହେଉଛନ୍ତି । ବାଇକ ଓ ସାଇକେଲ ପାଣିରାସ୍ତାରେ ଯିବା ସମୟରେ ଗୋଳିଆ ପାଣି ପାଣି ଛିଟିକାରେ ଛାତ୍ରଛାତ୍ରୀଙ୍କ ପୋଷାକ ପତ୍ର ହେଉଛି ।

# ଗଞ୍ଜେଇ ଜବତ : ଜଣେ ଗିରଫ

ଖୋର୍ଦ୍ଧା,୨୧/୦୬ (ନି.ପ୍ର): ଶନିବାର ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ୧୬ଜାତୀୟ ରାଜପଥ ଟାଟା ମୋଟର୍ସ ସମ୍ମୁଖରୁ ୨୬କେଜି ଗଞ୍ଜେଇ ଭର୍ତ୍ତି ଜରି ବ୍ୟାଗ ଜବତ କରିବା ସହ ଚୋରା ଚାଲାଣ ରେ ସମ୍ପୃକ୍ତ ଜଣକୁ ଗିରଫ କରିବା ସହିତ ଏକ ବାଇକ ଜବତ କରିଛି । ଗିରଫ ଜଣକ ହେଲେ କେନ୍ଦ୍ରାପଡା ଜିଲ୍ଲା ପାଟକୁରା ଥାନା ତଳକୁସୁମ ଗାଁର ପିଏସ ଅଭିଷେକ ବେଉରା(୨୦)। ପୋଲିସ ସୂଚନା ମୁତାବକ ନୟାଗଡ଼ ରୁ ଭୁବନେଶ୍ୱର ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ଏକ ବିଶେଷ ସୂତ୍ରରୁ ଖବର ପାଇ ଜାତୀୟ ରାଜପଥ ରେ ଛକି ରହିଥିଲା ।ତେବେ ଅଭିଯୁକ୍ତ ଚୋରା ଚାଲାଣ କରୁ ଥିବାବେଳେ ଆଜି ଅପରାହ୍ନରେ ଚଢ଼ାଉ କରି ପୋଲିସ ଗିରଫ କରିଛି ।

# ଅବହେଳିତ ୫୮ବର୍ଷର ପୁରୁଣା ସ୍କୁଲ , ବାରଣ୍ଡାରେ ବସି ପାଠ ପଢୁଛନ୍ତି ଛାତ୍ରଛାତ୍ରୀ



କୋଇଡ଼ା,୨୧/୦୬ (ନି.ପ୍ର): ୫୮ବର୍ଷର ପୁରୁଣା କୋଇଡ଼ା ଉଚ୍ଚପ୍ରାଥମିକ ବିଦ୍ୟାଳୟ ହତଶିରୀ ହୋଇଯାଇଛି । ଶ୍ରେଣୀଗୃହ ଅଭାବରୁ ପିଲା ବାରଣ୍ଡାରେ ବସି ପଢୁଛନ୍ତି । ବିଡ଼ମ୍ବନାର ବିଷୟ ହେଉଛି ସ୍କୁଲଟି କୋଇଡ଼ା ବିଇଓ ଅଫିସ ପରିସର ମଧରେ ରହିଥିଲେ ମଧ ଉଚ୍ଚକର୍ତ୍ତୃପକ୍ଷଙ୍କ ନଜର ପଡୁନି। ଘରନାହିଁ, ଅଫିସ ନାହିଁ, ଭଙ୍ଗାଘରେ, ତଳେ ଓ ବାରଣ୍ଡାରେ ଅସ୍ୱାସ୍ଥ୍ୟକର ପରିବେଶ ମଧରେ ପଢୁଛନ୍ତି ଛାତ୍ରଛାତ୍ରୀ। ଏହି ଅବହେଳିତ ବିଦ୍ୟାଳୟଟି ରହିଛି ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ବ୍ଲକ୍‌ର କୋଇଡ଼ା ପଞ୍ଚାୟତରେ। ୧୯୬୪ ମସିହାରେ ସ୍ଥାପିତ ଏହି ବିଦ୍ୟାଳୟ ଚରମ ଅବହେଳାର ଶିକାର ହୋଇଛି । ଏହି ସ୍କୁଲରେ ୧ମରୁ ୮ମ ପର୍ଯ୍ୟନ୍ତ ୪୭୦ ଛାତ୍ରଛାତ୍ରୀ ପଢୁଛନ୍ତି । ପୂର୍ବରୁ ୮ଟି ଶ୍ରେଣୀ ପାଇଁ ୮ଟି କୋଠରୀ ଥିବାବେଳେ ସେଥିରୁ ୪ଟି ଶ୍ରେଣୀଗୃହକୁ ଅସୁରକ୍ଷିତ ଘୋଷଣା କରାଯାଇଥିଲା । ବର୍ତ୍ତମାନ ସେହି ୪ଟି ଅସୁରକ୍ଷିତ ଶ୍ରେଣୀଗୃହକୁ ଭଙ୍ଗାଯାଇ ନୂଆ ନିର୍ମାଣ କରାଯାଉଛି । ତେବେ ୪ଟି ଶ୍ରେଣୀର ପିଲା କୋଠରୀରେ ପଢୁଥିବାବେଳେ ଅନ୍ୟ ୪ଟି ଶ୍ରେଣୀର ଛାତ୍ରଛାତ୍ରୀ ବାରଣ୍ଡାରେ ପଢ଼ିବାକୁ ବାଧ ହେଉଛନ୍ତି । ଶ୍ରେଣୀଗୃହ କମ୍ ଥିବାରୁ ପିଲା ବାରଣ୍ଡାରେ ବସି ପଢୁଛନ୍ତି ବୋଲି କୋଇଡ଼ା କ୍ଲଷ୍ଟର ସିଆରସିସି ମନୋଜ ନାଥ କହିଛନ୍ତି । ଅନ୍ୟପକ୍ଷରେ ସ୍କୁଲରେ ପିଲାଙ୍କୁ କାମ କରାଉଥିବା ଅଭିଯୋଗ ହେଉଛି ।
ଏ ବିଷୟରେ ସୂଚନାପାଇ ସ୍କୁଲରେ ପହଞ୍ଚିବାବେଳକୁ ଜନୈକ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ୮ମ ଶ୍ରେଣୀର ପିଲାମାନେ ବଡ଼ବଡ଼ ପେଟି ବୋହୁଥିବା ଦେଖିବାକୁ ମିଳିଥିଲା । ଏ ବିଷୟରେ ସମ୍ପୃକ୍ତ ଶିକ୍ଷକଙ୍କୁ ପଚାରିବାରୁ ପିଲା କାମକରିବେ ନାହିଁ କ'ଣ ଆମେ କାମକରିବୁ ବୋଲି ଉତ୍ତର ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଛୁଟିରେ ଥିବାରୁ କୌଣସି ସୂଚନା ମିଳିପାରିଲା ନାହିଁ। ଏ ନେଇ ସୁନ୍ଦରଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନଙ୍କୁ ପଚାରିବାରୁ ପିଲାଙ୍କୁ କାମ କରାଇବା ନିୟମବିରୁଦ୍ଧ। ଛୋଟପିଲାଙ୍କୁ ବର୍ଷାକାଦୁଅରେ ତଳେ ବସାଇବା ଉଚିତ ନୁହେଁ। ଏ ନେଇ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

# ବାଙ୍କୀରେ ଗୁରୁତର ସ୍ଥିତି : ୧୦ରୁ ଅଧିକ ଗାଁ ବିଚ୍ଛିନ୍ନ, ଅନ୍ଧାରରେ ୧୨୦ଟି ପରିବାର



ବାଙ୍କୀ/ଡମପଡ଼ା ,୨୧/୦୬ (ନି.ପ୍ର): ପାଞ୍ଚ ଦିନ ପରେ ବି ବାଙ୍କୀ ଅଞ୍ଚଳର ସ୍ଥିତି ଅତ୍ୟନ୍ତ ସଂଗିନ। ବାଙ୍କୀର କଇଁମୁଣ୍ଡି, ଚାରିଘରିଆ, ଉପରପାଥପୁର, ବିଲିପଡ଼ା, ଶୁଖୁଆଖଳା, ବିଲିପଦନପୁର, ପାକରାଖାଲ, ସାଁପୁର, ଓସ୍ତିଆ ଭଳି ଗାଁ ଏବେ ବି ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ରହିଛି। ହୁଲୁହୁଲା ପୋଲ ଓ ଚନ୍ଦ୍ରପା ସେତୁ ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ବାଙ୍କୀ-ବୈଦେଶ୍ୱର ସହ ରତାଗଡ଼, ବାଉଁଶପୁଟ, ବନ୍ଦାଳ, କନ୍ତପହଁରା ଆଦି ପଞ୍ଚାୟତକୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ବାଙ୍କୀ ଉପଖଣ୍ଡର ପ୍ରାୟ ୨୨ଟି ସ୍ଥାନରେ ରାସ୍ତାରେ ବନ୍ୟାଜଳ ପ୍ରବାହିତ ହେଉଛି। କିନ୍ତୁ ଜଳବନ୍ଦି ହୋଇ ରହିଥିବା ଅଧିକାଂଶ ପଂଚାୟତରେ ପ୍ରଶାସନ ପକ୍ଷରୁ ସରକାରୀ ସହାୟତା ପହଞ୍ଚି ପାରି ନାହିଁ।
ସିମିଳିପୁର ପଂଚାୟତ ଜୋରକୁଳ ଗ୍ରାମରେ ଅନ୍ଧାରରେ ଦିନ କାଟୁଛନ୍ତି ୧୨୦ ପରିବାରର ୭୦୦ରୁ ଅଧିକ ଲୋକେ। ଭୋକଉପାସରେ ପଡ଼ି ରହିଥିବା ଏହି ବନ୍ୟା ପ୍ରପୀଡ଼ିତଙ୍କ ନିକଟରେ ପ୍ରଶାସନ ତିନି ଦିନ ପରେ ଶୁଖିଲା ଖାଦ୍ୟ ଏବଂ ପାଞ୍ଚ ଦିନ ପରେ ରନ୍ଧା ଖାଦ୍ୟ ପହଞ୍ଚାଇଛି। ଆଜି ସୁଦ୍ଧା କାହାରିକୁ ମହମବତୀ ଟିଏ କି ଘର ଢାଙ୍କିବା ପାଇଁ ଖଣ୍ଡିଏ ପାଲ ମିଳିନି। ଗ୍ରାମର ନୃସିଂହ ସାମଲ, ନିବାସ ମଲ୍ଲିକ, ପ୍ରଶାନ୍ତକୁମାର ଦାସ, ରାମଚନ୍ଦ୍ର ଖଟୁଆ, ପ୍ରକାଶ ଚନ୍ଦ୍ର ମଲ୍ଲିକ, ସୁଶାନ୍ତ ବାରିକ, ପ୍ରଫୁଲ କୁମାର ରାଉତ, ଅଶାନ୍ତି ଖଟୁଆ, ତୁଳସୀ ଖଟୁଆ, ଜାନକୀ ଖଟୁଆ, ରିତା ଖଟୁଆ, ରେଖା ଖଟୁଆ,ସଂଯୁକ୍ତା ଖଟୁଆ, ରୋଜି ଖଟୁଆ,ପିଙ୍କି ଖଟୁଆଙ୍କ ଭଳି ଗ୍ରାମର ବାସିନ୍ଦା ମାନଙ୍କର ସମାନ ଅଭିଯୋଗ। ସରକାରୀ ବାବୁଙ୍କର ଏବେ ଦେଖା ମିଳୁଛି। ଖାଦ୍ୟ ନାହିଁ କି ଅନ୍ୟ ସହାୟତା ନାହିଁ। ଗାଁ ଲୋକେ ବନ୍ୟା ପାଣିକୁ ବ୍ୟବହାର କରୁଛନ୍ତି। ଲୋକଙ୍କ ପାଇଁ ଖାଦ୍ୟ ପହଞ୍ଚି ପାରୁ ନଥିବା ବେଳେ ଗୋଖାଦ୍ୟ ତ ସ୍ୱପ୍ନ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏଭଳି ସ୍ଥିତିରେ ଭୋକ ଉପାସରେ ଦିନ କାଟୁଥିବା ଲୋକେ ଖାଦ୍ୟ ସାମଗ୍ରୀ ପାଇଁ ବନ୍ୟା ଜଳରେ ଟିଉ ସାହାଯ୍ୟର ପଶି ଯିବାକୁ ବାଧ ହେଉଛନ୍ତି।
ପ୍ରଶାସନ କିନ୍ତୁ ଏହାକୁ ନେଇ ପ୍ରାଥମିକ କ୍ଷୟକ୍ଷତିର ରିପୋର୍ଟ ପ୍ରସ୍ତୁତ କରି ଦେଇଛି। ବାଙ୍କୀ ଓ ଡମପଡା ବ୍ଲକ୍ ସମେତ ଏନଏସି ଅଞ୍ଚଳର ୩୧ଟି ପଞ୍ଚାୟତ ତଥା ୮୮ଟି ଗ୍ରାମର ୧ ଲକ୍ଷ ୫୬ ହଜାର ୫୨୭ଜଣ ଏଥିରେ ପ୍ରଭାବିତ ହୋଇଛନ୍ତି। ୨୫ ହଜାର ୩୪୩ଜଣଙ୍କୁ ସ୍ଥାନାନ୍ତର କରାଯାଇଥିଲା ବେଳେ ୪୬ଟି ସ୍ଥାନରେ ରନ୍ଧାଖାଦ୍ୟ ପ୍ରଦାନ କରାଯାଉଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ବାଙ୍କୀ ବ୍ଲକ୍‌ର ୧୮ ହଜାର ୭୪୬ ଓ ଡମପଡା ବ୍ଲକ୍‌ର ୨୯ ହଜାର ୨୦୯ (ମୋଟ ୪୭ ହଜାର ୯୫୫) ଗୃହପାଳିତ ପଶୁ ପ୍ରଭାବିତ ହୋଇଥିଲା ବେଳେ ୮ ହଜାର ୯୨୫ ହେକ୍ଟର ଧାନଜମି ଓ ୪ ହଜାର ୩୧୦ ହେକ୍ଟର ଅଣଧାନ ଜମି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବା ପ୍ରଶାସନ ପକ୍ଷରୁ ଆକଳନ କରାଯାଇଛି।

# ନବରଙ୍ଗପୁର ସାଂସଦଙ୍କ ସତୀଗୁଡା କନ୍ୟାଶ୍ରମ ଗସ୍ତ ସହ ସାଧାରଣ ସଭାରେ ଯୋଗଦାନ

ମାଲକାନଗିରି ,୨୧/୦୬ (ନି.ପ୍ର): ଆଜି ମାଲକାନଗିରି ବ୍ଲକ ଅନ୍ତର୍ଗତ ସିନ୍ଦ୍ରିମାଳ ଗ୍ରାମ ପଂଚାୟତ ଅନ୍ତର୍ଗତ ସତୀଗୁଡା କନ୍ୟାଶ୍ରମ ବିଦ୍ୟାଳୟ ଗସ୍ତ କରି ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝୀ ଓ ମାଲକାନଗିରି ପୂର୍ବତନ ବିଧାୟକ ମାନସ ମାଡକାମୀ ବିଦ୍ୟାଳୟ ର ସମସ୍ତ ଛାତ୍ରୀମାନଙ୍କ ସହ ପାଠପଢା ବିଷୟରେ ଓ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଏବଂ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଙ୍କ ସହ ବିଦ୍ୟାଳୟ ର ବିଭିନ୍ନ ସୁବିଧା ଅସୁବିଧା ସମ୍ପର୍କ ରେ ଆଲୋଚନା କରିଥିଲେ । ଉକ୍ତ ସତୀଗୁଡା କନ୍ୟାଶ୍ରମ ବିଦ୍ୟାଳୟ ୫ ଟି ସ୍ମାର୍ଟ ବିଦ୍ୟାଳୟରେ ଅନ୍ତର୍ଭୁକ୍ତ ହୋଇଥିବା ବେଳେ ଆଗାମୀ ଦିନରେ +୨ ବିଦ୍ୟାଳୟ କରିବା ପାଇଁ ସାଂସଦଙ୍କୁ ସତୀଗୁଡା ଗ୍ରାମ ବାସୀ ଦାବି ଜଣାଇଲେ । ଆଜିର ଏହି ଗସ୍ତ କାର୍ଯ୍ୟକ୍ରମରେ ଚମ୍ପାଖାରି ଗ୍ରାମ ମା କନକ ଦୁର୍ଗା ମନ୍ଦିର ପ୍ରାଙ୍ଗଣରେ ଏକ ସାଧାରଣ ସଭାରେ ଯୋଗ ଦେଇ ର ସାଂସଦ ଗ୍ରାମ ବାସୀଙ୍କ ସହ ବିଭିନ୍ନ ସମସ୍ୟା ରେ ଆଲୋଚନା କରି ଥିବା ବେଳେ ଘର ବାରି ପଟ୍ଟା ,ଗ୍ରାମରେ ଷ୍ଟ୍ରୀଟ ଲାଇଟ୍ ଓ ଗ୍ରାମରେ ଗୋଷ୍ଠୀ କେନ୍ଦ୍ର ନିମନ୍ତେ ସାଂସଦ ଙ୍କୁ ଗ୍ରାମ ବାସୀ ଦାବୀ ଜଣାଇଲେ । ଏହି କାର୍ଯ୍ୟକ୍ରମ ରେ ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳର ବରିଷ୍ଠ ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା ,ଜିଲ୍ଲା ଯୁବ ସାଧାରଣ ସମ୍ପାଦକ ରବି ରାଜେଶ ,ବିଜେଡି ଯୁବ ନେତା ସଦାନନ୍ଦ ଖରା ,ସରପଂଚ ଘାସି ନାୟକ ,ୱାର୍ଡ ସଭ୍ୟ ପୂର୍ଣ୍ଣଚନ୍ଦ୍ର ରାଜୁ ,ଅନୁପମା ପାଣିଗ୍ରାହୀ ,ତୋଫାନ ଗୌଡ଼ ଙ୍କ ସହ ଗ୍ରାମର ବହୁ ବରିଷ୍ଠ ବୁଦ୍ଧିଜୀବୀ ମାନେ ଉପସ୍ଥିତ ଥିଲେ ।

# ସ୍ୱାସ୍ଥ୍ୟବର୍ଦ୍ଧକ ପାଚିଲା ଅମୃତଭଣ୍ଡା



ଆମ ଆଖପାଖରେ ସହଜରେ ସୁଲଭ ହେଉଥିବା ଫଳ ପାଚିଲା ଅମୃତଭଣ୍ଡା । ଏଥିରେ ପ୍ରଚୁର ପରିମାଣର ଭିଟାମିନ୍ ସି ରହିଛି, ଯାହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ । ବର୍ତ୍ତମାନ କରୋନା ସଂକଟ କାଳରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାକୁ ସମସ୍ତେ ଚାହାନ୍ତି । ତେଣୁ ପ୍ରଚୁର ପରିମାଣରେ ପାଚିଲା ଅମୃତଭଣ୍ଡା ଖାଇବା ଦରକାର । ଏହା ସହିତ ପାଚିଲା ଅମୃତଭଣ୍ଡାରେ ଅନ୍ୟାନ୍ୟ ଅନେକ ଉପାଦାନ ରହିଛି, ଯାହ ଆମକୁ ସୁସ୍ଥ ଓ ନୀରୋଗ ରଖିବା ପାଇଁ ଉପଯୋଗୀ ।



ଇଟାଲୀୟ ନାବିକ କ୍ରିଷ୍ଟୋଫର୍ କଲମ୍ବସ୍ ଥରେ କହିଥିଲେ, 'ପାଚିଲା ଅମୃତଭଣ୍ଡା ଦେବଦୂତଙ୍କ ଫଳ ।' ଏହା ଏମିତି ଏକ ଫଳ, ଯେଉଁଥିରେ ଭିଟାମିନ୍ ସି ପ୍ରଚୁର ମାତ୍ରାରେ ମହଜୁଦ ଅଛି । କେବଳ ଭିଟାମିନ୍ ସି କାହିଁକି, ଅମୃତଭଣ୍ଡାରେ ଆହୁରି ଅନେକ ଗୁଣ ରହିଛି, ଯାହା ସ୍ୱାସ୍ଥ୍ୟ ପାଇଁ ହିତକର ।

### କୋଲେଷ୍ଟ୍ରୋଲ୍ କମ୍ କରେ:

କୋଲେଷ୍ଟ୍ରୋଲ୍ ହୃଦ୍‌ଘାତ, ଉଚ୍ଚ ରକ୍ତଚାପ ସହ ଅନ୍ୟ ଅନେକ ପ୍ରକାର ହୃଦ୍‌ରୋଗର ଆଶଙ୍କା ବଢ଼ାଏ । ମାତ୍ର ପାଚିଲା ଅମୃତଭଣ୍ଡାରେ ଥିବା ଭିଟାମିନ୍ ସି ଓ ଆଣ୍ଟି-ଅକ୍ସିଡାଣ୍ଟ ରକ୍ତଶିରାରେ କୋଲୋଷ୍ଟ୍ରୋଲ୍ ଜମା ହେବାକୁ ଦିଏ ନାହିଁ ।

### ଓଜନ ହ୍ରାସରେ ସହାୟକ:

ଓଜନ କମ୍ କରି ସ୍ଲିମ୍ ଫିଟ୍ ଶରୀର କିଏ ନ ଚାହେଁ ? ଏଥିପାଇଁ ଲୋକମାନେ ନାନା ରକମର ଉପାୟ ଅବଲମ୍ବନ କରିବାକୁ ପଛାଇ ନଥାନ୍ତି । କିଏ ସକାଳୁ ସକାଳୁ ୱ୍ୱାକିଂ, ଜଗିଂ କରେ ତ ଆଉ କିଏ ଜିମ୍ ଯାଏ । କେହି କେହି ପୁଣି ନାନା ପ୍ରକାର ଯୋଗାଭ୍ୟାସ, ପ୍ରାଣାୟମ ଆଦି କରନ୍ତି । ଆଉ କିଛି ଡାଏଟିସିଆନ୍, ଫିଟ୍‌ନେସ୍ ଟ୍ରେନର୍, ଡାକ୍ତରଙ୍କ ପରାମର୍ଶରେ ସନ୍ତୁଳିତ ଖାଦ୍ୟ ଖାଆନ୍ତି । ତେବେ ଓଜନ କମ୍ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ପ୍ରତ୍ୟହ ଅମୃତଭଣ୍ଡା ଖାଇବା ଉଚିତ । କାରଣ ଏଥିରେ କ୍ୟାଲୋରି ବହୁତ କମ । ତା' ଛଡ଼ା ଅମୃତଭଣ୍ଡାରେ ମହଜୁଦ୍ ଥିବା ଫାଇବର୍ ଆପଣଙ୍କୁ ତାଜା ଓ ସ୍ଫୁର୍ତ୍ତି ଅନୁଭବ ଦିଏ । ଓଜନ ହ୍ରାସ କରିବାରେ ସହାୟକ ହୋଇଥାଏ ।

### ରୋଗ ପ୍ରତିରୋଧକ କ୍ଷମତା ବଢ଼ାଏ:

ପ୍ରତିରୋଧକ ତନ୍ତ୍ର ରୋଗ ସୃଷ୍ଟିକାରୀ ସଂକ୍ରମଣ ବିରୋଧରେ ଢାଲ ଭଳି କାମ କରିଥାଏ । ପାଚିଲା ଅମୃତଭଣ୍ଡାରେ ଥିବା ଭିଟାମିନ୍ ସି ରୋଗ ପ୍ରତିରୋଧକ କ୍ଷମତା ବୃଦ୍ଧି କରିବା ସହିତ ପ୍ରତିରୋଧକ ତନ୍ତ୍ରକୁ ମଜବୁତ୍ କରିଥାଏ ।ଏହି କରୋନା ସଙ୍କଟ ସମୟରେ ସମସ୍ତେ ଚାହୁଁଛନ୍ତି ନିଜର ଓ ପରିବାର ସଦସ୍ୟଙ୍କର ରୋଗ ପ୍ରତିରୋଧକ ଶକ୍ତି କିଭଳି ବଢ଼ାଇବେ । ଏଥିପାଇଁ ଅନେକ ଲୋକ ଔଷଧ କିଣି ଖାଇବାରେ ଲାଗିଛନ୍ତି ଆଉ କେତେକ ଚା' ରେ ତୁଳସୀ ପତ୍ର, ଲେମ୍ବୁ ରସ ପିଇବାକୁ ଉଚିତ ମନେ କରୁଛନ୍ତି । କେହି କେହି ଦୈନିକ ଭୋଜନରେ ଲେମ୍ବୁ ସାମିଲ ପସନ୍ଦ କରୁଛନ୍ତି । କିଛି ଲୋକ ତ ଗିଲୟ, ଅଁଳା ଜୁସ୍ ନିୟମିତ ପିଉଛନ୍ତି । ଏପରି ସ୍ଥଳେ ଆପଣ ଅମୃତଭଣ୍ଡା ଖାଆନ୍ତୁ ଓ ପରିବାରର ଅନ୍ୟମାନଙ୍କୁ ଖୁଆନ୍ତୁ । ଏହା ଦ୍ୱାରା ରୋଗ ପ୍ରତରୋଧକ ଶକ୍ତି ନିଶ୍ଚୟ ବୃଦ୍ଧି ପାଇବ ।

### ମଧୁମେହ ରୋଗୀଙ୍କ ପାଇଁ ଲାଭଦାୟକ:

ମଧୁମେହ ରୋଗୀଙ୍କ ପାଇଁ ପାଚିଲା ଅମୃତଭଣ୍ଡା ବେଶ୍ ଲାଭଦାୟକ । ମଧୁମେହ ଭୋଗୁଥିବା ବ୍ୟକ୍ତିମାନେ ଏହାକୁ ଦୈନନ୍ଦିନ ଭୋଜନରେ ସାମିଲ୍ କରିପାରିବେ । ସାଧାରଣତଃ ଡାକ୍ତରମାନେ ମଧୁମେହ ଭୋଗୁଥିବା ବ୍ୟକ୍ତିଙ୍କୁ ଆମ୍ବ, ପଣସ, ସପେଟା ଭଳି ମିଠାଫଳ ଖାଇବାକୁ ବାରଣ କରିଥାନ୍ତି । ମାତ୍ର ଅମୃତଭଣ୍ଡା ମିଠା ଫଳ ହୋଇଥିବା ସତ୍ତ୍ୱେ ଏଥିରେ ସୁଗାର୍‌ର ମାତ୍ରା ସ୍ୱଳ୍ପ ତେଣୁ ଡାଏବେଟିସ୍ ପୀଡ଼ିତ ବ୍ୟକ୍ତିମାନେ ଏହାକୁ ଖାଇବାରେ କୌଣସି ଅସୁବିଧା ନାହିଁ ।

### ଦୃଷ୍ଟିଶକ୍ତିକୁ ସୁରକ୍ଷିତ ରଖେ:

ବୟସ ବଢ଼ିବା ସହିତ ଆମର ଦୃଷ୍ଟିଶକ୍ତି ହ୍ରାସ ପାଇବାରେ ଲାଗେ । ଏଭଳି କ୍ଷେତ୍ରରେ ଅମୃତଭଣ୍ଡାରେ ଥିବା ପ୍ରଚୁର ପରିମାଣରେ ଭିଟାମିନ୍ ଏ ଆମର ଦୃଷ୍ଟିଶକ୍ତିକୁ ସୁରକ୍ଷିତ ରଖେ । ଅମୃତଭଣ୍ଡାକୁ ପ୍ରତ୍ୟହ ଖାଦ୍ୟରେ ସାମିଲ୍ କରି ଆମେ ଏହି ଅସୁବିଧା ଦୂର କରିପାରିବା ।

### ପାଚନ ଶକ୍ତି ବଢ଼ାଏ:

ଜଙ୍କ୍‌ଫୁଡ୍, ତେଲଛଣା ଖାଦ୍ୟ ପାଚକ ତନ୍ତ୍ର ପାଇଁ କ୍ଷତିକାରକ । ଏହା ଜାଣିବା ସତ୍ତ୍ୱେ ଆଧୁନିକ ଜୀବନଶୈଳୀରେ ଏଭଳି ଖାଦ୍ୟଠାରୁ ଆମେ ମୁହଁ ଫେରାଇ ନେଇପାରୁ ନାହୁଁ । ଅନେକ ଥର ଆମେ ବାଧ ହୋଇ ଏଭଳି ଖାଦ୍ୟ ଖାଉ, ଯାହା ଜଙ୍କ୍‌ଫୁଡ୍ ଶ୍ରେଣୀର ନଚେତ୍ ଅଧିକ ତେଲରେ ଛଣା ହୋଇଥିବା ଖାଦ୍ୟ । ତେବେ ଦୈନିକ କିଛି ପାଚିଲା ଅମୃତଭଣ୍ଡା ଖାଇବା ଦ୍ୱାରା ଜଙ୍କଫୁଡ୍ ଖାଦ୍ୟଜନିତ ପାର୍ଶ୍ୱ ପ୍ରତିକ୍ରିୟା ଦୂର ହୋଇଥାଏ । କାରଣ ପାଚିଲା ଅମୃତଭଣ୍ଡାରେ ପ୍ରଚୁର ପରିମାଣର ଫାଇବର ସାଙ୍ଗକୁ ପପେନ୍ ନାମକ ଏକ ଏନ୍‌ଜାଇମ୍ ଥାଏ, ଯାହା ପାଚକ ତନ୍ତ୍ରକୁ ମଜବୁତ୍ କରି ପାଚନ ଶକ୍ତି ବଢ଼ାଇଥାଏ ।

### ବୟସ ବୃଦ୍ଧି ଲକ୍ଷଣକୁ ରୋକେ:

ଆମେ ସମସ୍ତେ ସବୁଦିନ ଯୁବକ ଭଳି ଦିଶିବାକୁ ବା ଯୌବନାବସ୍ଥାକୁ ଧରି ରଖିବାକୁ ଚାହୁଁ । ମାତ୍ର ଏହା ସମ୍ଭବ ହୁଏ ନାହିଁ ଓ ବୟସ ବୃଦ୍ଧିର ଲକ୍ଷଣ ଆମ ଶରୀରରେ ଫୁଟିଉଠେ । ଦୈନିକ କିଛି ପରିମାଣର ପାଚିଲା ଅମୃତଭଣ୍ଡା ଖାଇବା ଦ୍ୱାରା ଏଭଳି ସମସ୍ୟାକୁ କିଛି ପରିମାଣରେ ରୋକା ଯାଇପାରିବ । ଏଥିରେ ଭିଟାମିନ୍ ସି, ଭିଟାମିନ୍ ଇ ଏବଂ ବିଟା-କ୍ୟାରୋଟିନ୍ ଭଳି ଆଣ୍ଟି-ଅକ୍ସିଡାଣ୍ଟ ପ୍ରଚୁର ମାତ୍ରାରେ ଥିବାରୁ ବୟସ ବୃଦ୍ଧି ଜନିତ କୁଞ୍ଚିତ ଚର୍ମକୁ ରେଖାରୁ ଦୂରେଇ ରଖିଥାଏ । ବୟସ ତୁଳନାରେ ଆପଣ ଅଧିକ ଯୁବକ ଦେଖାଯିବାରେ ସହାୟତା କରିଥାଏ । ଏହା ମଧ ଏକ ଉତ୍କୃଷ୍ଟ ପ୍ରସାଧନ ସମଗ୍ରୀ ଭଳି କାମ କରିଥାଏ । ପାଚିଲା ଅମୃତଭଣ୍ଡାକୁ ପେଷ୍ଟ କରି ମୁହଁରେ ଲଗାଇଲେ ମୁହଁର ଉଜ୍ଜ୍ୱଳତା ବୃଦ୍ଧି ପାଇଥାଏ ।

### ଋତୁସ୍ରାବ ଯନ୍ତ୍ରଣା କମ୍ କରେ:

ମାସିକ ଋତୁସ୍ରାବବେଳେ ଯନ୍ତ୍ରଣା ଭୋଗିବା ମହିଳାମାନଙ୍କ ପାଇଁ ଏକ ସାଧାରଣ ସମସ୍ୟା । ଏହି ସମୟରେ ମହିଳାମାନେ ସେମାନଙ୍କ ଖାଦ୍ୟ ତାଲିକାରେ ପାଚିଲା ଅମୃତଭଣ୍ଡା ସାମିଲ୍ କରି ଯନ୍ତ୍ରଣାରୁ ଉପଶମ ପାଇପାରିବେ । ଏଥିରେ ଥିବା ପପେନ୍ ନାମକ ଏନ୍‌ଜାଇମ୍ ପେନ୍‌କିଲର୍ ଭଳି କାମ କରେ ।



### କ୍ୟାନ୍‌ସର ଆଶଙ୍କା କମ୍ କରେ :

ପାଚିଲା ଅମୃତଭଣ୍ଡାରେ ଥିବା ଆଣ୍ଟି-ଅକ୍ସିଡାଣ୍ଟ, ଫିଟୋନ୍ୟୁଟ୍ରିଏଣ୍ଟ୍ ଏବଂ ଫ୍ଲାଭୋନୋଏଡ୍‌ସ ପ୍ରଚୁର ମାତ୍ରାରେ ରହିଛି । କ୍ୟାନ୍‌ସର ଆଶଙ୍କାକୁ କମ୍ କରିଥାଏ । ପାଚିଲା ଅମୃତଭଣ୍ଡା ସେବନ ଦ୍ୱାରା କୋଲନ୍ ଏବଂ ପ୍ରୋଷ୍ଟେଟ୍ କ୍ୟାନ୍‌ସର ଆଶଙ୍କା କମ୍ ହୁଏ ବୋଲି ଏକ ଅଧ୍ୟୟନରୁ ମଧ ଜଣାପଡ଼ିଛି ।

### ଦୁଶ୍ଚିନ୍ତା ଦୂର କରିଥାଏ:

ସାରା ଦିନ ଧାଁ ଦୌଡ଼, କାମର ଚାପ, ପାରିବାରିକ ଜଞ୍ଜାଳ, ଦୁଶ୍ଚିନ୍ତା, ଶାରୀରିକ ଥକାପଣ ଦୂର କରିବା ପାଇଁ ଚାହୁଁଛନ୍ତି ? ଘରକୁ ଫେରି ଗୋଟିଏ ପ୍ଲେଟ୍ ପାଚିଲା ଅମୃତଭଣ୍ଡା ଖାଆନ୍ତୁ । ଏହି ଅଦ୍ଭୁତ ଫଳରେ ରହିଛି ଟେନ୍‌ସନ୍ ଓ ଥକାପଣ ଦୂର କରିବାର ଶକ୍ତି । ୟୁନିଭର୍‌ସିଟି ଅଫ୍ ଅଲ୍‌ବାମାର ଏକ ଅଧ୍ୟୟନ ଅନୁସାରେ ୨୦୦ ମିଲିଗ୍ରାମ୍ ଭିଟାମିନ୍ ସି ଷ୍ଟ୍ରେସ୍ ହର୍‌ମୋନ ସଞ୍ଚାଳନ କରିବାକୁ ସକ୍ଷମ । ପୂର୍ବରୁ ଉଲ୍ଲେଖ କରିଛୁ, ପାଚିଲା ଅମୃତଭଣ୍ଡାରେ ପର୍ଯ୍ୟାପ୍ତ ପରିମାଣରେ ରହିଛି ଭିଟାମିନ୍ ସି ।

# ନେଦରଲାଣ୍ଡର ଲୋକେ ଅଧିକ କଫି ପିଇଥାନ୍ତି



ବିଭିନ୍ନ ଦେଶରେ ଜଳବାୟୁ ନେଇ ଖାଦ୍ୟ ପାନୀୟର ମଧ୍ୟ ଫରକ ଆସିଥାଏ । ଶୀତ ପ୍ରଧାନ ଦେଶର ଲୋକମାନେ ଯାହା ଖାଇଥାନ୍ତି କି ପିଇଥାନ୍ତି ଗ୍ରୀଷ୍ମପ୍ରଧାନ ଦେଶରେ ତାହା ଫରକ ନଥାନ୍ତି । କିନ୍ତୁ ଏମିତି କିଛି ଦେଶ ଅଛି ଯେଉଁଠାରେ ବିଭିନ୍ନ ପାନୀୟର ବ୍ୟବହାରକୁ ନେଇ ରହିଛି କମ ବା ବେଶୀର ହାର । ନେଦରଲାଣ୍ଡର ଲୋକମାନେ ବେଶୀ ପରିମାଣରେ କଫି ପିଉଥିବା କଥା ଏକ ସର୍ଭେରୁ ଜଣାପଡ଼ିଛି । ହାରାହାରି ପ୍ରତ୍ୟେକ ଲୋକ ଦୈନିକ ୨.୫ କପ କଫି ପିଇଥାନ୍ତି । ଠିକ୍ ତା ଚଳକ ଫିନଲାଣ୍ଡ ୧.୮ ଓ ସ୍ୱିଡେନ ୧.୩ କପ କଫି ପିଇଥାନ୍ତି ।

# ବାସ୍ତୁବିଚାର: ପାଇଖାନା ଓ ଗାଧୁଆ ଘର

ବାସ୍ତୁରେ ପ୍ରତ୍ୟେକ ବିଷୟକୁ ବିଚାରକୁ ନିଆଯାଇ ଭଲମନ୍ଦର ବ୍ୟବସ୍ଥା କରାଯାଇଥାଏ । କେଉଁ ପ୍ରକାର ବିଧିବ୍ୟବସ୍ଥା ଗ୍ରହଣ କଲେ କେଉଁ ଫଳ ମିଳିପାରିବ, ସେଥିପାଇଁ ବାସ୍ତୁରେ ପ୍ରତ୍ୟେକ ବିଚାର ବାବଦରେ ଆଲୋଚନା କରାଯାଇଛି । ଘରେ ବ୍ୟବହାର କରୁଥିବା ପାଇଖାନା ଓ ଗାଧୁଆଘର କିପରି, କେଉଁ ଜାଗାରେ ତିଆରି କଲେ ପରିବାର ପ୍ରତି କୌଣସି ବିପଦ ପଡ଼ିବ ନାହିଁ କି କାହାର ଅମଙ୍ଗଳ ଘଟିବ ନାହିଁ ସେଥିପ୍ରତି ଧ୍ୟାନଦେବା ଜରୁରୀ ବୋଲି ବାସ୍ତୁବିତ୍‌ମାନେ ଏଥିପ୍ରତି ଧ୍ୟାନ ଦେଇଛନ୍ତି । ଯଦି ନିଜର ଇଚ୍ଛାନୁସାରେ ଭୁଲ ଦିଗରେ ବା ନିଜକୁ ସୁହାଇବା ଭଳି କାମ କରିବା ତା' ହେଲେ ଭଲ ବଦଳରେ ମନ୍ଦକୁ ଆହ୍ୱାନ କରିବାକୁ ପଡ଼େ । ସେଥିପାଇଁ କେତେ କଥା ପ୍ରତି ଧ୍ୟାନଦେବା ଜରୁରୀ । ପ୍ରକୃତରେ ଦେଖିବାକୁ ଗଲେ ପାଇକାନା ଓ ଗାଧୁଆଘରକୁ ଶୋଇଘର ଭିତରେ କରିବା କଥା ନୁହେଁ । ଆଜିକାଲି ନିଜର ସୁବିଧା ପାଇଁ ଆଟାଚ୍ କରି ଟଏଲେଟ୍ ଓ ବାଥରୁମ୍‌କୁ ସିନା ବେଡ୍‌ରୁମ୍ ସହିତ କରିଦେଉଛନ୍ତି କିନ୍ତୁ ତାହା କରିବା ଅନୁଚିତ୍ ।

- ବ୍ୟବହାର କରୁଥିବା କମୋଡକୁ ଉତ୍ତର-ଦକ୍ଷିଣ ମୁହାଁ କରି ବସାନ୍ତୁ ।
- ପାଇଖାନା ଦକ୍ଷିଣ ପାର୍ଶ୍ୱରେ ନିର୍ମାଣ ହେବା ଦରକାର ।
- ୧-୨ ଫୁଟ ଭୂମିଠାରୁ ଉଚ୍ଚରେ ପାଇଖାନା ବସାଇବା ଦରକାର ।
- ଟାଙ୍କି କିମ୍ବା ଟ୍ୟାପ୍‌କୁ ପୂର୍ବ, ଉତ୍ତର କିମ୍ବା ଉତ୍ତର-ପୂର୍ବଦିଗରେ ବସାଇବା ଦରକାର ।
- ଲାଇଟ୍ କଲର ଦେଲେ ଭଲ କିନ୍ତୁ ନିଜ ଇଚ୍ଛାନୁସାରେ ଦେଲେ କିଛି ଅସୁବିଧା ନାହିଁ ।
- ପୂର୍ବ, ପଶ୍ଚିମ କିମ୍ବା ଉତ୍ତରଦିଗରେ ଛୋଟ ଝର୍କା ବା ଏକଜଷ୍ଟର ଫ୍ୟାନ୍ ଲଗାଇବା ଦରକାର ।
- ପୂଜାଘର, ଶୋଇବା ଘର ପାଖରେ ଗାଧୁଆଘର କରିବା ଅନୁଚିତ ।
- ପାଣି ଟ୍ୟାପ୍‌ରୁ ଅନବରତ ପାଣି ବୋହିବାକୁ ରୋକିବା ଦରକାର ।
- ପାଇଖାନାକୁ ରୋଷେଇଘର ମୁହାଁମୁହିଁ କରିବା ଅନୁଚିତ ।



# ପ୍ରାଚୀନ ପୀଠ ବେନୁପଡ଼ା ଗାଦି



ସାଧୁ ସନ୍ଥମାନଙ୍କର ସାଧନା କ୍ଷେତ୍ରର ଏକ ଆକର୍ଷଣ ରହିଛି । ଆମ ରାଜ୍ୟର ବେନୁପଡ଼ା ଗାଦି ପୀଠ: ପୁରୀ ଜିଲ୍ଲା ଡେଲାଙ୍ଗ ଅଞ୍ଚଳର ଏକ ପ୍ରାଚୀନ ମଠ ଭାବରେ ଏହା ପରିଚିତ । ଡେଲାଙ୍ଗର ବଜାର ଛକରୁ ବେନୁପଡ଼ା ଗ୍ରାମକୁ ଯାଇଥିବା ସାହି ସଡ଼କ ପାର୍ଶ୍ୱରେ ଥିବା ପୀଠକୁ ପାଖକୁ ଚାଲି କରି ଯିବାକୁ ହୁଏ । ସଡ଼କ କଡ଼ରେ ଡାହାଣ ପଟକୁ ଥିବା ଏକ ବୃକ୍ଷ ନିକଟରେ ବେନୁପଡ଼ା ଗାଦି ନାମ ଫଳକ ରହିଛି । ସେହି ଗ୍ରାମ ସାହି ଦେଇ ପୀଠ ପାଖରେ ପହଞ୍ଚିଗଲେ ଆଖିରେ ପଡ଼େ ପୀଠର ସମ୍ମୁଖ ଭାଗ ପ୍ରାଚୀନ ମନ୍ଦିର ଦ୍ୱାର ଦେଶ । ସେହି ପୀଠରେ ପୂଜା ପାଇ ଆସୁଛନ୍ତି ପାଞ୍ଚ ସାଧୁଙ୍କ ଗାଦି । ପାଞ୍ଚସାଧୁଙ୍କ ଗାଦି ନିକଟରେ ଶ୍ରୀ ରାଧାକୃଷ୍ଣଙ୍କ ସୁନ୍ଦର ପ୍ରତିମା ପୂଜା ପାଉଛନ୍ତି । ଗାଦିପୀଠ ବହୁ ପୁରୁଣା ସମୟର ବୋଲି ଜଣାଯାଏ । ବେନୁପଡ଼ା ଗାଦିର ପୀଠଗୁରୁ ମହାନ ସାଧୁ ଶ୍ରୀ ବାଇଧରର ଦାସଙ୍କ ପବିତ୍ର ଗାଦି ସହିତ ଅନ୍ୟ ଚାରିସାଧୁ ଶ୍ରୀ ଦୀନକୃଷ୍ଣ ଦାସ, ଶ୍ରୀ ଆର୍ତ୍ତତ୍ରାଣ ଦାସ, ଶ୍ରୀ ମାଧବ ଦାସ ଏବଂ ଶ୍ରୀ ନୀଳାଦ୍ରି ଦାସଙ୍କ ଗାଦି ପୂଜା ପାଇ ଆସୁଛି, ସେହି ପୀଠଟି ବୈଷ୍ଣବ ପୀଠ ଭାବରେ ଜଣାଶୁଣା । ପୀଠର ମନ୍ଦିରଟି ପ୍ରାୟ କୋଡ଼ିଏ ହାତ ଉଚ୍ଚ ପରି ଜଣାଯାଏ । ମନ୍ଦିର ଉପରେ ରହିଛି ତିନିଟି ଦଧିନଉତି । ମନ୍ଦିର ବେଢ଼ାରେ ପାର୍ଶ୍ୱରେ ଦେବଦେବୀଙ୍କ ବିଗ୍ରହ ରହିଛି । ଏକ ବଡ଼ ଯଜ୍ଞକୁଣ୍ଡ ରହିଛି । ଏକ ଗୋଶାଳା ଏବଂ ଏକ ଟିକି ପୁଷ୍କରିଣୀ ରହିଛି । ପୀଠର ମଧ ସ୍ଥଳର ଏକ ସ୍ଥାନରେ ଶ୍ରୀ ବାଇଧର ଦାସଙ୍କ 'ପଦ୍ମପାଦ' ଲେଖାଥାଇ ମନ୍ଦିର ରହିଛି । ଶ୍ରୀ ବାଇଧର ଦାସ ସେହି ଗ୍ରାମର ଜଣେ ଅସାଧାରଣ ବ୍ୟକ୍ତି ଥିଲେ । ତାଙ୍କଠାରେ ଦିବ୍ୟ ଶକ୍ତି ପ୍ରକାଶ ପାଇବା ପରେ ସେ ସାଂସାରିକ ଜୀବନରୁ ଦୂରେଇ ଗଲେ । ସର୍ବଦା ଜପ, ତପ ଧାନରେ ସେ ସମୟ ବିତାଇ ମଠ ସ୍ଥାପନ କରି ଲୋକଙ୍କ ଉପକାର କଲେ । ତାଙ୍କ ମଠରୁ ନିତିଦିନ ଅନ୍ନଦାନ ତାଙ୍କ ହାତ ସ୍ପର୍ଶରେ ହେଉଥିଲା । ଏପରିକି ଅନ୍ନପ୍ରସାଦ ହାଣ୍ଡିରୁ ସରୁ ନଥିଲଶ ବୋଲି କୁହାଯାଏ । ଅତିଥି ସେବା ସେହି ଗାଦି ପୀଠର ଏକ ପ୍ରାଚୀନ ପରମ୍ପରା । ସ୍ଥାନଟି ଦର୍ଶନୀୟ । ଅଁଳା ନବମୀ ଦିନ ସେଠାରେ ବଡ଼ ମେଳା ଅନୁଷ୍ଠିତ ହୁଏ ।





# ପେଠା

ପେଠା ଆଉ ପିଠାର ଉଚ୍ଚାରଣ ଯେମିତି ଭିନ୍ନ, ଠିକ୍ ସେମିତି ସ୍ୱାଦ ଏବଂ ଦେଖିବାକୁ ମଧ ଦୁଇଟିଯାକ ସଂପୂର୍ଣ୍ଣ ଅଲଗା । ପିଠା ସୁଜି, ଚାଉଳ ଆଦିରେ ପ୍ରସ୍ତୁତ ହେଉଥିଲା ବେଳେ ପେଠା ପ୍ରସ୍ତୁତ ହୋଇଥାଏ ପାଣି କଖାରୁରେ । ପିଠା ସାଧାରଣତଃ ଓଡ଼ିଶା, ପଶ୍ଚିମବଙ୍ଗରେ ପ୍ରସ୍ତୁତ ହୋଇଥାଏ । ହେଲେ ପେଠା ଉତ୍ତରପ୍ରଦେଶର ଲୋକମାନେ ପ୍ରସ୍ତୁତ କରିଥାଆନ୍ତି । ପେଠା ପାଇଁ ଆଗ୍ରା ପ୍ରସିଦ୍ଧ । ପାଣିକଖାରୁରୁ ଚୋପା ଛଡ଼ାଇ ସେଥିରୁ ମଞ୍ଜି ବାହାର କରି ଏହାକୁ ଚିନି ସିରାରେ ବୁଡ଼ାଇ ପ୍ରସ୍ତୁତ ହୋଇଥାଏ ପେଠା । ପେଠା ଦୀର୍ଘ ଦିନ ରହି ପାରୁଥିଲା ଭଳି ଏକ ମିଠେଇ । ମୁରବ୍ବା ଭଳି ଦେଖାଯାଉଥିଲେ ମଧ ଏହାର ସ୍ୱାଦ ଅଲଗା । ପେଠା ସାଧାରଣତଃ ଦୁଇ ପ୍ରକାରର ହୋଇଥାଏ । ଗୋଟିଏ ହେଉଛି ଅଙ୍ଗୁରି ପେଠା ଯାହାକି ଚିନି ସିରାରେ ବୁଡ଼ାଯାଇ ପ୍ରସ୍ତୁତ କରାଯାଇଥାଏ । ଆଉ ଗୋଟିଏ ହେଉଛି ନାରିୟଲ ପେଠା ଅର୍ଥାତ ନଡ଼ିଆ ରସ ମିଶି ପ୍ରସ୍ତୁତ ହୋଇଥାଏ ଏହି ପେଠା । ପେଠା ପ୍ରସ୍ତୁତ କରିବାରେ ଘିଅ ଏବଂ ତେଲ ଆବଶ୍ୟକ ପଡ଼ିନଥାଏ । ପାଣିକଖାରୁ ଏବଂ ଚିନିରେ ହିଁ ପ୍ରସ୍ତୁତ ହୋଇଥାଏ । ଯଦି ସଜାଇବାକୁ ଇଚ୍ଛା ତେବେ ଏଥିରେ ଅଳ୍ପ କିଛି ଡ୍ରାଏ ଫ୍ରୁଟ୍‌ସ ମିଶା ଯାଇପାରିବ । ତେବେ ଆସନ୍ତୁ ଜାଣିବା ପେଠା ତିଆରିର ପଦ୍ଧତି ।

**ପ୍ରସ୍ତୁତି :**

ଏକ ବଡ଼ ପାଣିକଖାରୁକୁ ମଝିରୁ କାଟି ଭିତରର ମଞ୍ଜି ଏବଂ ନରମ ଅଂଶ ବାହାର କରିଦିଅନ୍ତୁ । ଏହାପରେ ସେଥିରୁ ଚୋପା ଛଡ଼ାଇ ଛୋଟ ଛୋଟ ଟୁକୁରା କରିନିଅନ୍ତୁ । ଏକ କଣ୍ଟା ଚାମଚରେର ଏଥର ସେହି ଟୁକୁରାଗୁଡ଼ିକରେ ଫୁଟା କରିନିଅନ୍ତୁ । ଏକ ବଡ଼ ପାତ୍ରରେ ପାଣି ନେଇ ସାମାନ୍ୟ ଚୂନ ମିଶାଇ ଭଲ କରି ଗୋଳାଇ ଦିଅନ୍ତୁ । ଏହାପରେ ସେହି ଚୂନ ମିଶା ପାଣିରେ ଚୋପାଛଡ଼ା ପାଣିକଖାରୁ ଟୁକୁରାଗୁଡ଼ିକୁ ପକାଇ ୧୦ରୁ ୧୨ ଘଣ୍ଟା ନହେଲେ ପୂର୍ବଦିନ ରାତିରୁ ବତୁରାଇ ରଖନ୍ତୁ । ପରଦିନ ସକାଳେ କିମ୍ବା ୧୨ ଘଣ୍ଟା ପରେ ପାଣିକଖାରୁ ଟୁକୁରାଗୁଡ଼ିକୁ ଚୂନ ମିଶା ପାଣିରୁ ବାହାର କରି ଆଉ ଥରେ ସଫା ପାଣିରେ ଧୋଇ ନିଅନ୍ତୁ । ଏହାପରେ ତଳ ମୋଟା ଥିବା ଏକ ବଡ଼ ପାତ୍ର କିମ୍ବା କରେଇରେର ୨ ଲିଟର ପାଣି ନେଇ ଢାଙ୍କୁଣି ଦେଇ ଫୁଟିବାକୁ ଛାଡ଼ିଦିଅନ୍ତୁ । ପାଣି ଫୁଟି ଆସିଲେ ସେଥିରେ ପାଣିକଖାରୁ ଟୁକୁରାଗୁଡ଼ିକୁ ଫୁଟିବାକୁ ଛାଡ଼ିଦିଅନ୍ତୁ । ଆଞ୍ଚ ସଂପୂର୍ଣ୍ଣ ଜୋର୍ କରି ୨୦ ମିନିଟ୍ ପର୍ଯ୍ୟନ୍ତ ପାଣିକଖାରୁ ଟୁକୁରାଗୁଡ଼ିକୁ ସିଝିବାକୁ ଦିଅନ୍ତୁ । ଦେଖିବେ ୨୦ ମିନିଟ ପରେ ସେହି ଟୁକୁରାଗୁଡ଼ିକ ଆହୁରି ସ୍ୱଚ୍ଛ ଦେଖାଯିବ । ଏଥର ଗରମ ପାଣିରୁ ଛାଣରି ସେଗୁଡ଼ିକୁ ଆଉ ଏକ ପାତ୍ରରେର ରଖି ପାଣି ନିଗାଡ଼ି ନିଅନ୍ତୁ । ଭଲ କରି ପାଣରି ନିଗାଡ଼ି ଦେବେ । ଭଲ କରି ପାଣରି ନିଗାଡ଼ିଗଲା ପରେ ସେଗୁଡ଼ିକୁ ଏକ ପାତ୍ରରେ ଖେଳେଇ କରି ରଖିବେ । ଏହାପରେ ଏକ ବଡ଼ ପାତ୍ରରେ ୩ କପ୍ ପାଣରି ନେଇ ସିରା ପ୍ରସ୍ତୁତ କରିବେ । ସିରା ବହଳିଆ ହେବା ଆଗରୁ ହିଁ ପାଣିକଖାରୁ ଟୁକୁରାଗୁଡ଼ିକୁ ସେଥିରେ ପକାଇ ଦେବେ । ଆଞ୍ଚ ବଢ଼ାଇ ଚିନି ସିରାରେ ସେଗୁଡ଼ିକୁ ଫୁଟିବା ପାଇଁ ଛାଡ଼ିଦେବେ । ଦେଖିବେ ଚିନି ସିରା ପୂରା ବହଳିଆ ହୋଇଛି କି ନାହିଁ । ଆଙ୍ଗୁଳି ଟିପରେ ଟିକେ ନେଇ ଦେଖିଲେ ବୁଝିପାରିବେ ଗାଢ଼ ହୋଇଛି କି ନାହିଁ । ସିରା ଗାଢ଼ ହୋଇଗଲେ ଆଞ୍ଚ ବନ୍ଦ କରି ଥଣ୍ଡା କରିବା ପାଇଁ ଛାଡ଼ିଦେବେ । ୧୨ରୁ ୧୪ ଘଣ୍ଟା ପରେ ଦେଖିବେ ସିରା ଆହୁରି ଶୁଖିଯାଇଥିବ । ଏହା ପରେ ଏକ ଚାଲୁଣି ଉପରେ ସିରାରୁ ପାଣିକଖାରୁ ଟୁକୁରାଗୁଡ଼ିକ ନେଇ ରଖିଦେବେ । ଚାଲୁଣି ତଳେ ଆଉ ଏକ ପାତ୍ର ରଖିଥିବେ ଯେମିତି ଅତିରିକ୍ତ ସିରା ତଳେ ନପଡ଼ି ସେହି ପାତ୍ରରେ ପଡ଼ିବ । ଏହାପରେ ଟୁକୁରାଗୁଡ଼ିକୁ ପଙ୍ଖା ତଳେ ୩ ଘଣ୍ଟା ଶୁଖାଇ ଦିଅନ୍ତୁ । ୩ ଘଣ୍ଟା ପରେ ଦେଖିବେ ସେଗୁଡ଼ିକ ପୂରା ଶୁଖିଯାଇଥିବ । ଜାଣିବେ କି ଆପଣଙ୍କ ପେଠା ପୂରା ପ୍ରସ୍ତୁତ । ଏଥର ଏକ ଏୟାର ଟାଇଟ୍ କଣ୍ଟେନର୍ ଆଣି ସେଥିରେ ପେଠାଗୁଡ଼ିକୁ ରଖିଦେବେ । ଏହା ପ୍ରାୟ ଦୁଇ ମାସ ପର୍ଯ୍ୟନ୍ତ ଭଲ ରହିଥାଏ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଜିଇଁବାର ଅଧିକାର...

ଶରଣାର୍ଥୀମାନଙ୍କୁ ଆଶ୍ରୟ ପ୍ରଦାନ କରିବା ଏବଂ ସେମାନଙ୍କୁ ଜୀବନ ବଞ୍ଚିବାର ମୌଳିକ ସୁବିଧା ସୁଯୋଗ ଯୋଗାଇ ଦେବା ନେଇ ଭାରତ ସରକାରଙ୍କ ନୀତି ଅତି ସଂକ୍ଷେପରେ କହିଲେ ଦୋଦୁଲ୍ୟମାନ ଓ ଅନିର୍ଦ୍ଦିଷ୍ଟ ରହି ଆସିଛି । ଏହାର ପରିଣତି ସ୍ୱରୂପ, ପ୍ରାୟତଃ ଏ ବାବଦରେ ମନ୍ତ୍ରୀ ଏବଂ ମନ୍ତ୍ରଣାଳୟ ମଧ୍ୟରେ କଥାରେ ତାଳମେଳ ରୁହେନାହିଁ, ଯେଉଁଥିପାଇଁ ସରକାର ସର୍ବସାଧାରଣରେ ନିନ୍ଦିତ ହେବା ଭଳି ପରିସ୍ଥିତି ଉପୁଜେ। ନିକଟରେ ଏମିତି ଏକ ପରିସ୍ଥିତି ଉପୁଜିଛି ଗତ ବୁଧବାର ଦିନ ଯେତେବେଳେ ସହରାଞ୍ଚଳ ବିକାଶ ମନ୍ତ୍ରୀ ହରଦୀପ ପୁରୀ ସୋସିଆଲ ମିଡିଆରେ ଘୋଷଣା କଲେ ଯେ ଦିଲ୍ଲୀରେ ଏକ ବସ୍ତି କରି ବାସ କରୁଥିବା ପ୍ରାୟ ୧,୧୦୦ ରୋହିଙ୍ଗାଙ୍କୁ ଗରିବ ଲୋକମାନଙ୍କ ନିମନ୍ତେ ତିଆରି କରାଯାଇଥିବା ଫ୍ଲାଟଗୁଡ଼ିକରେ ରଖିବାକୁ, ମୋଦୀ ସରକାର ନିଷ୍ପତ୍ତି ନେଇଛନ୍ତି । ମନ୍ତ୍ରୀଙ୍କ ଏପରି ଘୋଷଣାର ମାତ୍ର ଅଳ୍ପ କେତେ ଘଣ୍ଟା ମଧ୍ୟରେ ଗୃହ ମନ୍ତ୍ରୀଙ୍କ କାର୍ଯ୍ୟାଳୟ ତରଫରୁ ଏହାର ପ୍ରତିବାଦ କରାଗଲା, ଯାହା ସରକାରଙ୍କର ଏଭଳି କୌଣସି ଉଦ୍ଦେଶ୍ୟ ନଥିବା କହିବା ସହିତ ସେମାନଙ୍କୁ 'ବେଆଇନ ବିଦେଶୀ' ଘୋଷଣା କରିଥିଲା । ସୂଚନାଯୋଗ୍ୟ ଯେ ରୋହିଙ୍ଗାମାନେ ଦିଲ୍ଲୀର ବକ୍କରୱାଲା ଅଞ୍ଚଳରେ ଅସ୍ଥାୟୀ ଘରମାନ କରି ରହୁଛନ୍ତି । ଗୃହ ମନ୍ତ୍ରଣାଳୟ ତରଫରୁ ଜାରି କରାଯାଇଥିବା ପ୍ରେସ୍ ଇସ୍ତାହାରରେ କୁହାଯାଇଥିଲା ଯେ ରୋହିଙ୍ଗୀମାନଙ୍କୁ ଅଟକ କେନ୍ଦ୍ର ବା ଡିଟେନସନ୍ ସେଣ୍ଟର ଭାବରେ ନାମିତ କରାଯିବାକୁ ଥିବା ସେମାନଙ୍କର ବର୍ତ୍ତମାନର ଘରଗୁଡ଼ିକରେ ରହିବାର ସୁଯୋଗ ଦିଆଯିବା ସହିତ ସରକାର ସେମାନଙ୍କୁ ସେମାନଙ୍କର ମୂଳ ବାସସ୍ଥାନ ମିଆଁମାର ପଠାଇ ଦେବା ପାଇଁ ଉଦ୍ୟମ ଜାରି ରଖିଛନ୍ତି । ଏଥିରେ ସନ୍ଦେହ ନାହିଁ ଯେ ଉଭୟ ମନ୍ତ୍ରୀ ଏବଂ ଗୃହ ମନ୍ତ୍ରୀଙ୍କ କାର୍ଯ୍ୟାଳୟ ତରଫରୁ ଜାରି କରାଯାଇଥିବା ପ୍ରେସ୍ ଇସ୍ତାହାର ବିସ୍ମୟଜନକ। ଶ୍ରୀଯୁକ୍ତ ପୁରୀ ହେଉଛନ୍ତି କେନ୍ଦ୍ର ମନ୍ତ୍ରିମଣ୍ଡଳର ଜଣେ ବରିଷ୍ଠ ମନ୍ତ୍ରୀ ଏବଂ ଜଣେ ଅଭିଜ୍ଞ କୂଟନୀତିଜ୍ଞ। ଦିଲ୍ଲୀ ବାହାରେ ଅର୍ଥନୀତିକ ଦୁର୍ବଳ ଶ୍ରେଣୀର ଲୋକମାନଙ୍କ ପାଇଁ ନିର୍ମିତ ଆପାର୍ଟମେଣ୍ଟରେ ରୋହିଙ୍ଗୀମାନଙ୍କୁ ଘର ଦିଆଯିବା ସହିତ ସେମାନଙ୍କୁ ସବୁ ପ୍ରକାରର ସୁବିଧା ସୁଯୋଗ ପ୍ରଦାନ କରାଯିବ ବୋଲି କେବଳ ସେ କହି ନଥିଲେ, ସଙ୍ଗେସଙ୍ଗେ ସେ ମଧ୍ୟ ଦିଲ୍ଲୀ ପୁଲିସ ଦ୍ୱାରା ସେମାନଙ୍କୁ ସୁରକ୍ଷା ଯୋଗାଇ ଦିଆଯିବ ବୋଲି କହିଥିଲେ। କହିବା ବାହୁଲ୍ୟ, ଶ୍ରୀଯୁକ୍ତ ପୁରୀଙ୍କର ଏପରି ଘୋଷଣା ଭାରତ ବର୍ଷ ବର୍ଷ ଧରି ଶରଣାର୍ଥୀମାନଙ୍କ ପ୍ରତି ପୋଷଣ କରି ଆସୁଥିବା ମନୋଭାବର ପ୍ରମାଣ ପ୍ରଦାନ କରିଥିଲା, ଯାହା ବିଶ୍ୱରେ ଭାରତର ସୁଖ୍ୟାତିକୁ ବୃଦ୍ଧି କରିବାର ଉଦ୍ଦେଶ୍ୟ ବହନ କରୁଥିଲା । ଶ୍ରୀଯୁକ୍ତ ପୁରୀ ମଧ୍ୟ ସେମାନଙ୍କ ବାସ ସମ୍ପର୍କିତ ସମସ୍ତ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ ଏବଂ ୨୦୨୧ର କାଗଜପତ୍ରକୁ ଦର୍ଶାଇଥିଲେ ଯେଉଁଥିରେ ଦର୍ଶା ଯାଇଥିଲା ଯେ ସେମାନଙ୍କର ପୁରୁଣା ଘରଗୁଡ଼ିକୁ ପୋଡ଼ି ଦିଆଯିବା ପରେ ରୋହିଙ୍ଗାମାନେ ଏକ ଇସଲାମୀୟ ବଦାନ୍ୟ ସଂସ୍ଥା ସେମାନଙ୍କ ବାସ କରିବା ନିମନ୍ତେ ପ୍ରଦାନ କରିଥିବା ଜମିରେ ବାସ କରି ଆସୁଛନ୍ତି । ପରନ୍ତୁ, ଶୁଣିବାକୁ ମିଳେ ଯେ ରୋହିଙ୍ଗାମାନଙ୍କ ବାସ କରିବା ଉପରେ ବିଶ୍ୱ ହିନ୍ଦୁ ପରିଷଦ ଦୃଢ଼ ଭାବରେ ଆପତ୍ତି ଉଠାଇ ଥିଲା । ଆଶ୍ଚର୍ଯ୍ୟର କଥା ହେଉଛି– କେବଳ ୨୦୨୧ରେ ହିଁ ରୋହିଙ୍ଗା ଶରଣାର୍ଥୀ ଶିବିର ଚାରିଥର ଅଜ୍ଞାତ କାରଣରୁ ଅଗ୍ନି ବିତ୍ପାତର ସମ୍ମୁଖୀନ ହୋଇଥିଲା । ୨୦୧୬ରୁ ୨୦୨୧ ଭିତରେ ରୋହିଙ୍ଗାମାନଙ୍କ ଶିବିର ୧୨ ଥର ଅଗ୍ନିକାଣ୍ଡର ଶିକାର ହୋଇଛି । ଏହି ଅଗ୍ନିକାଣ୍ଡଗୁଡ଼ିକ ମଧ୍ୟରୁ ଅଧିକାଂଶ ରାତି ସମୟରେ ଏବଂ ସେମାନଙ୍କୁ ଦେଶ ଛାଡ଼ି ପଳାଇ ଯିବାକୁ ଧମକ ମିଳିବା ପରେ ହିଁ ଘଟିଥିଲା ଏବଂ ଏସବୁ ନିଆଁର କାରଣ ସର୍ଟ ସର୍କିଟ୍ ବୋଲି କୁହାଯାଇଥିଲା । ଶରଣାର୍ଥୀମାନଙ୍କ ଆଶ୍ରୟ ପ୍ରସଙ୍ଗରେ ଭାରତ ୧୯୫୧ର ଜାତିସଂଘ କଭେସରେ ସ୍ୱାକ୍ଷରକାରୀ ହୋଇ ନଥିଲେ ସୁଦ୍ଧା ମନ୍ତ୍ରୀ ଶ୍ରୀଯୁକ୍ତ ପୁରୀ ଏହାକୁ ଭାରତ ସବୁବେଳେ 'ସମ୍ମାନ ପ୍ରଦର୍ଶନ କରିବା ସହିତ ଅନୁସରଣ କରି ଆସିଛି' ବୋଲି ଟିଟ୍ କରିଥିଲେ। କିନ୍ତୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହକର୍ମୀମାନେ ଏହାକୁ ସଦାସର୍ବଦା ବେଖାତିର କରି ଆସିଛନ୍ତି । ସେମାନେ ଶରଣାର୍ଥୀମାନଙ୍କୁ 'CB' ଭାବରେ ଅଭିହିତ କରିବା ସହିତ ଭାରତ ସେମାନଙ୍କୁ କେବେହେଲେ 'ଗ୍ରହଣ କରିବ ନାହିଁ ବୋଲି କହି ଆସିଛନ୍ତି । କହିବା ଅନାବଶ୍ୟକ ଯେ ଏହା ଭାରତର 'ବସୁଧୈବ କୁଟୁମ୍ବକମ୍ ନୀତିର ବିରୋଧାଚରଣ କରୁଛି । ସର୍ବୋପରି, ଏହି ରୋହିଙ୍ଗାମାନଙ୍କୁ ଆଶ୍ରୟ ପ୍ରଦାନ କରିବାକୁ ଚାହୁଁ ନଥିବା ଭାରତ ମିଆଁମାର ସରକାରଙ୍କ ସହିତ ସେମାନଙ୍କର ଘର ବାହୁଡ଼ା ସମ୍ପର୍କରେ ମଧ୍ୟ କୌଣସି ପ୍ରକାରର ଆଲୋଚନା କରିନାହିଁ କି ସେମାନଙ୍କ ପ୍ରତ୍ୟାବର୍ତ୍ତନ ପାଇଁ ଢାକା ଏବଂ ନେପିଦା ମଧ୍ୟରେ ମଧ୍ୟସ୍ଥତା କରି ସେମାନଙ୍କର ଫେରିଯିବାକୁ ସୁନିଶ୍ଚିତ କରି ପାରିନାହିଁ, ଯେଉଁଥିପାଇଁ ଭାରତ ନିଜକୁ 'ଆଞ୍ଚଳିକ ନେତା' ଭାବରେ ପ୍ରତିପାଦିତ କରିବାରେ ବିଫଳ ହୋଇଛି ବୋଲି କୁହାଯାଇପାରେ। ଶେଷରେ ଏତିକି କୁହାଯାଇପାରେ ଯେ ଭାରତ ଏମାନଙ୍କୁ ଆଶ୍ରୟ ଦେବ କି ନାହିଁ, ତାହା ଏକ ବିତର୍କର ବିଷୟବସ୍ତୁ ଏବଂ ସରକାରଙ୍କର ନୀତିଗତ ନିଷ୍ପତ୍ତି ପରନ୍ତୁ, ସେମାନେ ପ୍ରତ୍ୟାବର୍ତ୍ତନ କରିବା ପର୍ଯ୍ୟନ୍ତ ମାନବିକତା ଦୃଷ୍ଟିକୋଣରୁ ସରକାର ସେମାନଙ୍କୁ ଜୀବନ ବଞ୍ଚିବାର ସମସ୍ତ ମୌଳିକ ସୁବିଧା ସୁଯୋଗ ଓ ସୁରକ୍ଷା ଯୋଗାଇ ଦେବା ଉଚିତ, । କାରଣ ବେଆଇନ ଶରଣାର୍ଥୀ ହେଲେ ମଧ୍ୟ ପ୍ରତ୍ୟେକ ମଣିଷର ଜୀବନ ଜିଇଁବାର ଅଧିକାର ରହିଛି ଏବଂ ତାଙ୍କୁ ତାହା ପ୍ରଦାନ କରିବା ଆମମାନଙ୍କର କର୍ତ୍ତବ୍ୟ ।

# ୫-ଟି/ପଞ୍ଚସୂତ୍ରୀ ଯୋଜନା



**ପଙ୍କଜ କୁମାର ପାଣିଗ୍ରାହୀ**

ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଓଡିଶାକୁ ଏକ
ଅବଦାନ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ !
ମନର କଥାକୁ କହିବା ପୂର୍ବରୁ କାର୍ଯ୍ୟରେ
ଲଗାଇବା ଭଳି ଏକ ବାସ୍ତବ ପରିକଳ୍ପନା !
କି'ନ୍ତୁ ତାହାର ସଦୁପଯୋଗ ଆବଶ୍ୟକତା ଅନୁଭବ
ଏକ ଗର୍ହିତ ବିଷୟ ଯାହା ସେ ବିରକୁ ନିଅନ୍ତୁ !!

**Team work, Technology, Transparency, Transformation and Time limit.**

ଓଡିଶା ସରକାର ତଥା ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ୫-ଟି ଯୋଜନା ଅନ୍ତର୍ଗତ ପାଞ୍ଚୋଟି ବିଷୟ ଆଧାରିତ ଯେଉଁସବୁ ଭବିଷ୍ୟ ଦ୍ରଷ୍ଟା ଯୋଜନା ରହିଛି ସେଗୁଡିକୁ ଉପଯୁକ୍ତ ପଥରେ ପରିଳିତ କରାଗଲେ ହୁଏତ କିଛି ସାମାଜିକ ପରିବର୍ତ୍ତନ ସମ୍ଭବ ହୋଇପାରେ । କି'ନ୍ତୁ ସମ୍ପୃକ୍ତ ବିଭାଗ ସେଗୁଡିକ ପ୍ରତି ସମ୍ପୂର୍ଣ୍ଣ ସଚେତନ ରହିବା ସହିତ ସେହି ଯୋଜନା ଗୁଡିକର ପ୍ରକୃତ ଲକ୍ଷ ସାଧନ ଦିଗରେ ଚେଷ୍ଟିତ ହେଲେ କିଛି ଆଖି ଦୃଷ୍ଟିଆ ସାମାଜିକ ପରିବର୍ତ୍ତନ ଆଶା କରାଯାଇ ପାରିବ । ପାଞ୍ଚୋଟି ଯୋଜନାକୁ କେମିତି ବ୍ୟବହାର କରାଗଲେ ତାହାର ଲକ୍ଷ ସାଧନ ହୋଇପାରିବ ବିରକୁ ନେଇ ଦେଖିବା ତଥା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ବିଭିନ୍ନ ମହଲରୁ ସହଯୋଗ କରାଗଲେ ସମୃଦ୍ଧ ଓଡିଶା ଗଠନ କରିବାରେ ଆମେ ସମର୍ଥ ହୋଇପାରିବା ବୋଲି ଆମ ବିର । ସରକାରୀ କଳର ସମସ୍ତ ଉଚ୍ଚାସିନ ସଦସ୍ୟ ନିଜ ନିଜ ବିଭାଗ ଗୁଡିକରେ ରହିଥିବା ଅଭାବନିୟତା ଗୁଡିକ ସମ୍ପୃକ୍ତ ବିଭାଗୀୟ ମୁଖ୍ୟଙ୍କ ଦୃଷ୍ଟି ଆକର୍ଷଣ ପୂର୍ବକ ସ୍ୱତଃପ୍ରବୃତ୍ତ ଭାବେ ସେଗୁଡିକର ସଂଶୋଧନ ପାଇଁ ଅନୁମୋଦନ ଗ୍ରହଣ କଲେ ବିଭିନ୍ନ ବିଭାଗରେ ରହିଥିବା ଅଭାବନିୟତା ଗୁଡିକ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ କ୍ରମେ ପରିମାର୍ଜିତ ହୋଇ ନୂତନ ଓଡିଶା ଗଠନ ହେବା ଦିଗରେ ସହାୟକ ହୋଇପାରିବ । କି'ନ୍ତୁ କେବଳ ୫-ଟି ବିଭାଗ ନିଜେ ଅନୁଧାନ, ଅନୁସନ୍ଧାନ କରି ସଂସ୍କାର କରିବା ପାଇଁ ଚେଷ୍ଟା କରିବା ଦ୍ୱାରା ହୁଏତ ସଫଳତା ଅନେକ ଦୂର ହୋଇପାରେ । ବିଭିନ୍ନ ବିଭାଗରେ ରହିଥିବା ଅପରିମାର୍ଜିତ ତଥା କଳୁଷିତ ନିୟମ ଗୁଡିକର ପୁନଃ ସଂସ୍କାର ପାଇଁ ସମ୍ପୃକ୍ତ ବିଭାଗୀୟ ମୁଖ୍ୟ ମାନେ ତତ୍ପରତା ପ୍ରଦର୍ଶନ କରି ଏହି ୫-ଟି ବିଭାଗର ଦୃଷ୍ଟି ଆକର୍ଷଣ କରିବା ବାଞ୍ଛନୀୟ । ତାହେଲେ ହୁଏତ କେତେକ କ୍ଷେତ୍ରରେ ସଂସ୍କାର ଆସିପାରେ । ନତୁବା ୫-ଟି କେବଳ ଏକ ପୋଥିଗତ ବିଦ୍ୟା ଭଳି ରହିବା ଛଡା ଏହାର ସଫଳତା ଅତ୍ୟନ୍ତ କ୍ଷୀଣ ହୋଇପାରେ । ଏହା ସହିତ ସାମାଜିକ କ୍ଷେତ୍ରରୁ ଆସୁଥିବା ଅଭିଯୋଗ ତଥା ଉପଦେଶାତ୍ମକ ପତ୍ର ଗୁଡିକୁ ଏହି ବିଭାଗ ଯତ୍ନର ସହିତ କାର୍ଯ୍ୟକ୍ଷମ କରିବା ବିଧେୟ । ବର୍ତ୍ତମାନ କେତେକ ଦୁର୍ବଳ ନିୟମ ତଥା ସେଗୁଡିକର ପରିବର୍ତ୍ତନର ଆବଶ୍ୟକତା ଉପରେ ବିର କରି ୫-ଟି ବିଭାଗର ଦୃଷ୍ଟି ଆକର୍ଷଣ ପୂର୍ବକ ତୁରନ୍ତ ପଦକ୍ଷେପ ପାଇଁ ଅନୁରୋଧ କରାଯିବା ବିଷୟ ଗୁଡିକ ଏହାଯେ.....

Team work- ଏକ ମାନବୀୟ ବିରଧାରାରୁ ନିର୍ଗତ ମତାମତ ଏହାକି- ତଳୁ ଉପର ପର୍ଯ୍ୟନ୍ତ ସମସ୍ତ କର୍ମରୀ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟରତ ଥିବାବେଳେ ସାମ୍ବିଧାନିକ ନିୟମ ଅନୁଯାୟୀ ନିମ୍ନସ୍ଥ କର୍ମରୀଙ୍କ ଉପରେ ଉପରିସ୍ଥ କର୍ମରୀଙ୍କ କିଛି କର୍ତ୍ତୃପତ୍ୱ ରହିଥାଏ । କି'ନ୍ତୁ ଉପରିସ୍ଥ ଅଧିକାରୀ ନିମ୍ନସ୍ଥ ଅଧିକାରୀଙ୍କୁ ନିଜର ତଳିଆ ମଣିଷ ଭାବେ ବିର କରି ଦମନ କରିବା କୌଣସି ମତେ ମାନବିକ କିମ୍ବା ସାମ୍ବିଧାନିକ ବିର ନୁହେଁ । ସମସ୍ତେ ସମନ୍ୱୟ ରକ୍ଷା କରି ଏକ ମନ ଏକ ପ୍ରାଣ ହୋଇ କାର୍ଯ୍ୟ କଲେ team work ସଫଳ ହୋଇ ପାରିବ । ତେଣୁ ରାଜ୍ୟ ସରକାର ସମସ୍ତ ସରକାରୀ କର୍ମରୀଙ୍କ ମଧ୍ୟରେ ଭ୍ରାତୃଭାବ ସୃଷ୍ଟି କରି ଆଗ୍ରହର ସହିତ ସରକାରୀ କାର୍ଯ୍ୟ କରିବା ପାଇଁ ପ୍ରବର୍ତ୍ତାଇବା ବାଞ୍ଛନୀୟ । ତାହେଲେ କେବଳ team work ସଫଳ ରୂପାୟନ ହେବ । ନତୁବା ସେହି ବ୍ରିଟିଶ ଶାସନ ଭଳି ଉଚ୍ଚସ୍ଥ କର୍ମରୀଙ୍କ ନିମ୍ନସ୍ଥ କର୍ମରୀଙ୍କ ଉପରେ ପ୍ରକୋପ ଜାରି ରହିଲେ team work ଦେଖାଣିଆ ଭାବେ ଲିଲେ ମଧ୍ୟ ନିଶ୍ଚିତ ସଫଳ ହେବା ସମ୍ଭାବନା କ୍ଷୀଣ । ତେଣୁ ସମସ୍ତ କର୍ମରୀଙ୍କୁ ଉପଯୁକ୍ତ ତାଲିମ ଦିଆଯାଇ ସେମାନଙ୍କ ମଧ୍ୟରେ ଆନନ୍ଦିତ ବାତାବରଣ ସୃଷ୍ଟି କରି କାର୍ଯ୍ୟ ହାସଲ କରାଯିବା ଲକ୍ଷ ରଖନ୍ତୁ ସରକାର ।

Technology- ଅଦ୍ୟାବଧି ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ ଗୁଡିକରେ ଯାହାସବୁ ନୂତନ Technology ବ୍ୟବହାର ହେଉଛି କିମ୍ବା ତ୍ୱରାନ୍ୱିତ ଅବସ୍ଥାରେ ରହିଛି ତାହା ନିଶ୍ଚିତ ଭାବେ ପୂର୍ବାପେକ୍ଷା ଯଥେଷ୍ଟ ଅଧିକ । ଅନେକ କ୍ଷେତ୍ରରେ ଦେଖିବାକୁ ମିଳୁଛି ଯେ ଯେଉଁସବୁ ପୁରୁଣା କର୍ମରୀ ଆଜିର ଏହି ଅତ୍ୟାଧୁନିକ କୌଶଳ ବ୍ୟବହାର କରିବାରେ ଅକ୍ଷମ ରହୁଛନ୍ତି, ସେମାନେ କୌଣସି ମତେ ଅନ୍ୟ କାହାପାଖରେ ବୁଝି ସୁଝି କିଛି କିଛି କାର୍ଯ୍ୟ ତୁଲାଉଛନ୍ତି । କି'ନ୍ତୁ ଆଜିର ନୂତନ ପିଢ଼ି ସେହି ଅତ୍ୟାଧୁନିକ କୌଶଳ ଗୁଡିକ ଉପରେ ପାରଙ୍ଗମ ରହିଥବା ହେତୁ କେତେକ କାର୍ଯ୍ୟ ସୁରୁଖୁରୁରେ ହୋଇ ପାରୁଛି । ଅଧିକନ୍ତୁ ରାଜ୍ୟ ସରକାର ବିଭିନ୍ନ କ୍ଷେତ୍ରରେ ନିୟୋଜିତ କରିଥିବା କାରିଗରୀ ସହାୟକ ମାନେ ସାଧାରଣ କ୍ଷେତ୍ର ତଥା ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ନିୟୋଜିତ ଅଜ୍ଞ କର୍ମରୀଙ୍କୁ ସହାୟତା ଯାଗାଇଦେବା ସହିତ କାହାର କୌଣସି ଅସୁବିଧା ହେଲେ ସେମାନେ ସହଯୋଗ କରି କାର୍ଯ୍ୟ ସମ୍ପନ୍ନ କରିବା ଲକ୍ଷ ରଖିଛନ୍ତି । ସେହି ଯାନ୍ତ୍ରିକ କୌଶଳ ପାରଙ୍ଗମ ବ୍ୟକ୍ତି ଗୁଡିକ ବାସ୍ତବିକ ସବୁ ସରକାରୀ କାର୍ଯ୍ୟାଳୟର କର୍ମରୀଙ୍କ ସହିତ ଉପଯୁକ୍ତ ଆଦାନ ପ୍ରଦାନ କରୁଛନ୍ତି କି ନାହିଁ ସମୀକ୍ଷା କରାଯିବା ନିତାନ୍ତ ବିଧେୟ । ଅନେକ କ୍ଷେତ୍ରରେ ସେହି ନିୟୋଜିତ technician ରାଜ୍ୟର ସରକାରୀ କର୍ମରୀଙ୍କୁ ସମ୍ପୂର୍ଣ୍ଣ ଜ୍ଞାନ ପ୍ରଦାନ ନକରି କିଛି ବ୍ୟକ୍ତିଗତ ସ୍ୱାର୍ଥ ହାସଲ କରୁଥାଇ ପାରନ୍ତି । ତେଣୁ କାର୍ଯ୍ୟାଳୟ ଗୁଡିକର କାର୍ଯ୍ୟରେ ଶୀଥିଳତା ରହୁଥିବା ଅନୁମାନ କରିହେଉଛି । ତେଣୁ ସରକାର ସମସ୍ତ technical expert ମାନଙ୍କୁ ମଧ୍ୟ ଉପଯୁକ୍ତ ତାଲିମ ଦେବା ତଥା ସେମାନଙ୍କ କାର୍ଯ୍ୟରେ ସ୍ୱଚ୍ଛତା ପ୍ରତି ସଜାଗ ରହିବା ଅତ୍ୟନ୍ତ ଆବଶ୍ୟକ । ତାହେଲେ ହୁଏତ ଆମେ ଅତି ଶୀଘ୍ର ଆଗକୁ ବଢି ପାରିବା । ଅନ୍ୟଥା ସ୍ୱପ୍ନ ସାକାର ହେବା ବହୁତ ଦୂର ହୋଇ ପାରେ ।

Transparency- ରାଜ୍ୟ ସରକାରୀ କାର୍ଯ୍ୟାଳୟ ଗୁଡିକର କାର୍ଯ୍ୟ କଳାପ ସ୍ୱଚ୍ଛ ରହିବା ସହିତ ଜନଅଭିଯୋଗ ପ୍ରତି ବିଭାଗୀୟ ମୁଖ୍ୟଙ୍କ ଠାରୁ ଆରମ୍ଭ କରି ଉପରିସ୍ଥ ଅଧିକାରୀ ତଥା ରାଜ୍ୟ ସରକାର ଅତ୍ୟନ୍ତ ସ୍ୱଚ୍ଛତା ଭାବ ପ୍ରଦର୍ଶନ କରିବା ଏକାନ୍ତ ବାଞ୍ଛନୀୟ । ଅନେକ ସମୟରେ ଦେଖିବାକୁ ମିଳୁଛି ଯେ ବିଭିନ୍ନ ବିଭାଗର କାର୍ଯ୍ୟ ଶୈଳୀରେ କିଛି ହାତ ଗୁଞ୍ଜା ନେଇ ବହୁତ ଅକର୍ତ୍ତବ୍ୟ କରିବାକୁ ପଛାଇ ନଥା'ନ୍ତି କର୍ମରୀ ତଥା ଅଧିକାରୀ । ସେଗୁଡିକ ସାର୍ବଜନୀନ ହେଉନଥିବା ବେଳେ ସରକାରୀ ଧରପଗଡ଼ର ଅଭାବରୁ ନିଶ୍ଚିନ୍ତରେ ଅନେକ କେଲେଙ୍କାରୀ କରିଲିଛନ୍ତି ବିଭିନ୍ନ କାର୍ଯାଳୟ । ସମାନଙ୍କ କୌଣସି କାର୍ଯ୍ୟର ସ୍ୱଚ୍ଛତା ନାହିଁ କିମ୍ବା ଜନଅଭିଯୋଗ ପ୍ରତି ନିଘାନାହିଁ କାହାର । ତେଣୁ ସାଧାରଣ ଲୋକେ ମଧ୍ୟ ସବୁ ଜାଣି ବୁଝି ନିରବଦ୍ରଷ୍ଟା ପାଲଟିଛନ୍ତି । ଏହି ପରିପ୍ରେକ୍ଷୀରେ ୫-ଟି ବିଭାଗ ଜନସାଧାରଙ୍କ ଠାରୁ ଉପଦେଶାତ୍ମକ ତଥା ଅଭିଯୋଗ ସମୂହକୁ ଆହ୍ୱାନ କରି ତାହା ଉପରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲକ୍ଷ ରଖିଲେ ଆମର ଏହି ଯୋଜନାର ସଫଳ ରୂପାୟନ ହୋଇ ପାରିବ ବୋଲି ଆମର ବିର ।

Transformation- ଏହି କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟର ବିଦ୍ୟାଳୟ ତଥା କେତେକ ଅନ୍ୟାନ୍ୟ କାର୍ଯ୍ୟାଳୟ ଗୁଡିକର ପରିବର୍ତ୍ତନ ସର୍ବଜନ ଦ୍ରଷ୍ଟା । କି'ନ୍ତୁ ସେଗୁଡିକୁ କେବଳ ଉପର ପରିମାର୍ଜିତ ତଥା ଲୋକ ଦୃଷ୍ଟିରେ ପରିବର୍ତ୍ତନ କରାଗଲେ ଆଭ୍ୟନ୍ତର କେଲେଙ୍କାରୀ ଗୁଡିକ ସେହି ପରିବର୍ତ୍ତିତ, ପରିମାର୍ଜିତ ଚେହେରା ଗୁଡିକୁ ପୁନଃ କଳୁଷିତ କରିବାରେ ଯଥେଷ୍ଟ ଉପାଦେୟ ହୋଇ ପାରନ୍ତି ବୋଲି ବିର କରନ୍ତୁ ସରକାର । ନହେଲେ ଆମର ସବୁ ଚେଷ୍ଟା ବ୍ୟର୍ଥ ହୋଇ ଯାଇ ପାରେ । ସରକାରୀ କଳରେ ଗୋଟିଏ ସ୍ଥାନରେ ଅଧିକ ଦିନ କାର୍ଯ୍ୟ କରିବାର ସୁଯୋଗ ମଣିଷକୁ କଳୁଷିତ କରିବା ସହିତ ବ୍ୟାପକ କ୍ଷତିକାରକ କାରଣରୁ ବଦଳି ବ୍ୟବସ୍ଥା କରାଯାଇ ଥାଏ । ରାଜ୍ୟର ପ୍ରାୟତଃ ସମସ୍ତ ବିଦ୍ୟାଳୟ ଗୁଡିକରେ ଶିକ୍ଷକ ମାନେ ଦଶନ୍ଧି ଦଶନ୍ଧି ଧରି ରହି ମନମୁଖୀ କାର୍ଯ୍ୟ କରୁଥିବା କୌଣସି ଲୁ ଛପା କଥା ନୁହେଁ । ବିଭିନ୍ନ ଉପାୟ ଅବଲମ୍ବନ କରି କେତେବେଳେ ରାଜନୈତିକ ପ ତ କେତେବେଳେ ଲାଞ୍ଚ ଦେଇ ହେଉ କିମ୍ବା ଉଚ୍ଚ ଅଧିକାରୀଙ୍କ ସହିତ ମଧୁଚନ୍ଦ୍ରିକା ସୃଷ୍ଟି କରି ପ୍ରାୟତଃ ସମସ୍ତ ଅଧିକାରୀ, ଶିକ୍ଷକ ନିଜ ଘର ପାଖରେ ରହି ବିଦ୍ୟାଳୟ ଗୁଡିକରେ ପାଠ ପଢା କମ୍ ରାଜନୀତି ଅଧିକ ଚଳାଇ ଆସୁଥିବା କଥା କାହାକୁ ଅଗୋଚର ??!! ଉପଯୁକ୍ତ ଅନୁସନ୍ଧାନ କଲେ ଜାଣିହେବ ଯେ ପ୍ରାୟତଃ ଶିକ୍ଷକ, ଶିକ୍ଷୟିତ୍ରୀ ମାନେ କେବଳ ବିଦ୍ୟାଳୟକୁ ବାଧ ବାଧକତାର ସହିତ ଯାଇ ପାଠ ପଢା ପ୍ରତି କୌଣସି ଆଗ୍ରହ ନରଖି କେବଳ ମାସିକ ବେତନ ଓ ଅନ୍ୟାନ୍ୟ ସରକାରୀ ସୁବିଧା ଗୁଡିକ ଉପରେ ଚର୍ଚ୍ଚା କରିବା ସହିତ ବିଦ୍ୟାଳୟ କିମ୍ବା ଛାତ୍ର, ଛାତ୍ରୀଙ୍କ ଶିକ୍ଷା ଉପରେ କୌଣସି ପ୍ରାଧାନ୍ୟତା / ଆଗ୍ରହ ରଖିନଥା'ନ୍ତି । ଏହା କେବଳ ସେମାନଙ୍କ ମନମାନୀ କାରଣରୁ ହୋଇଥାଏ ଯେ କୌଣସି ଆଖିଦୃଷ୍ଟିଆ ସରକାରୀ କାର୍ଯ୍ୟାନୁଷ୍ଠାନ ନାହିଁ ସେମାନଙ୍କ କାର୍ଯ୍ୟଶୈଳୀ ସମୀକ୍ଷା କରାଯିବା ପାଇଁ କିମ୍ବା କଟକଣା ନାହିଁ ପିଲାଙ୍କ ଭବିଷ୍ୟ ଗଠନ ଦିଗରେ । ତେଣୁ କେବଳ ବେଲ୍ ଓ ବିଲ୍ ଛାଡିଲେ ଅନ୍ୟ କୌଣସି କାର୍ଯ୍ୟକୁ ଏକ ପ୍ରହସନର ସହିତ ଗ୍ରହଣ କରିଥା'ନ୍ତି ସେମାନଙ୍କ ମନ ମାନସରେ ଯାହାର ଉପଯୁକ୍ତ ଅନୁସନ୍ଧାନ ଏବଂ କାର୍ଯ୍ୟାନୁଷ୍ଠାନ ନିହାତି ଆବଶ୍ୟକ । ଉପସ୍ଥିତ ସମୟର ଶିକ୍ଷକ ମାନଙ୍କ ସ୍ଥଳ ବିଶେଷକୁ ନେଇ ଯୋଗ୍ୟତା, ଦକ୍ଷତା ବିଷୟ ନକହିବା ଭଲ ଯାହା ସମସ୍ତେ ଜାଣନ୍ତି । ଆଶାତୀତ ବେତନ ପାଇ ମଧ୍ୟ ତିଳେହେଲେ ଆଗ୍ରହ ନଥିବା ନିଜ କର୍ମକ୍ଷେତ୍ର ପ୍ରତି ବୋଲାଉଥିବା ଶିକ୍ଷକଙ୍କ ସାମାଜିକ ସ୍ଥାନ ଯାହା ହେବା କଥା ସହଜେ ଅନୁମାନ କରି ହେଉଥିବ ଯାହା ସମସ୍ତଙ୍କ ଗୋଚର । ସରକାର ତାତ୍ପରତାର ସହିତ ଏହାର ସମୀକ୍ଷା, ସମାଧାନ ନକଲେ school Transformation ନିଶ୍ଚିତ ବିଫଳ ହେବ, ସେଇଥିରେ ତିଳେହେଲେ ସନ୍ଦେହ ନାହିଁ । ରାଜ୍ୟର କାର୍ଯ୍ୟାଳୟ ସହକାରୀ ମାନଙ୍କ ୬ ବର୍ଷରେ ନିଶ୍ଚିତ ବଦଳି ପ୍ରାବଧାନ ରଖାଯାଇଥିବା ବେଳେ ମାସିକ ୨୫୦୦୦-୫୦୦୦୦/- ବେତନ ଭୋଗୀ ଚତୁର୍ଥ ଶ୍ରେଣୀ କର୍ମରୀ, ମାସିକ ୩୦୦୦୦-୧୦୦୦୦୦/- ବେତନ ଭୋଗୀ ଶିକ୍ଷକ/ଶିକ୍ଷୟିତ୍ରୀ ତଥା ୫୦୦୦୦-୧୫୦୦୦୦/- ବେତନ ଭୋଗୀ ଅଫିସର ମାନଙ୍କ ପାଇଁ ଏହି ନିୟମ ଲାଗୁ ହୋଇଛି କି ନାହିଁ ଜଣାନାହିଁ ! ଯଦି ନାହିଁ କାହିଁକି! ସେମାନେ କ'ଣ ରାଜ୍ୟ ସରକାରଙ୍କର ସମସ୍ତ ନିୟମ ବହିର୍ଭୁତ କି ?!! ମାତ୍ର ୧୦୦ ଟଙ୍କାର ଗ୍ରେଡ଼ ପେ ବ୍ୟବଧାନ ରହିଛି ପିଅନ ଏବଂ କିରାଣୀ ମଧ୍ୟରେ ! ଯେଉଁଠାରେ ଜଣେ କିରାଣୀଙ୍କୁ ସହ ସହ କିଲୋମିଟର ଦୂରକୁ ବଦଳି କରାଯିବା ପ୍ରାବଧାନ ରହିଛି, କିନ୍ତୁ ପିଅନକୁ ଆଦୌ ବଦଳି ହେବନାହିଁ ! କାହିଁକି ? କିରାଣୀ କଣ ପାପି ଆଉ ପିଅନ ଜଣେ ଧାର୍ମିକ ?!! ଏହାକୁ ସମୀକ୍ଷା କରି ସେମାନଙ୍କୁ ମଧ୍ୟ ସେହି ବାଧତା ମୂଳକ ବଦଳି କରାଗଲେ ବିଭାଗରେ କେତେକ ସୁଧାର ଆସି ପାରି ଥା'ନ୍ତା ଯାହା ୫-ଟି ତୁରନ୍ତ ପଦକ୍ଷପ ନେଲେ ଉଦେଶ୍ୟ ସଫଳ ହେବ ବୋଲି ଆମ ବିର । ଅନୁସନ୍ଧାନ କଲେ ଜାଣି ହେବ ଯେ ଅନ୍ୟାନ୍ୟ ବିଭାଗର କର୍ମରୀଙ୍କ ତୁଳନାରେ ଶିକ୍ଷା ବିଭାଗର କର୍ମରୀ ଆଶାତୀତ ମାସିକ ବେତନ ପାଇ ମଧ୍ୟ ତାହାର ଏକ ଦଶମାଂଶ କାର୍ଯ୍ୟ କରିନଥା'ନ୍ତି । ତେଣୁ ନିଶ୍ଚିତ ସଂସ୍କାର ତଥା କର୍ମରୀଙ୍କ ଉପରେ ବିହିତ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ଯଥେଷ୍ଟ ଅଧିକ ରହିଛି ତୁଳନାତ୍ମକ ଅନ୍ୟାନ୍ୟ ସରକାରୀ ବିଭାଗୀୟ କାର୍ଯ୍ୟାଳୟ ।

(ଅବଶିଷ୍ଟାଂଶ ପୃଷ୍ଠା-୧୫ରେ)

# ରାଜ୍ୟର କୃଷି ସଚିବ ଦେଖାଇଲେ ବାଟ



**ସୁବ୍ରତ କର**

ମାନିବାକୁ ପଡ଼ିବ ନୂଆ କରି ଦିଲ୍ଲୀରୁ ଫେରିବାକୁ କୃଷି ସଚିବଙ୍କୁ । ମାସେ ହେଲା ଆସି ନାହାଁନ୍ତି ନିଜର ବିଭାଗରେ ଥିବା ପ୍ରାୟ ୩୦୦୦ ହଜାରରୁ ଉର୍ଦ୍ଧ୍ୱ କର୍ମଚାରୀଙ୍କୁ ଜଣାଇଦେଲେ ସେ କଣ ଚାହାଁନ୍ତି । କୃଷି ବିଭାଗ ରାଜ୍ୟର ଏକ ପ୍ରମୁଖ ବିଭାଗ ଏବଂ ବଡ଼ ବିଭାଗ । ଏହା ଭିତରେ କୃଷି ଛଡ଼ା ଉଦ୍ୟାନବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ ଇତ୍ୟାଦି ଅଛି । ନିଶ୍ଚି ଭାବରେ ଆମ ରାଜ୍ୟ ଏକ କୃଷି ପ୍ରଧାନ ରାଜ୍ୟ ଏବଂ ସବୁଠୁ ବଡ଼ କଥା ହେଲା ଧାନ ଚାଉଳରେ ବଳକା ରାଜ୍ୟ । ଏବେ ଆସିବା ବା ଦେଖିବା ସେ ତାଙ୍କର କର୍ମଚାରୀ ମାନଙ୍କୁ କଣ ଉପଦେଶ ଦେଇଛନ୍ତି ଏବଂ ସବୁଠୁ ବଡ଼ କଥା ହେଲା ଜନସାଧାରଣଙ୍କୁ ମଧ୍ୟ ଜଣାଇ ଦେଇଛନ୍ତି ଯେ ସେମାନେ ମଧ୍ୟ ଏହାକୁ ତଦାରଖ କରିବେ । ସେ କାହିଁକି କର୍ମଚାରୀମାନେ ଅଫିସରେ କାମ କରୁଥିବା ବେଳେ ବା ଅଫିସରେ ରହିବା ଅବସ୍ଥାରେ କୌଣସି ପ୍ରକାରର ମାଦକ ଦ୍ରବ୍ୟ ବ୍ୟବହାର କରି ପାରିବେ ନାହିଁ । ମାଦକ ଦ୍ରବ୍ୟ ପାନ, ବିଡ଼ି, ସିଗାରେଟ, ଗୁଟଖା ବା ତା ଉପରେ ମଦ ବା ଧଳା ଜହର । ସତରେ କି ସୁନ୍ଦର ବ୍ୟବସ୍ଥା ବା ଉପଦେଶ । ରାଜ୍ୟରେ ପ୍ରାୟ ୪୦ଟି ବିଭିନ୍ନ ବିଭାଗ ଅଛି । ଏହି ବିଭାଗର ଦାୟିତ୍ୱରେ ସବୁ ବିଭାଗୀୟ ସଚିବମାନେ ଅଛନ୍ତି । ସଚିବଙ୍କ ସଂଖ୍ୟା ପ୍ରାୟ ୨୫ରୁ ୩୦ ହେବେ କାରଣ କିଛି ସଚିବଙ୍କ ପାଖରେ ଦୁଇରୁ ମଧ୍ୟ ଅଧିକ ବିଭାଗମାନ ରହିଛି । ଏହି ଉପଦେଶକୁ କଣ କୃଷି ସଚିବଙ୍କ ନିଜ ନିଜ ବିଭାଗରେ ଉପଦେଶ ଭଳି ଅନ୍ୟ ସଚିବମାନେ ନେଇ ପାରିବେ ନାହିଁ । ଯଦି ଦିଅନ୍ତେ ତେବେ ଅନ୍ତତ ପ୍ରାୟ ୫ ଲକ୍ଷରୁ ଉର୍ଦ୍ଧ୍ୱ ସରକାରୀ କର୍ମଚାରୀମାନଙ୍କ ପାଇଁ ଲାଗୁ ହୋଇ ପାରନ୍ତା । ଏହାର ମାନେ ହେଲା ସରକାରୀ ସ୍ତରରେ କୌଣସି କର୍ମଚାରୀ ମାନେ ନିଶା କରି ପାରିବେ ନାହିଁ ବା ନିଶା ବ୍ୟବହାର କରୁଥିବା ଲୋକଙ୍କ ସହିତ ସାଥ ଦେବେ ନାହିଁ । ଆମ ରାଜ୍ୟ ନିଶାରେ ବୁଡ଼ି ରହିଛି । ହଜାର ହଜାର ନିଶା କାରବାରିମାନେ ଜେଲ ଭିତରେ କିଛିଦି ରହିଲା ପରେ ବେଲ୍ ମାଧ୍ୟମରେ ଖଲାସ ହୋଇଯାଉଛନ୍ତି ଏବଂ ସେ ଲାଭ ଦାୟକ ବୃତ୍ତିରେ ନିଜକୁ ପୁଣି ନିୟୋଜିତ କରୁଛନ୍ତି । କୌଣସିଠାରେ ନିଶାକୁ ବନ୍ଦ କରିବା ପାଇଁ ସରକାରଙ୍କ ଠାରେ ରାସ୍ତା ନାହିଁ । ନିଶା ସଂକ୍ରାନ୍ତରେ ରାଜ୍ୟରେ ଯେତେ ଲୋକ ମରୁଛନ୍ତି ଏବଂ ଘରେ ଘରେ ଅଶାନ୍ତି ହେଉଛି ସେମିତି ଏ ପର୍ଯ୍ୟନ୍ତ କୌଣସି ରୋଗ ଏହାକୁ ବଳି ପଡ଼ିନାହାନ୍ତି । ସରକାର ଲୋକଙ୍କ ପାଇଁ ପ୍ରତି ଶହଶହ ମଦ ଦୋକାନ ଖୋଲିବାକୁ ଲାଇସେନ୍ସ ହେଉଛନ୍ତି । ଏଆଡ଼େ ଡାକ୍ତରଖାନାରେ ଲୋକଙ୍କୁ ନିଶାରୁ ମୁକ୍ତି ଦେବାପାଇଁ ରିହେବିଟେସେନ୍ ଗୃହ ଖୋଲୁଛନ୍ତି । ଡାକ୍ତର, ନର୍ସ ଏବଂ ଔଷଧର ବ୍ୟବସ୍ଥା କରୁଛନ୍ତି । ଏ କି ପ୍ରକାରର ନୀତି ନିୟମ ସରକାରଙ୍କ ? କିନ୍ତୁ ସରକାରଙ୍କୁ ଉତ୍ତର ନାହିଁ । ମଦ ବିଭାଗ ଏବଂ ମଦ ନିଗମ ମଦରୁ ପଇସା ରୋଜଗାର କରୁଛନ୍ତି । ଏପଟେ ସରକାରଙ୍କ ସାମାଜିକ ସୁରକ୍ଷା ବିଭାଗ ମାଧ୍ୟମରେ ସ୍କୁଲ କଲେଜ ଏବଂ ଜନସାଧାରଣଙ୍କୁ ସଚେତନ କରିବାରେ ବ୍ୟବସ୍ଥା ଏହାରି ଭିତରେ କୃଷି ସଚିବଙ୍କ ଆହ୍ୱାନ ସରକାରଙ୍କ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରୁଛି । ସମସ୍ତ ଜନସାଧାରଣ ଏହାକୁ ସ୍ୱାଗତ କରୁଛନ୍ତି ଏବଂ ଅନ୍ୟ ସଚିବମାନେ କେବେ କରିବେ ଦେଖିବାକୁ ବାକି ରହିଲା ।




## ତେରେଛା ନଜର

**କୁନା ସେଠୀ**

ପିତୃସତ୍ୟ ପାଇଁ ରାମ ଗଲେ ବନବାସ
ପତିବ୍ରତା ପାଇଁ ସୀତା ହେଲେ ସର୍ବନାଶ
ତ୍ୟାଗର ମହତ ବେଶ
ସେଥିପାଇଁ ଆଜି ସୀତା ରାମ ଯୋଡି
ପାଇଲେ ଅନେକ ଯଶ ।
ପୂଜା ହେଲେ ଚଉପାଶ ।

ଏ କଳି କାଳରେ ରାମ ତ
ହଜାରେ ଛନ୍ତି
ପିତା ସହ ପରା କରନ୍ତି ଅନେକ କ୍ରାନ୍ତି
ଖୋଜନ୍ତି ନିଜର ଶାନ୍ତି
ପିତାଙ୍କୁ ପଠାଇ ବନବାସ ଏଠି
ବୋଲନ୍ତି ପେରେମ ପଂକ୍ତି
ପାଆନ୍ତି ଅନେକ ଶାନ୍ତି ।
ସୀତାନାମ ଧାରୀ ଅଛନ୍ତି ଅନେକ ନାରୀ
ସ୍ୱାମୀ ସାଥେ ରହି ପ୍ରେମ ଚାଲେ
ଚୋରୀ ଚୋରୀ
କିଏ କାଳି କିଏ ଗୋରୀ
ଚୋରା ପୀରତିରେ ଭୁଲି ଯାଇ ସବୁ
ବୁଲନ୍ତି ଅନ୍ୟକୁ ଧରି
ମହତ ଦିଅନ୍ତି ସାରି ।

ମହାଭାରତରେ ପାଣ୍ଡବ କୌରବ ଦୋଷ
କରିଲା ଯାଜ୍ଞସେନି ଙ୍କର ସରବ ନାଶ
ଧର୍ଯ୍ୟର ହୋଇଲା ଶେଷ
ଧରମ ଯୁଦ୍ଧରେ ଧରମ ଜିତିଲା
ଅଧର୍ମ ଲଭିଲା ବିଷ
ଧର୍ମ ପାଇଲା ଯଶ ।

ଏ କଳି ଯୁଗରେ ଯାଜ୍ଞସେନି ମାଳ ମାଳ
ଅତ୍ୟାଚାରରେ ହରାଇ ନିଜର ବଳ
ଶପଥରେ ନାହିଁ ଫଳ
ଧର୍ଷଣ କଷଣ ଲଭିଣ ଦ୍ରୌପଦୀ
ସାରିଥାଏ ଧର୍ମ ବଳ
ଲୁଟଇ ତା ଶ୍ରୀ ଖଳ ।

ଶାସକ ଟା ଏଠି ଯିଏ ବା ହେଉଛି ହେଉ
ଶାସନ ରେ ତାର ପ୍ରଜାର ମଙ୍ଗଳ ଥାଉ
ରହିବ ନିଜର ଭାଉ
ଶାସନ ରେ ଯଦି ପ୍ରଜାର ଦୁଃଖ ନ ଗଲା
କିଏ ପଚାରିବ ସାହୁ
କିଏ ବା ହେଉଛି ହେଉ ।

ବ୍ରିଟିଶ ର ଅତ୍ୟାଚାର
କହୁଥିଲେ ବାରବାର
ଭାରତୀୟ ଆଜି ଶାସନ କରଇ ତାର
ଚାରିଆଡେ ହାହାକାର
ସେତେବେଳେ ଯାହା
ହୋଇଯେ ନଥିଲା
ଏବେ ହୁଏ ଶହେ ବାର
ଶୁଭଇ ଚିତ୍କାର ସ୍ୱର ।

ରାବଣ, କଂସକୁ ମିଳଇ ରାକ୍ଷସ ମାନ
ଘୃଣା କରିଥାନ୍ତି ତାଙ୍କୁ ଯେ ସରବ ଜନ
ଅଟନ୍ତି ସେମାନେ ହୀନ
ରାମ କୃଷ୍ଣ ଦୁହେଁ ମାରିଲେ ତାହାଙ୍କୁ
ଲଗାଇ ନିଜର ମନ
ଚଳାଇ ନିଜର ଜ୍ଞାନ ।

ଏ କଳି ଯୁଗରେ
ପାପ ଯାଏ ଖେଳି ଖେଳି
ପାପୀ ଏଠି କଂସ ରାବଣଠାରୁ ବି ବଳି
ରାବଣ ଯେ ଯାଏ ଜଳି
ପାପୀ କିନ୍ତୁ ଏଠି ରାବଣ ବେଶରେ
ରାମ ଅବତାର ଭଳି
ଲୁଚାଏ ନିଜକୁ କଳି ।

କୁହ ମୋ ଧନ ସଞ୍ଜାଳି
ନିଜକୁ ନିଜେ ଯେ କଳି
ରାମ କିବା ତୁମେ ରାବଣ ବେଶରେ
ଜୀବନକୁ ଯାଅ ଜାଳି ।

ଭୁତସରସିଙ୍ଗି, ଗଞ୍ଜାମ

## ଆପଢ଼ା ଚିଠି

**ଜିତୁ ପ୍ରଧାନ**

ତମ ହସ ପ୍ରିୟା ମଣି ମୁକ୍ତା ଝରା
ଆକାଶର ତାରା ଜହ୍ନ
ଆଖିଲୁହ ତୁମ ମିଛ ମରୀଚିକା
ପ୍ରତାରଣା ପାଦ ଚିହ୍ନ ।

ଫୁଟା ଫୁଲ ବନେ କଢ଼ ଫୁଲ ତମେ
ମୋ ମନର ପାରିଜାତ
ପ୍ରଜାପତି ହୋଇ ଉଡୁଥାଅ ପ୍ରିୟା
ତମେ ଖରା ବର୍ଷା ଶୀତ ।

କେବେ ଯଦି ଥରେ ମୋ କଥା ଭାବିବ
ପଢ଼ିବନି ମୋର ଚିଠି
ସେ ଚିଠିରେ ଖାଲି କଳଙ୍କ ଲାଞ୍ଛନା
ଦେଖୁଥିବ ଏଠି ସେଠି ।

ସବୁ ଚିଠି ଖାଲି ବିରହ ଯନ୍ତ୍ରଣା
କାଳ ଅନ୍ଧାରର ରାତି
ପଢ଼ିବନି ପ୍ରିୟା ମୋ ମନ କଥାକୁ
କାଳେ ଫାଟି ଯିବ ଛାତି ।

ମନେ ପଡ଼େ ଆଜି ସେ ଚିଠି ଦେଖିଲେ
ଯାହା ତମେ ଲେଖିଥିଲ
ଅପଢ଼ା ଚିଠି ମୋ କେମିତି ପଢ଼ିବ
ଯଦି ପ୍ରେମ ଭୁଲି ଗଲ ।

ସ୍ନାତକ ଓଡ଼ିଆ ଛାତ୍ର
ନୟାଗଡ଼ ସ୍ୱୟଂଶାସିତ
ମହାବିଦ୍ୟାଳୟ, ନୟାଗଡ଼

## ହେ ଲୀଳା ପୁରୁଷୋତ୍ତମ

**ବାପିନି ସିଂ**

ତୁମରି ପ୍ରେମରେ ସାଜିଛି ପ୍ରେମିକ
ଆଗୋ ମୋର ପ୍ରିୟତମା
ସ୍ୱପ୍ନ ମୁଁ ଦେଖୁଛି ଦିନରାତି ଖାଲି
ଡେଇଁ ସବୁ ପରିସୀମା ।

ମୋ ହୃଦୟ ସ୍ପନ୍ଦନ ତୁମ ନାଁ ଧରି
ଗାଏ ପ୍ରୀତିଭରା ଗୀତ
ପ୍ରତି ମୁହୂର୍ତ୍ତରେ ଖୋଜେ ସେ ତୁମକୁ
କରିବାକୁ ମନ ମିତ ।

ତୁମ ହାତ ଧରି ବାଟ ଚାଲିବାକୁ
ଦେଖିଛି ମୁଁ ସ୍ୱପ୍ନ କେତେ
ରହିଥିବା ପ୍ରିୟା ସାଥି ହୋଇ ଆମେ
ଆସୁ ପଛେ ଦୁଃଖ ଯେତେ ।

ଖୋଜି ଖୋଜି ପ୍ରିୟା ତୁମକୁ ପାଇଛି
ଏତେ ବଡ଼ ଦୁନିଆରେ
ହାତ ଛାଡ଼ି ପ୍ରିୟା ଯିବ ନାହିଁ କେବେ
ମରିଯିବି ବିରହରେ ।

ତୁମେ ମୋ ଜୀବନ ତୁମେ ମୋର ଧନ
ତୁମେ ମୋର ସବୁକିଛି
ତୁମ ପାଇଁ ପ୍ରିୟା ଲେଖକ ମୁଁ ସାଜି
ପ୍ରେମ କବି ପାଲଟିଛି ।

ସୁଖେ ଦୁଃଖେ ମୋର ପ୍ରତିଛବି ପରି
ସାଥେ ଚାଲୁଥିବ ବାଟ
ସର୍ବଦା ଭଲ ପାଉଥିବି ତୁମକୁ
ଭୁଲି ସବୁ ଦୁଃଖ କଷ୍ଟ ।

କୋମଳ ହସ୍ତରେ ଛୁଇଁ ଚାଲିଯାଅ
ଦେବୀ ରୂପୀ ବନ୍ଦନୀୟା
କେତେ ଯେ ତୁମକୁ ପାଉଅଛି ଭଲ
ତୁମେ ପରା ମୋର ପ୍ରିୟା ।

ସ୍ନାତକୋତ୍ତର ଅର୍ଥଶାସ୍ତ୍ର ବିଭାଗ ଛାତ୍ର
ଫକୀରମୋହନ ବିଶ୍ୱବିଦ୍ୟାଳୟ
ବ୍ୟାସବିହାର, ବାଲେଶ୍ୱର
ମୋ: ୯୯୩୭୮୨୦୮୩୧

## ଯୋଗ କଲେ

**ଅରୂପ କୁମାର ବିଶ୍ୱାଳ**

ଯୋଗ କଲେ ରୋଗ ହେବ ନାହିଁ ଜମା
ଶରୀର ହେବ ନିରୋଗ,
ସବୁ ଅଙ୍ଗ ଆମ ହେବଟି ସ୍ୱଳ
ଯନ୍ତ୍ରଣା ହେବନି ଭୋଗ।

ଯୋଗ ପ୍ରାଣାୟମ ଅଭ୍ୟାସ କରିଲେ
ସହଜ ହେବ ଜୀବନ,
ରକ୍ତ ସଂଚାଳନ ସଠିକ ହୋଇବ
ସ୍ୱାସ୍ଥ୍ୟ ହିଁ ଅସଲ ଧନ।

ଅସାଧ୍ୟ ରୋଗର ନିଦାନ ହିଁ ଯୋଗ
ସମୃଦ୍ଧ ସମାଜ ପାଇଁ,
ଅସାଧ ସାଧନ କରିବା ହେ ଆସ
ଯୋଗ ନେବା ଆପଣାଇ।

ସଞ୍ଜ ସକାଳରେ ଯୋଗ କରେ ଯିଏ
ରୋଗ ଡରେ ପରା ତାକୁ,
ରୋଗ ମୁକ୍ତ ଏକ ସମାଜ ପାଇଁକି
ଲଗାଇ ଦେବା ନିଜକୁ।

ଔଷଧ ଖାଇଲେ ରୋଗ ଦବିଯାଏ
ପ୍ରଭାବ କମିଲେ ଆସେ,
ଧିରେ ଧିରେ ଏହା ଅଭ୍ୟାସରେ ପଡି
କେତେ ଜୀବନକୁ ଗ୍ରାସେ।
ଚୁଡା ମୁଢି ପରି ବଟିକା ଗିଳିଲେ
ଶରୀର ବିଷାକ୍ତ ହୁଏ,
ଡାକ୍ତରଖାନାକୁ ଦଉଡି ଦଉଡି
ଚପଲ ବି ଛିଣ୍ଡିଯାଏ।

ଯୋଗ ଆପଣାଅ ନିଜକୁ ବଞ୍ଚାଅ
ଆଜିର ଆହ୍ୱାନ ଏହି,
କରୋନା ବି ନିଶ୍ଚେ ରହିବ ଦୂରରେ
ଭୟଭୀତ ହେବା କାହିଁ।

ପୁରାଣ ଯୁଗରେ ସାଧୁସନ୍ଥ ମାନେ
ଜଙ୍ଗଲରେ ରହୁଥିଲେ,
ଯୋଗ ପ୍ରାଣାୟମ ସାଧନାରେ ସଦା
ରୋଗ ଠାରୁ ଦୂରେ ଥିଲେ।
ସୁସ୍ଥ ଜୀବନର ଯୋଗ ଚାବିକାଠି
ଯୋଗ ଆମ ପରମ୍ପରା,
ଆମରି ଦେଶରେ ଯୋଗର ହିଁ ସୃଷ୍ଟି
ଗାଏ ଆଜି ବିଶ୍ୱ ସାରା।

ସହକାରୀ ଶିକ୍ଷକ
ଏନ୍.ଏ.ସି.ସରକାରୀବାଳିକା ଉଚ୍ଚ
ବିଦ୍ୟାଳୟ,ପାରାଦୀପ,
ଜଗତସିଂହପୁର

# କର୍ମଫଳ

## ଘନଶ୍ୟାମ ପଲେଇ





ସଭାଗୃହ ଲାଗୁଥିଲା ସ୍ୱର୍ଗପୁରୀ । ଖୁବ୍ ସୁନ୍ଦର ସାଯସଜା । ଆଗ ଟେବୁଲ ଉପରେ ଧଳା କପଡା । ଥୁଆ ହେଇଥାଏ ପାଣି ବୋଟଲ୍ ସହ ଫୁଲ ତୋଡା । କମ୍ପାନୀର ଦି'ଜଣ ଉପର ପାହିଆ ଅଫିସର ସହ ସେ ନିଜେ ବସିଥିଲେ ଆଗରେ । ସାମ୍ନା ପଟକୁ ପଚାଶ କି ଶହେ ହେବେ ଲୋକ ଚେୟାରରେ। ସବୁ ଅନେଇଥାନ୍ତି ତାଙ୍କ ଆଡିକି। ସେମାନଙ୍କ ଆଖିରୁ ବାରିପଡୁଥାଏ ବିଷାଦର ଚିହ୍ନ ।

ଷାଠିଏ ବରଷ ପୂରିଲା ବଳରାମ ବାବୁଙ୍କୁ । ଅବସର ନେବେ କାମରୁ । ବିଦାୟ ସଭା। ଟିକିଏ ବେଶି ଆସିଚନ୍ତି ଲୋକ। ଯେହେତୁ ଭଲ ବି ପାଉଥିଲେ ସଭିଏଁ । ତଳୁ ଉପର ଯାକେ। ଦୀର୍ଘ ଛତିଶ ବର୍ଷର ଚାକିରୀ ଜୀବନ । କର୍ତ୍ତବ୍ୟ ପରାୟଣ ମଣିଷ । ଚାକିରି ତାଙ୍କ ପାଇଁ ସବୁକିଛି । ଚାକିରି ଭଲ ତ ସିଏ ଭଲ ।

ବ୍ୟସ୍ତ ଜୀବନ । ଗାଁ କି ବନ୍ଧୁବାନ୍ଧବ କଥା ବୁଝିବାକୁ ବା ବେଳ କାଇଁ । ସହକର୍ମୀଭାଇ ମାନେ ହିଁ ସବୁକିଛି । ସୁଖରେ ଦୁଃଖରେ । କେଡେ ସୁନ୍ଦର କଟୁଥିଲା ଜୀବନ । କେତେ ପ୍ରଶଂସା, ପ୍ରମୋସନ, ସମ୍ମାନ ଗୋଟେଇଚନ୍ତି ଜୀବନେ । ସେମାନଙ୍କ ଠୁ ବିଦାୟ ସତରେ ଥିଲା ଭାରି କଷ୍ଟ । କେହି କେହି ତ ତାଙ୍କ ଗୁଣଗାନ କଲା ବେଳେ ଆଖିରୁ ପୋଛୁଥିଲେ ଲୁହ । ଉପରିସ୍ଥ ଅଫିସର ବି ସେଦିନ କୋହଭରା କଣ୍ଠରେ ଦେଇଥିଲେ ବିଦାୟ।

ଏଇ କଥାକୁ ଭାବି ଭାବି ଲଥିକିନା ବସିଗଲେ ବଳରାମବାବୁ, ଅଫିସ ଅଗଣାରେ ଥିବା କୃଷ୍ଣଚୂଡା ଗଛତଳେ ପଡିଥିବା ପଥରଟା ଉପରେ । ଖଟାଳିଆ ଗାଁ ଜୀବନ ଅରୁଚି ଲାଗିବାରୁ ମିଠା ସ୍ମୃତି ସାଉଁଟାବାକୁ ବୁଲି ଆସିଥିଲେ କର୍ମ ଭୁଇଁ । ଦେଖା ଚାହାଁ ହେବ ଆପଣାର ଲୋକ ସହ । ଦୁଃଖ ସୁଖ ବାଣ୍ଟିବେ । କିଛି ମିଠା ସ୍ମୃତି ନେଇ ଫେରିବେ ଗାଁକୁ ।

ହେଲେ ଏଠି ତ ଫଳ ଓଲଟା । ତାଙ୍କୁ ପଚାରେ କିଏ ? କାମ ବାହାନାରେ ମୁହଁ ବୁଲେଇ ନେଲେ ସଭିଏଁ । ଯାହାକୁ ଅତି ଆପଣାର ଭାବୁ ଥିଲା, ସେ ମିଶ୍ରବାବୁ ବି ନ ଚିହ୍ନିଲା ପରିଚାଲିଗଲେ ନିଜ ଚାମ୍ବରକୁ। ପିଛା କରି ପହଁଚିଲେ ତାଙ୍କ ଟେବୁଲ ପାଖରେ। ସେ ଭଲମନ୍ଦ ଦି'ପଦ ହେବେ କ'ଣ ଓଲଟି ପଚାରିଲେ, କାମ ସଇଲା ? କୋଉ ବସରେ ବାହାରିବେ ଗାଁକୁ ?

ବଳରାମବାବୁଙ୍କ ମନେ ହେଲା, ତାଙ୍କ ପାଦ ତଳର ପୃଥିବୀ ଘୁଞ୍ଚି ଘୁଞ୍ଚି ଯାଉଚି । ସେ କ'ଣ କହିବାକୁ ଚାହୁଁଥିଲେ, କିନ୍ତୁ କହିପାରିଲେ ନାହିଁ । ଯିଏ ଥିଲେ ଦିନେ ଅନ୍ତରଙ୍ଗ । ହସ ଖୁସି ଗମାତରେ କାଟୁଥିଲେ ଦିନ । ତାଙ୍କଠୁ ଏପରି ଫୋପାଡିଲା ପରି କଥା । ପେଟ ଭିତରର ଅସନ୍ତୋଷ ଗୁଡାକୁ ସମ୍ଭାଳି ନେଇ କହିଲେ, ହଁ କାମ ସରିଲାଣି । ଆଉ ବାହାରି ପଡିଲେ ସେଇଠୁ।

ଅଜବ ଲାଗୁଥିଲା ସଭିଁଙ୍କ ବ୍ୟବହାର । ଅନ୍ୟମନସ୍କ ହେଇପଡିଲେ। ମନବନକୁ ଜାଳି ପକଉଥିଲା ଅନ୍ତରର ନିଆଁ। ପଛପଟୁ କିଏ ଜଣେ ଡାକିଲା । ବୁଲିପଡି ଦେଖନ୍ତି ତ ପିଅନ ଆକୁଳି।

କହିଲା, ବାବୁ ନମସ୍କାର । କେତେବେଳୁ ଆସିଲେଣି । ଚାଲନ୍ତୁ ମୋ ଘର ଆଡିକି ଟିକେ ବୁଲି ଆସିବା । ଘରଣୀ ବି ଦେଖିଲେ ଖୁସି ହେବ।

- ନାଇଁ ଆକୁଳି । ଆଜି ହେବନି । ଆଉ ଥରେ ଆସିଲେ ମୁଁ ନିଶ୍ଚେ ଯିବି ।

- ବାବୁ । ଆପଣ କ'ଣ ଆଉ ଆସିବେ ?

ତା' କଥା ଶୁଣି ବଡ ଆଶ୍ଚର୍ଯ୍ୟ ହେଲେ ବଳରାମବାବୁ । ପଚାରିଲେ, କାଇଁ, କ'ଣ ହେଲା କି ? ଆସିବିନି କାହିଁକି ? ତମ ମାନଙ୍କ ଭଲ ପାଇବା ପରା ମୋତେ ଟାଣିଆଣିବ ପୁଣି।

- ବାବୁ ! ମୁଁ ଦେଖିଚି ଅନେକେ। କାମରେ ଯେତେଦିନ ସବୁ ଠିକ୍। ରିଟାୟାର୍ଡ ପରେ କିଏ ପଚାରେ କାହାକୁ । ଆପଣ ତ ଛଅ ମାସ ପରେ ଆସୁଚନ୍ତି, ଲୋକେ ତ ଭୁଲି ଯାଉଚନ୍ତି ରିଟାର୍ଡର ଦିନକ ପରେ । ସବୁ ମିଛ ସମ୍ପର୍କ । ତେଣୁ ଗୋଟେ ଭାଗକୁ ଦେଖି ଅନ୍ୟ ଦିଗକୁ ଅଣଦେଖା କଲେ ବାଲାନ୍ସ ଯାଏ ବିଗିଡି। ରିଟାର୍ଡ ପରେ ଖାଲି ହେବାକୁ ହୁଏ ଦହଗଞ୍ଜ। ନା ହେଇପାରେ ଏ କୂଳର ନା ସେକୂଳର।

ଆକୁଳିଠୁ ବିଦାୟ ନେଇ ଫେରିଲା ବେଳେ ବଳରାମବାବୁ ଭାବୁଥିଲେ । ସତରେ ଭୁଲ କରି ଦେଇଚନ୍ତି ଜୀବନେ। ବର୍ତ୍ତମାନ ରହିଲା ଖାଲି କର୍ମଫଳ ଭୋଗିବାର ବେଳ । କର୍ମ, ପ୍ରମୋସନ ଆଉ ସମ୍ମାନର ମରୀଚିକା ପଛରେ ଧାଇଁ ଧାଇଁ ହେଇଯାଇଚନ୍ତି ବାଟବଣା। କାଟି ଦେଇଚନ୍ତି ଗୋଟି ଗୋଟି କରି ସମ୍ପର୍କର ସବୁ ଡେଣା । ପକ୍ଷୀର ଡେଣା କାଟିଲା ପରେ ସେ ଆଉ କ'ଣ ଉଡିପାରେ ।ସିମିତି ପଡି ରହେ ମାଟିକାମୁଡି। ସମ୍ପର୍କଟା ବୋଧେ ଆଜି ସେଇଆ ।

+ବଡଆମ୍ବୁଁଣି, ହାଣ୍ଡିଭଙ୍ଗା, ଝୁମ୍ପୁରା,
କେନ୍ଦୁଝର-୭୫୮୦୩୧
ମୋ: ୯୪୩୭୭୧୮୫୦୦



# ନନାଙ୍କ ଛତା

## ଲଳିତ ମୋହନ ମିଶ୍ର

ମାଟିରୁ ଆକାଶ, ଅନ୍ତରରୁ ଅନ୍ତରୀକ୍ଷ ପୁଣି ଦରିଆରୁ ଦିଗ୍‌ବଳୟ ପର୍ଯ୍ୟନ୍ତ ବ୍ୟାପ୍ତ ଥିବା ଶବ୍ଦଟିଏ ନନା। ନା କଳିହୁଏ ନା ମାପିହୁଏ ତାଙ୍କ ବ୍ୟକ୍ତିତ୍ୱକୁ। ସନ୍ତାନ ଓ ପରିବାର ପାଇଁ ସଦା ସମର୍ପିତ ଜୀବନଟିଏ। ସବୁ ଝଡ଼ଝଞ୍ଜା ମଧ୍ୟରେ ଦୁନିଆର ସବୁ ସୁଖ ଶାନ୍ତିକୁ ପର କରି ପିଲାଙ୍କ ପାଇଁ ସୁଖ ସାଉଁଟି ଆଣିବାରେ ଲହୁଲୁହାଣ ହୋଇପଡ଼ନ୍ତି । ତଥାପି ନିରନ୍ତର ପ୍ରୟାସ ଜାରିରଖିଥିବା ମଣିଷ ନନାଙ୍କ ଛଡ଼ା ଆଉ କିଏ ହେବ ଯେ... । ବୋଉ ଘରର ଗୌରବ ହେଲେ, ନନା ଏହାର ଅସ୍ତିତ୍ୱ । ବୋଉର ଆଖିରେ ଅଶ୍ରୁଧାରା ଥାଏ, ହେଲେ ନନାଙ୍କ ଆଖିରେ ଥାଏ ସଂଯମ । ବୋଉ ରୋଷେଇ କରେ ସିନା, କିନ୍ତୁ ନନା ପରିବାର ପାଇଁ ସାରାଜୀବନ ଖାଇବା ପିଇବାର ବନ୍ଦୋବସ୍ତ କରିଥାନ୍ତି । ଟିକିଏ ଅସୁବିଧାରେ ବୋଉ ମନେପଡ଼େ । କିନ୍ତୁ ଭୟଙ୍କର ବିପଦରେ ନନାଙ୍କୁ ହିଁ ଖୋଜାପଡ଼େ। କୋଳେଇ କାଖେଇ ବୋଉ ଦେଖାଇଦିଏ ଆକାଶର ଜହ୍ନ, କିନ୍ତୁ ନନା ଛାତିରେ ବସାଇ ସ୍ୱପ୍ନ ଦେଖାନ୍ତି । ବୋଉ ଲୋରୀ ଶୁଣାଏ ଓ ନନା ଶୁଣାନ୍ତି ଜୀବନର ସଙ୍ଗୀତ। ସମଗ୍ର ପରିବାର ପାଇଁ ନନା ହେଉଛନ୍ତି ବିଶ୍ୱାସର ବଟବୃକ୍ଷଟିଏ । ଗଭୀର ଆସ୍ଥା ଓ ଭରସାର ମଧୁମୟ ଜହ୍ନଟିଏ । ପୁଣି ଅସୀମ ଆକାଶର ଆଶ୍ୱାସନାଟିଏ । ତାଙ୍କ ସୁଶୀତଳ ଛାୟାରେ ସମ୍ପୂର୍ଣ୍ଣ ପରିବାରରେ ଅନବରତ ଖେଳିଯାଏ ପ୍ରସନ୍ନତା । ତାଙ୍କର ଅନାବିଳ ସ୍ନେହ ଓ ସ୍ୱର୍ଗୀୟ ପ୍ରେମ ହିଁ ଘରକୁ ବୈକୁଣ୍ଠରେ ବଦଳାଇ ଦିଏ । ଯେ ପର୍ଯ୍ୟନ୍ତ ବଟବୃକ୍ଷ ତୁଲ୍ୟ ନନାଙ୍କ ଛାଇ ଆମ ଉପରେ ଥାଏ, ସେ ପର୍ଯ୍ୟନ୍ତ ନିଜକୁ ଆମେ ସୁରକ୍ଷିତ ମଣୁ। ତାଙ୍କ ମଧୁମୟ ଆଶ୍ଳେଷରେ ରାସ୍ତାର ଯେତେସବୁ କଣ୍ଟା ଥାଏ, ତାହା ସବୁ ଫୁଲ ପାଲଟିଯାଏ । ଆଉ ଦୁଃଖସବୁ ବଦଳିଯାଏ ସୁଖରେ । ସେ ନିଜେ ପଛେ ବାଡ଼ିଧରି ଚାଲନ୍ତି । କିନ୍ତୁ ପିଲାମାନଙ୍କୁ ନିଜ ଗୋଡ଼ରେ ଛିଡ଼ା କରାଇବାକୁ ଅନବରତ ଚେଷ୍ଟା କରାନ୍ତି। ସେ ଚଷମାରେ ଦୁନିଆ ଦେଖନ୍ତି କିନ୍ତୁ ପିଲାମାନଙ୍କୁ ସ୍ୱଚକ୍ଷୁରେ ଦୁନିଆ ଦେଖାଇବାକୁ ପ୍ରବର୍ତ୍ତାନ୍ତି । ସବୁ ଦୁଃଖକୁ ଗରଳ ପରି ପାନ କରି ନୀଳକଣ୍ଠ ସାଜିବାରେ ପଛଘୁଞ୍ଚା ଦେଉ ନ ଥିବା ସେହି ମହନୀୟ ବ୍ୟକ୍ତିତ୍ୱ ନନାଙ୍କ ଛଡ଼ା ଆଉ କିଏ ହୋଇପାରେ ?

ଆମେ ପାଞ୍ଚ ଭାଇ ଭଉଣୀ ଏବଂ ଜେଜେମାଆ ଓ ନନା ବୋଉଙ୍କ ନେଇ ଆଠ ଜଣିଆ ପରିବାର । ବିଭିନ୍ନ ସୁଖ ଦୁଃଖ ଅଭାବ ଅନାଟନକୁ ନେଇ ପରିବାର ରଥ ଗଡେଇ ଚାଲିଥାନ୍ତି ନନା । ସେ ଜଣେ ସ୍ୱଳ୍ପ ବେତନଭୋଗି ପ୍ରାଇମେରୀ ଶିକ୍ଷକ ହୋଇଥିଲେ ମଧ୍ୟ ପରିବାର ଚଳାଇବାର ତରିକା ତାଙ୍କୁ ଜଣାଥାଏ। ନନାଙ୍କର ସାଇକେଲ ଆଉ ନନାଙ୍କ ଛତା ଏକ ନିଆରା ପ୍ରତୀକ ସୃଷ୍ଟି କରୁଥାଏ । ସ୍କୁଲକୁ ଯିବା ଅସିବାର ଅସୁବିଧା ହେତୁ ନନା ସାଇକେଲଟି ବ୍ରହ୍ମପୁରରୁ କୋଡିଏ ଟଙ୍କାରେ କିଣି କରି ଆଣିଥିଲେ । ସାଇକେଲ୍‌ଟି ଥିଲା ନନାଙ୍କ ଗୋଡ। କେବଳ ଆଣ୍ଠୁ ଯନ୍ତ୍ରଣାକୁ ଛାଡ଼ିଦେଲେ ନନାଙ୍କର ପ୍ରାୟ କିଛି ରୋଗ ନ ଥିଲା । ସକାଳ ହେବାଠାରୁ ପୁଣି ରାତି ହେବାଯାଏ ନନା ସ୍କୁଲକୁ ଯିବା, ବିଲ ବାଡ଼ି ହାଟ ବାଟ ସବୁଆଡେ ସେଥିରେ ଯାଆନ୍ତି। ଯେତେବେଳେ ଯାହାର ଯାହା ଦରକାର ପାଟିରୁ ନ ବାହାରୁଣୁ ସେ ସାଇକେଲ୍‌ଟି ଧରି ବାହାରି ପଡ଼ନ୍ତି । ସାଇକେଲରେ ଖଳାରୁ ଜାଳେଣି କାଠ ଆଣିବା, ଚୂଡାଧାନ ନେଇ ଚୂଡା କରିବାକୁ ଦେବା। ବିଲରୁ ଚଣା ମୁଗ ଆଣିବା। ବନ୍ଧୁବାନ୍ଧବ, ସାଙ୍ଗସାଥୀଙ୍କ ଘର, ବ୍ୟାଙ୍କ୍, ଡାକ୍ତରଖାନା,ହାଟ, ବଜାର, ମନ୍ଦିର ସବୁଆଡ ସାଇକେଲ ନେଇ ପଳେଇଯାନ୍ତି ନନା । ବେଳେ ବେଳେ ବୋଉ ଥଟ୍ଟା କରି କୁହେ, ତୋ ନନାଙ୍କୁ ସାଇକେଲ ଦେଇଦେଲେ ସେଥିରେ ସେ ଦିଲ୍ଲୀ ପଳାଇଯିବେ।

ନନାଙ୍କ ସାଇକେଲ ବ୍ୟତୀତ ଆଉ ଏକ ପ୍ରିୟ ଜିନିଷ ତାଙ୍କର ଛତା । ସ୍କୁଲକୁ ବର୍ଷା ଦିନେ ଯିବା ଆସିବା ପାଇଁ ନନା ଛତାଟିଏ ରଖିଥାନ୍ତି । ବାଉଁଶ ବେଣ୍ଟରେ ତିଆରି ଛତା । ଛତାରେ କଳା କନାଟିଏ ପଡିଥାଏ । କଳା କନାଟି ଉପରେ ଗୋଟିଏ ଧଳା ମୁଣ୍ଡି ଥାଇ ଡୋର ଲାଗିଥାଏ । ସେ ଡୋରିରେ ହିଁ ଛତାକୁ ଚିପି କରି ବାନ୍ଧିଥାନ୍ତି। ବର୍ଷା କିମ୍ୱା ଖରାରେ ସେ ଛତା ଖୋଜା ପଡେ । ଛତାଟି ନନା ନନା ବାସେ । ନନାଙ୍କର ଅତି ଆଦରର ସେ ଛତା। ଯୁଆଡେ ଯିବେ କାନ୍ଧରେ ଯାକି କରି ଚାଲିଥିବେ।

ନନାଙ୍କ କଡ଼ାଶାସନ । ସେ ଛତା ଯଦି କିଏ ଏପରି କୁଆଡେ ନେଇ ପଳାଇ ଥିବ, ଠିକ୍ ସମୟରେ ଛତା ନାହିଁ ବୋଉ ଉପରେ ନନାଙ୍କର ଗାଳି ଗୁଲଜ ବର୍ଷଣ। ତାଙ୍କର ନାଲିଆଖି, ମାଡ଼ଗାଳି ପୁଣି ଶୃଙ୍ଖଳା ଜୀବନଧାରାରେ ସାଜିଥାଏ ଆମର ପଥପ୍ରଦର୍ଶକ। ନନାଙ୍କ ଖାଲି ଛତା କଥା ନୁହେଁ, ପ୍ରତ୍ୟେକ ଜିନିଷରେ ନନାଙ୍କର ଦାୟିତ୍ୱ ଏବଂ ଗୁରୁତ୍ୱ ଥାଏ । ଚାକିରୀରୁ ଅବସର ନେଲା ବେଳକୁ ତାଙ୍କୁ ଛତାଟିଏ ଏବଂ କାଶ୍ମୀର ସାଲ୍‌ଟିଏ ଉପହାର ସ୍ୱରୂପ ଦେଇଥିଲେ । ମୋର ଚଦର ନ ଥିଲା ମୋତେ ସେ ସାଲ୍‌ଟି ଦେଇଦେଲେ । ମୁଁ ଯେତେ ମନାକଲି ତୁମକୁ ଉପହାର ମିଳିଛି ମୁଁ ନେବି ନାହିଁ । କିନ୍ତୁ ସେ ଶୁଣିଲେ ନାହିଁ । ମୁଁ ଚାକିରୀ କଲା ପରେ ଟିକେ ବଡ ସାଲ୍‌ଟିଏ ଆଣି ଦେଇଛି । କିନ୍ତୁ ତାଙ୍କର ସେ ଉପହାର ସାଲ୍‌ଟି ମୁଁ ଆଜି ପର୍ଯ୍ୟନ୍ତ ରଖିଛି। ତାହା ନନାଙ୍କ ସ୍ମୃତି ।

ମୋ ଆଖିରେ ତାଙ୍କର ଲହଡି ମାରୁଥାଏ ଏବଂ ସୁନେଲି ଭବିଷ୍ୟତର ସ୍ୱପ୍ନ । ସେ ସଙ୍କଳ୍ପବଦ୍ଧ ମଣିଷଟିଏ । ଆମକୁ ମଣିଷ ପରି ମଣିଷ କରିବାରେ ତାଙ୍କର ଅତୁଳନୀୟ ଅବଦାନ କିଛି କମ୍ ନୁହେଁ । ସେ ଅନବରତ ଦେଇ ଚାଲିଥାନ୍ତି ଉତ୍ସାହ ଓ ପ୍ରେରଣା । ସମ୍ଭବତଃ ସେଥିପାଇଁ ଈଶ୍ୱରଙ୍କ ସଂକ୍ଷିପ୍ତ ସଂଜ୍ଞା ଭାବରେ ନନାଙ୍କୁ ହିଁ ନିଆଯାଏ। କାରଣ ଈଶ୍ୱରଙ୍କୁ ମାଗିଲେ କିଛି ମିଳୁ ବା ନ ମିଳୁ କିନ୍ତୁ ଯାହାଙ୍କୁ ମାଗିଲେ ନିଶ୍ଚୟ କିଛି ମିଳିଯାଏ, ସେ ହେଉଛନ୍ତି ନନା ।

ସମୟଚକ୍ରରେ କେତେବେଳେ ନନା ଖୁସିରେ ଆତ୍ମହରା ହୋଇପଡ଼ନ୍ତି ତ କେତେବେଳେ ଦୁଃଖରେ ଭାଙ୍ଗିପଡ଼ନ୍ତି। ଏସବୁ ଭିତରେ ଆଖିରେ ତାଙ୍କର ପୂରି ରହିଥାଏ କର୍ତ୍ତବ୍ୟବୋଧ ସହ ମମତ୍ୱବୋଧ ।

ନିରୋଳା ଲୁହଲହୁକୁ ଏକାକାର କରି ନିଜ ପ୍ରଶସ୍ତ ଛାତିରେ ଦୁଃଖକୁ ଆଲିଙ୍ଗନ କରିବାକୁ ଡରୁ ନ ଥିବା ମଣିଷ ନନା । ଗୋଟିଏ ଘରେ ଏକାଠି ରହୁଥିବା ମଣିଷଙ୍କ ପାଇଁ ସେ ଛତା ନୁହେଁ, ଛାତ। ପାଦ ପାଇଁ ଜୋତା ନୁହେଁ, କବଚ। ଘରର ମଝିଖୁଣ୍ଟ ସାଜି ଯାବତୀୟ ବୋଝକୁ ମୁଣ୍ଡେଇ ପାରୁଥିବା ଓ ଜଞ୍ଜାଳରେ ପେଷି ହୋଇଯାଉଥିବା ଶକ୍ତିଶାଳୀ ଦମ୍ଭଟିଏ ସେ । ତାଙ୍କରି ପାଇଁ ତ ଦପ୍‌ଦପ୍ ଦିଶେ ବୋଉ ମଥାର ଲାଲ ଟହ ଟହ ସିନ୍ଦୁର ଓ ହାତର ଝଲମଲ ପାଣିକାଚ। ବୋଉ ନନାଙ୍କୁ ଏକା କରି ଆଗ ଚାଲିଗଲା। ଭାଙ୍ଗି ପଡିଲେ ନନା ।

ସବୁ ଦୁଃଖକୁ ଅନ୍ତର ଭିତରେ ଚାପି ଆଗକୁ ଚାଲିବାରେ ପ୍ରୟାସ କଲେ । ବୋଉ ସିନା ଚାଲିଗଲା, ନନାଙ୍କ କଥା ଭାବି ଦୁଃଖିତ ହେଉ। ନନା ସଦାବେଳେ କୁହନ୍ତି - ମୁଁ ଆଉ ଅଳ୍ପ ଦିନ। ନନାଙ୍କ ମହାନତାକୁ ସବୁଠୁ ଅନୁଭବ ସିଏ କରିପାରିଥାଏ, ଯାହାର ବାପା ଥାଏ । ବାପାଙ୍କ ବିନା ଦୁନିଆଟା ଖାଁ ଖାଁ ଲାଗେ। ମନ ଭିତରେ କେଉଁଠି କେଜାଣି ଲୁଚିଯାଏ ଦାମ୍ଭିକତା। ହତାଶାଭାବଟା ଆବୋରି ବସେ ମନକୁ। ସବୁ ସୀମା ସରହଦ ଡେଇଁ ଦୁଃଖ ମାଡିଆସେ। ଦୁନିଆ ଆଖିରେ ବାପଛେଉଣ୍ଡ ପିଲାଟିଏ ଅଜାଣତରେ ହରାଇବସେ ତା' ପରିଚୟ। ଜୀବନର ଚଲାପଥରେ ଝୁଣ୍ଟି ପଡ଼ିବାକୁ ହୁଏ ବାରମ୍ବାର। ଘୋର ବିପଦରେ ମୁହଁରୁ ଉଚ୍ଚାରିତ ବାପା ଶବ୍ଦଟି ମିଳେଇଯାଏ ଶୂନ୍ୟରେ। ସବୁ ସାମର୍ଥ୍ୟ ଥାଇ ସୁଦ୍ଧା ସଭାରେ ହାରିବା ହିଁ ସାରହୁଏ। 'ପିତା ଧର୍ମଃ ପିତା ସ୍ୱର୍ଗଃ ପିତା ହି ପରମଂ ତପଃ, ପିତରି ପ୍ରୀତିମାପନ୍ନେ ପ୍ରିୟନ୍ତେ ସର୍ବଦେବତାଃ।' ପରି ପବିତ୍ର ମହାମନ୍ତ୍ର ନନାଙ୍କ ବିନା କେମିତି ଅଧୁରା ଅଧୁରା ଲାଗେ।

ବୋଉ ପରେ ନନା ଚାଲି ଯିବାର ଏହା ଭିତରେ କେତେ ଦିନ ବିତି ଗଲାଣି । ନନା ଯିବା ପରେ ଦାୟିତ୍ୱ ବଢି ଯାଇଛି । ନନା ଯେଉଁ କାମ ଗୁଡ଼ିକ କରୁଥିଲେ ଆମେ ଜାଣି ପାରି ନଥିଲୁ । କେତେ ସେ ଗୁରୁ ଦାୟିତ୍ୱ । ଆମକୁ ଏବେ ସବୁ କରିବାକୁ ପଡୁଛି । ନନାଙ୍କୁ ଏସବୁ ସମୟରେ ବେଶୀ ମନେ ପଡୁଛି । ନନାଙ୍କ ସାଇକେଲ୍ ଏବେ ସେହି ଗୁହାଳ ଘର ପିଣ୍ଡାରେ ଆଉଜେଇ ହୋଇ ପଡି ରହିଛି । ନନାଙ୍କ ଛତାଟି ଠାକୁର ଘର ସାମ୍ନା ପିଣ୍ଡାର କଣ୍ଟାରେ ଲାଗି ରହିଛି । ଛତାର କଳା କନାଟି ଧୂଳି ଧୂସର ହୋଇ ଏକ ପ୍ରକାର ଅଲୋଡା ଜିନିଷ ହୋଇଗଲାଣି । ସାଇକେଲ ବି ପଡି ରହିଛି, ଆଉ କିଏ ଚଲାଉ ନାହାଁନ୍ତି । ଏବେ ଘରକୁ ଗଲେ ଲାଗେ - ଏସବୁର ଯିଏ ଯତ୍ନ ନିଏ.. ସେ ବୋଉ, ସେ ତ ଆଗ ଚାଲିଗଲା । ଆଉ ଯିଏ ଦଣ୍ଡେ ନ ଦେଖିଲେ ଘର କମ୍ପମାନ କରନ୍ତି । ସେ ବି ଚାଲିଗଲେ । ବୁଢା ବୁଢୀଙ୍କୁ ଅଲୋଡା ଅଖୋଜା ଭାବନ୍ତି । ସେମିତି ନନାଙ୍କ ସାଇକେଲ୍ ଏବେ ଅଲୋଡା, ଆଉ ଛତା ଅଖୋଜା ହୋଇ ପଡି ରହିଛି । ଦେଖିଲେ ଲାଗେ ସତେ ନନା ବୋଉ ଛାଡି ଚାଲିଗଲା ପରି ଏମାନେ ମଧ୍ୟ ଚାଲି ଯାଇଛନ୍ତି । ଖାଲି ଶରୀରଟି ହିଁ ପଡି ରହିଛି...

+ମୋ: ୯୬୯୨୭୪୦୩୬୬



# କରିତକର୍ମା

## ସୁଦର୍ଶନ ମହାପାତ୍ର



ସେଦିନ ସକାଳୁ ସକାଳୁ ଫୋନ୍ କଲେ ବିପ୍ର ବାବୁ। 'ସୁରେନ୍ଦ୍ର ବାବୁ ଆରେଷ୍ଟ ହୋଇଛନ୍ତି ବୋଲି ଜାଣିଛନ୍ତି ଆପଣ ? କାରଣଟା କ'ଣ ମୁଁ କିନ୍ତୁ ଜାଣେ ନାହିଁ। ସତ ଖବର ନା ମିଛ ? ବିଜୟ ବାବୁ ମୋତେ ଏ ବିଷୟରେ ଜଣାଇଲେ। ସେ ଭଳିଆ କରିତକର୍ମା ଲୋକ ପୁଣି ଆରେଷ୍ଟ ହେବ ! ନା, କ'ଣ କହୁଛନ୍ତି ଆପଣ ?' ତା ପରକୁ ହେଁ ହେଁ ହସ ଶବ୍ଦ। ମୁଁ ସେତେବେଳକୁ ହତବାକ । ଅପେକ୍ଷାରେ ରହିଲି ବିପ୍ର ବାବୁ ଆଉ କ'ଣ କହିବେ ବୋଲି। ଏପଟେ ମନେ ମନେ ଭାବୁଥିଲି ଏତେ ଦିନକେ ସେଇ ଚିଟ୍ ଫଣ୍ଡ ଠକେଇ ମାମଲାରେ ବୋଧହୁଏ ଫସିଲେ ସୁରେନ୍ଦ୍ର ବାବୁ।-' ସେ ଯାହା ହେଉ ସୁଜୟ ବାବୁ, ମୋ ମନକୁ ବେଶ ପାଇଛି ଏ କଥା। ମୋତେ ଯାହା ଧୋକା ଦେଇଥିଲେ..... ! ଭଗବାନ ଅଛନ୍ତି ନା ନାହିଁ.. ? ଆଉ ପଦେ ଯୋଡିଲେ ବିପ୍ର ବାବୁ।

ମୋ ଆଗ୍ରହରେ ସେ ଯାହା ଅଙ୍ଗେଲିଭା କଥା କହିଲେ ସେଇଟା ଏମିତି। ଆଇଡିଆଲ କୋଚିଙ୍ଗ ସେଣ୍ଟରରେ ନବମ ଓ ଦଶମ ଷ୍ଟାଣ୍ଡାର୍ଡ ପିଲାଙ୍କୁ ସୋସିଆଲ ସାଇନ୍ସ ପଢେଇବାକୁ ସୁରେନ୍ଦ୍ର ବାବୁ ଅନୁରୋଧ କରିଥିଲେ ବିପ୍ର ବାବୁଙ୍କୁ। ସମୟର ଅଭାବ ଦେଖାଇ କଥାଟିକୁ ଟାଳିବାକୁ ଚେଷ୍ଟା କରିଥିଲେ ବି ବିପ୍ର ବାବୁ। ପ୍ରକୃତରେ ପ୍ରାଇଭେଟ୍ ଇଂରାଜୀ ମିଡିୟମ ସ୍କୁଲରେ ପଢ଼ାଇବା ପରେ ହାତରେ ସମୟ ଖୁବ୍ କମ୍। ସପ୍ତାହର ତିନି ଦିନ ସନ୍ଧ୍ୟା ଦୁଇ ଘଣ୍ଟା ଦୁଇଟି ପିଲାଙ୍କ ଘରକୁ ଯାଇ ପଢେଇ ସାରିଲାବେଳକୁ ଆଉ ସମୟ କାହିଁ ଯେ କୋଚିଙ୍ଗ ସେଣ୍ଟରରେ ପଢାଇବେ ! କାରଣ ଅନ୍ୟ ତିନି ଦିନ ସନ୍ଧ୍ୟାରେ ସେ କଳିଙ୍ଗ କୋଚିଙ୍ଗ ସେଣ୍ଟରରେ ପଢାନ୍ତି।

ମାତ୍ର ସୁରେନ୍ଦ୍ରବାବୁ ଥିଲେ ନଛୋଡବନ୍ଧା। କୋଚିଙ୍ଗ ସେଣ୍ଟର ମାଲିକଙ୍କର ସେ ଥିଲେ ଅତ୍ୟନ୍ତ ବିଶ୍ୱସ୍ତ। ଆଇଡିଆଲ କୋଚିଙ୍ଗ ସେଣ୍ଟରରେ ସେ ନିଜେ ଇଂରାଜୀ ପଢାଇବା ସଙ୍ଗେ ସଙ୍ଗେ ସୁପରଭାଇଜର ଭାବରେ ମଧ୍ୟ କାମ କରନ୍ତି। କ୍ଲାସ ପିଛା ତିନି ଶହ ହିସାବରେ ସପ୍ତାହକୁ ରବିବାର ସମେତ ଚାରିଦିନ ପାଇଁ ଚବିଶ ଶହ, ଏବଂ ମାସକୁ ମୋଟାମୋଟି ଦଶ ହଜାର ପାଇବେ ବୋଲି ଏକ ଲୋଭନୀୟ ପ୍ରସ୍ତାବକୁ ହାତଛଡ଼ା ନକରିବାକୁ ବୁଝାଇଲେ। ସ୍ୱଳ୍ପ ରୋଜଗାରରେ ଚଳୁଥିବା ବିପ୍ର ବାବୁ ପ୍ରସ୍ତାବଟିକୁ ହାତଛଡ଼ା ନକରି କୌଣସି ପ୍ରକାର ପିଲା ଦୁହିଁଙ୍କ ସମୟ ବଦଳାଇ ଆଇଡିଆଲ୍ କୋଚିଙ୍ଗ ସେଣ୍ଟରରେ ପଢ଼ାଇବା ଆରମ୍ଭ କଲେ।

ହେଲେ ଦୁଇ ସପ୍ତାହ ପରେ ତାଙ୍କୁ ଚାରି ଦିନ ପରିବର୍ତ୍ତେ ସୁରେନ୍ଦ୍ର ବାବୁ ଦୁଇ ଦିନ ପଢାଇବାକୁ କହିଲେ ଏବଂ କୈଫତ ଦେଲେ ଯେ କୋଚିଙ୍ଗ ସେଣ୍ଟରର ମାଲିକ ଏତେ ପଇସା ଦେବାକୁ କୁଣ୍ଠାବୋଧ କରୁଛନ୍ତି। ସେଥିପାଇଁ ଆଉ ଜଣେ ଷ୍ଟାଫ୍ ନିଯୁକ୍ତ ହୋଇଛନ୍ତି। ପଇସା ହିସାବ କଲାବେଳକୁ ତିନି ଶହ ପରିବର୍ତ୍ତେ କ୍ଲାସ ପିଛା ଦୁଇ ଶହ କରି ଦେଲେ ଏବଂ ପ୍ରତିଶ୍ରୁତି ଦେଲେ ପିଲା ବଢିଲେ ଅଧିକ ଟଙ୍କା ଦେବେ ବୋଲି। ସେତେବେଳକୁ ଆଗପିଲା ଦୁହିଁଙ୍କ ସମୟ ବଦଳାଇ ଥିବାରୁ ସେମାନଙ୍କ ପ୍ୟାରେଣ୍ଟସ ଅନ୍ୟ ଶିକ୍ଷକ ଯୋଗାଡ ହୋଇଛନ୍ତି ବୋଲି ଖବର ଦେଇ ସାରିଥିଲେ।

ହିଷ୍ଟ୍ରି ଏବଂ ଜୋଗ୍ରାଫି ପଢାଇବାକୁ ବିପ୍ର ବାବୁଙ୍କୁ କହିଲେ କୋଚିଙ୍ଗ ସେଣ୍ଟର ମାଲିକ। ଅଗତ୍ୟା ଚାରା ନଥିଲା। ସେ ମହିଳା ଜଣଙ୍କ ପଢାଇଲେ ଇକନମିକ୍ସ ଆଉ ପଲଟିକାଲ ସାଇନ୍ସ। ପ୍ରଥମ ଥର ପାଇଁ ପଢ଼ାଉଥିବା ମହିଳା ଜଣକ ଯେ ପାଠ ଠିକ୍ କରି ଜାଣି ନାହାନ୍ତି ପିଲାମାନଙ୍କଠାରୁ ଖବର ମିଳିଲା। ଇତିମଧ୍ୟରେ ବିପ୍ରବାବୁ ସେ କୋଚିଙ୍ଗ ସେଣ୍ଟରକୁ ଗୁଡବାଏ କରି ଦେଇଥିଲେ। ସେ ମହିଳା ଜଣକ କୁଆଡେ ଏମବିଏ କରି କୌଣସି ଫାଇନାନ୍ସ କମ୍ପାନୀରେ ଆଡଭାଇଜର ଥିଲେ। ଏକଥା ଶୁଣିବା ପରେ ତାଙ୍କ ନାଁ ଜାଣିବାକୁ ଆଗ୍ରହୀ ହେଲି। 'ସ୍ନିଗ୍ଧା ମହାନ୍ତି ' ଜାଣିବା ପରେ ମୁଁ ପୁରୁଣା ଦିନକୁ ଫେରିଗଲି। ମନେ ପଡିଲା ଯେ ସ୍ନିଗ୍ଧା ମହାନ୍ତି ନାମ୍ନୀ ମହିଳା ସେଇ ଚିଟଫଣ୍ଡ ସଂସ୍ଥାରେ ରିସେପସନିଷ୍ଟ ଥିଲେ, ଯେଉଁ ସଂସ୍ଥା ଏଜେଣ୍ଟ ସୁରେନ୍ଦ୍ର ବାବୁଙ୍କ ଦ୍ୱାରା ମୋ ଠାରୁ ଲକ୍ଷାଧିକ ଟଙ୍କା ଲୁଟି ନେଇଛି।

ଦୁଇ ଦିନ ପରେ ବିପ୍ରବାବୁ ପୁଣିଥରେ ଫୋନ୍ କରି କରିତକର୍ମା ସୁରେନ୍ଦ୍ର ବାବୁଙ୍କ ବିଷୟରେ ତାଜା ଖବର ଦେଲେ। -'ସୁରେନ୍ଦ୍ର ବାବୁଙ୍କ ସ୍ତ୍ରୀ ଯିଏକି ଜଣେ ଶିକ୍ଷୟିତ୍ରୀ ପିଲାଦୁହିଁଙ୍କୁ ଧରି ଚାକିରି ଯାଗାରେ ରହନ୍ତି। ସିଏ ହିଁ ସୁରେନ୍ଦ୍ର ବାବୁଙ୍କ ନାଁରେ ପୋଲିସ୍ ଷ୍ଟେସନରେ ଏତଲା ଦେଇଥିଲେ। ସେଥିପାଇଁ ସୁରେନ୍ଦ୍ର ବାବୁଙ୍କୁ ପୋଲିସ ଆରେଷ୍ଟ କରିଛି। ସ୍ତ୍ରୀଙ୍କ ଅଜାଣତରେ ବାବୁ ଆମର ଦ୍ୱିତୀୟ ବିବାହ କରିଛନ୍ତି। ଦ୍ୱିତୀୟ ସ୍ତ୍ରୀ ଜଣକ ସ୍ୱାମୀ ପରିତ୍ୟକ୍ତା ଏବଂ ତାଙ୍କର ଝିଅଟିଏ ଅଛି। ସେ କୁଆଡେ ମ୍ୟୁନିସିପାଲଟି ଅଫିସରେ ଚାକିରି କରିଛନ୍ତି। କୋଭିଡ ପାଇଁ ସଟ୍ ଡାଉନ୍ ସମୟରୁ ସୁରେନ୍ଦ୍ର ବାବୁ ନିଜକୁ ବିପତ୍ନୀକ ବୋଲି କହି ତାଙ୍କୁ ବାହା ହୋଇଛନ୍ତି।'

ଏ ଖବର ଶୁଣି ମୁଁ ଯେମିତି ରୋମାଞ୍ଚିତ ହେଲି ସେତିକି ଚମତକୃତ ହେଲି। ସବୁଠୁ ମଜାର କଥା ହେଲା ପୋଲିସ ସୁରେନ୍ଦ୍ର ବାବୁଙ୍କୁ ଅର୍ଦ୍ଧ ରାତିରେ ସ୍ନିଗ୍ଧା ମହାନ୍ତିଙ୍କ ଭଡାଘରୁ ଗିରଫ କରିଛି। କହିବା ବାହୁଲ୍ୟ ତାଙ୍କର ଫନ୍ଦି ଫିକର, ରୋଜଗାର ଏବଂ ସବୁ କାରନାମା ଖବରକାଗଜ, ଟିଭି ନ୍ୟୁଜ, ଇଲେକ୍ଟ୍ରୋନିକ ମିଡିଆରେ ଏବେ ପ୍ରଧାନ ଆଲୋଚ୍ୟ ପ୍ରସଙ୍ଗ ପାଲଟି ଯାଇଛି।

+କୁଞ୍ଜବିହାରୀ ଲେନ, କଟକ

# ବନ୍ୟା ପରିସ୍ଥିତିରେ ପ୍ରାଣୀଧନ ଓ ମତ୍ସ୍ୟ ସମ୍ପଦର ସୁରକ୍ଷା ପାଇଁ ୨୪ ଘଂଟିଆ କଂଟ୍ରୋଲ ରୁମ୍

ଭୁବନେଶ୍ୱର,୨୧/୦୬ (ନି.ପ୍ର): ସଂପ୍ରତି ରାଜ୍ୟର ବନ୍ୟା ପରିସ୍ଥିତିରେ ପ୍ରାଣୀଧନ ଓ ମତ୍ସ୍ୟସମ୍ପଦର ସୁରକ୍ଷା ଓ ତୁରନ୍ତ ଚିକିତ୍ସା ସୁବିଧା ଓ ଆନୁଷଙ୍ଗିକ ବ୍ୟବସ୍ଥା ନିମନ୍ତେ ଜିଲ୍ଲା ଓ ନିର୍ଦ୍ଦେଶାଳୟରେ ୨୪ ଘଂଟିଆ କଂଟ୍ରୋଲ ରୁମ୍ ଅଗଷ୍ଟ ୧୬ ତାରିଖରୁ ଖୋଲାଯିବା ସହିତ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ, ଭୁବନେଶ୍ୱରରେ କଂଟ୍ରୋଲ ରୁମ୍ (ଫୋନ୍ ନମ୍ବର -୦୬୭୪-୨୩୯୩୯୫୮)କୁ କାର୍ଯ୍ୟକ୍ଷମ କରାଯାଇଛି । ଏଥିସହିତ ଯୁଗ୍ମ ସଚିବ ପାହ୍ୟାର ଅଧିକାରୀଙ୍କୁ ନୋଡାଲ ଅଧିକାରୀ ଭାବରେ ନିୟୋଜିତ କରାଯାଇଛି । ନୋଡାଲ ଅଧିକାରୀ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ, ନିର୍ଦ୍ଦେଶାଳୟ ଏବଂ ଜିଲ୍ଲା ଓ କ୍ଷେତ୍ର କାର୍ଯ୍ୟାଳୟଗୁଡ଼ିକ ସହିତ ନିୟମିତ ଯୋଗାଯୋଗ ରକ୍ଷା କରି ବିପର୍ଯ୍ୟୟ ସ୍ଥିତିର ପରିଚାଳନା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ କୃଷି ଭବନ, ଭୁବନେଶ୍ୱରଠାରେ ୨୪ ଘଂଟିଆ କଂଟ୍ରୋଲ ରୁମ୍ ଅଗଷ୍ଟ ୧୬ ତାରିଖଠାରୁ କାର୍ଯ୍ୟକ୍ଷମ କରାଯାଇଛି ଏବଂ ବିଭାଗୀୟ ବରିଷ୍ଠ ଅଧିକାରୀଙ୍କୁ କଂଟ୍ରୋଲ ରୁମ୍ ର ନୋଡାଲ ଅଧିକାରୀ ଭାବରେ ନିୟୋଜିତ କରାଯାଇଛି । କଂଟ୍ରୋଲ ରୁମ୍ ର ପୂର୍ବ ପ୍ରଦତ୍ତ ଫୋନ୍ ନମ୍ବର ୦୬୭୪-୨୩୯୩୨୪୨ ପରିବର୍ତ୍ତେ ୦୬୭୪-୨୩୯୦୧୩୭ କାର୍ଯ୍ୟକ୍ଷମ ରହିଛି ।

## ଯୁବକଙ୍କୁ ବିଭତ୍ସ ହତ୍ୟା

କେନ୍ଦୁଝର,୨୧/୦୬ (ନି.ପ୍ର): ଯୁବକଙ୍କୁ କଟୁରୀରେ ହାଣି ଅତ୍ୟନ୍ତ ବିଭତ୍ସ ଭାବେ ହତ୍ୟା କରାଯାଇଛି । ତାଙ୍କ ମୁଣ୍ଡରୁ ଗଣ୍ଡିକୁ ଅଲଗା କରି ଦିଆଯାଇଛି । କେନ୍ଦୁଝର ଜିଲ୍ଲା ବାମେବାରୀ ଥାନା ଅନ୍ତର୍ଗତ ବସନ୍ତପୁର ମାଝିସାହିରେ ଗତକାଲି ବିଳମ୍ବିତ ରାତିରେ ଘଟିଛି ଏହି ହତ୍ୟାକାଣ୍ଡ । ଘଟଣାସ୍ଥଳରେ ବାମେବାରୀ ଥାନା ପୋଲିସ ପହଂଚି ଛାନଭିନ୍ ଆରମ୍ଭ କରିଛି । ଅଭିଯୁକ୍ତକୁ ଥାନାରେ ଅଟକ ରଖି ପଚରା ଉଚୁରା ଚଳାଇଛି । ପୋଲିସ ମୃତକଙ୍କ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ହତ୍ୟାକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି ।

# ଜିଲ୍ଲାରେ କ୍ରୀଡାର ବିକାଶ ନିମନ୍ତେ ଜିଲ୍ଲା ପ୍ରଶାସନର ସମନ୍ୱୟ ବୈଠକ

ସୁବର୍ଣ୍ଣପୁର,୨୧/୦୬ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲାରେ ତୃଣମୂଳ ସ୍ତରରୁ ଜିଲ୍ଲାସ୍ତର ପର୍ଯ୍ୟନ୍ତ ବିଭିନ୍ନ କ୍ରୀଡାର ବିକାଶ ସହ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ପ୍ରଶାସନ ତରଫରୁ ଏକ ସମନ୍ୱୟ ବୈଠକ ଜିଲ୍ଲାପାଳ ଶ୍ରୀମତୀ ଅବୋଲୀ ସୁନିଲ ନରୱଣେ ଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳ ଙ୍କ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ ବିଭିନ୍ନ କ୍ରୀଡାର ପ୍ରଚାର ପ୍ରସାର ଓ ଲୋକାଭିମୁଖୀ ତଥା କ୍ରୀଡା ଏବଂ କ୍ରୀଡାବିତକୁ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଆସନ୍ତା ୨୨.୦୮.୨୦୨୨ ରୁ ୨୯.୦୮.୨୦୨୨ ପର୍ଯ୍ୟନ୍ତ ଜିଲ୍ଲା କ୍ରୀଡା ସପ୍ତାହ ଭାବେ ପାଳନ କରାଯିବ । ଏହାଦ୍ୱାରା ଜିଲ୍ଲାରେ ଥିବା କ୍ରୀଡା ଭିତ୍ତିଭୂମି କ୍ରୀଡାବିତ ଏବଂ ଲୁକ୍କାୟିତ କ୍ରୀଡା ପ୍ରତିଭା କୁ ଚିହ୍ନଟ କରାଯିବା ସହ କ୍ରୀଡାକୁ ଜିଲ୍ଲାରେ ପ୍ରୋତ୍ସାହିତ କରାଯାଇ ପାରିବ ବୋଲି ବୈଠକର ଅଧକ୍ଷା ତଥା ଜିଲ୍ଲାପାଳ ଶ୍ରୀମତୀ ନରୱଣେ ଗୁରୁତ୍ୱାରୋପ କରିଛନ୍ତି । ବୈଠକରେ ଜିଲ୍ଲା କ୍ରୀଡା ଅଧିକାରୀ ଅଭିଳାଷ ପୁରୋହିତ ବୈଠକର ଆଭିମୁଖ୍ୟ ଉପରେ ଆଲୋକପାତ କରି ସପ୍ତାହ ବ୍ୟାପି ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ କ୍ରୀଡା ସମ୍ବନ୍ଧରେ ଆଲୋକପାତ କରିଥିଲେ । ଆସନ୍ତା ତା ୨୯.୦୮.୨୦୨୨ ରେ ଜିଲ୍ଲା ପ୍ରଶାସନ ତରଫରୁ ବିଶ୍ୱ କ୍ରିଡା ଦିବସ ପାଳନ ଅନୁଷ୍ଠିତ ହେବ । ଏହା ପୂର୍ବରୁ ଜିଲ୍ଲାସ୍ତରରେ ବ୍ୟାଡମିନ୍ଟନ, ଚେସ, ଟାଇକୋଣ୍ଡୋ, ମାରାଥନ, ଭାରୋତ୍ତଳନ ବ୍ୟାୟାମ, ମୁଷ୍ଟିଯୁଦ୍ଧ, ସନ୍ତରଣ, ଦୌଡ, କବାଡି, ଖୋକୋ ପ୍ରଭୃତି ବିଭିନ୍ନ କ୍ରୀଡା ପ୍ରତିଯୋଗିତା ସମ୍ପୃକ୍ତ କ୍ରୀଡା ଅନୁଷ୍ଠାନ ଓ ଜିଲ୍ଲା ଶିକ୍ଷା ଅଧିକାରୀ ଙ୍କ ଦ୍ୱାରା ଆୟୋଜିତ ହେବ । ଅନୁଷ୍ଠିତ ହେବାକୁଥିବା ପ୍ରତିଯୋଗୀତା ର କୃତି ପ୍ରତିଯୋଗୀ / ଦଳ ପ୍ରଭୃତିଙ୍କୁ ୩୦.୦୮.୨୦୨୨ ରେ ସ୍ୱତନ୍ତ୍ର ଜିଲ୍ଲା ସ୍ତରୀୟ କ୍ରୀଡା ଉତ୍ସବରେ ମୁଖ୍ୟ ଅତିଥି ଆନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ହକି ଖେଳାଳି ତଥା ଭାରତର ହକି ଦଳର ପୂର୍ବତନ ଅଧିନାୟକ ପଦ୍ମଶ୍ରୀ ଡ଼ଃ ଦିଲିପ ତିର୍କୀ ଯୋଗଦାନ କରି ଖେଳ ଓ ଖେଳାଳୀ ଙ୍କୁ ଉଦବୋଧନ ଦେବାସହ ଟ୍ରଫି ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିବେ । ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟ ନାରାୟଣ ଦାସ (ରାଜସ୍ୱ), ଶ୍ରୀମତୀ ନିଶି ପୁନମ ମିଞ୍ଜ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ଶ୍ରୀ ଲକ୍ଷ୍ମଣ ଭୋଇ ଜିଲ୍ଲା ଶିକ୍ଷା ଅଧିକାରୀ ଯୋଗଦାନ କରିବା ବେଳେ ଜିଲ୍ଲାର ୫ ଟି ବିଦ୍ୟାଳୟ ସମେତ ଅନ୍ୟ ସମସ୍ତ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ/ ଶିକ୍ଷୟିତ୍ରୀ ତଥା ଖେଳ ଶିକ୍ଷକ / ଶିକ୍ଷୟିତ୍ରୀ ସହିତ ଜିଲ୍ଲାର ବିଭିନ୍ନ କ୍ରିଡା ସଂଗଠନ ର କର୍ମ କର୍ତ୍ତା ଅଂଶଗ୍ରହଣ କରିଥିଲେ । କ୍ରୀଡା ସପ୍ତାହ ପାଳନ ଅବସରରେ ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ କ୍ରୀଡାଗୁଡିକୁ ପୂର୍ଣ୍ଣ ସଫଳ କରିବା ସହିତ ପ୍ରତ୍ୟେକଟି କ୍ରୀଡାରେ ଜିଲ୍ଲାର ଅଧିକରୁ ଅଧିକ ପ୍ରତିଯୋଗୀ ଯେପରି ଅଂଶଗ୍ରହଣ କରିବେ ସେଥିପ୍ରତି ଆବଶ୍ୟକ ଯତ୍ନବାନ ହେବାକୁ ସମ୍ପୃକ୍ତ ଅଧିକାରୀ ତଥା କ୍ରିଡା ସଂଗଠନ କର୍ମକର୍ତ୍ତା ଙ୍କୁ ଜିଲ୍ଲାପାଳ ଶ୍ରୀମତୀ ନରୱଣେ ପରାମର୍ଶ ଦେଇଛନ୍ତି । ଇଚ୍ଛୁକ କ୍ରୀଡାବିତ ନିଜ ନିଜର ଯୋଗ୍ୟ ସ୍ତର ନିମନ୍ତେ କ୍ରୀଡା ସଂଗଠନର ମୁଖ୍ୟ ତଥା ବିଦ୍ୟାଳୟ ସ୍ତରରେ ନିଜ ନିଜର ଖେଳ ଶିକ୍ଷକ ଙ୍କ ମାଧମରେ ଅଂଶଗ୍ରହଣ କରିପାରିବେ । ବହୁ ସଂଖ୍ୟାରେ ଯୋଗଦାନ ଜିଲ୍ଲାର କ୍ରୀଡା ଓ କ୍ରୀଡାବିତକୁ ଆଗାମୀ ଦିନରେ ପ୍ରୋତ୍ସାହିତ କରିବେ ।

# ପିସିସି ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର,୨୧/୦୬ (ନି.ପ୍ର): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କର ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସକାଳେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ଏବଂ ଏଆଇସିସି ସଂପାଦକ ଜି. ରୁଦ୍ର ରାଜୁଙ୍କ ସମେତ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ଭୁବନେଶ୍ୱର ରାଜୀବ ଭବନ ପରିସରରେ ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପରେ ପିସିସି ପକ୍ଷରୁ କଂଗ୍ରେସ ଭବନ ପରିସରରେ ଥିବା ରାଜୀବଜୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା ।

ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ସୁରେଶ କୁମାର ରାଉତରାୟ, ସନ୍ତୋଷ ସିଂ ସାଲୁଜା, ଅନନ୍ତ ପ୍ରସାଦ ସେଠୀ, ଯୁଧିଷ୍ଠୀର ଜେନା, ଶିବାନନ୍ଦ ରାୟ, ଶୁଭେନ୍ଦୁ ମହାନ୍ତି, ଚିନ୍ମୟ ସୁନ୍ଦର ଦାସ, କିଶୋର ଜେନା, ଲୋକନାଥ ମହାରଥି, ମନୋରଞ୍ଜନ ଦାଶ, ଅମୀୟ କୁମାର ପଟ୍ଟନାୟକ, ସୁଦର୍ଶନ ଦାସ, ବିଶ୍ୱଜିତ ଦାଶ, ମାନସ ଆଚାର୍ଯ୍ୟ, ପ୍ରକାଶ ଜେନା, ନିରଞ୍ଜନ ନାୟକ, ଜ୍ୟୋତିଷ ସାହୁ, ସଂକୁନା କହଁର ପ୍ରମୁଖ ଉପସ୍ଥିତ ଥିଲେ ।

# ଫୁଲୁଛି ରାଜୁଆ, ଧବଳପୁର, ସବଳଙ୍ଗ ଗାଁ ରେ ପଶିଲା ବନ୍ୟା ଜଳ, ଲୋକେ ଆତଙ୍କିତ

ଖୋର୍ଦ୍ଧା,୨୧/୦୬ (ନି.ପ୍ର): ହୀରାକୁଦ ର ଗେଟ ଖୋଲିବା ପରେ ରାଜ୍ୟର ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇଛି ।ଏପରିକି ଶାଖା ନଦୀ ଗୁଡିକ ଫୁଲିବାରେ ଲାଗିଛି । ଦୟା ନଦୀ ତିରିମଲ ଠାରେ ଘାଇ ସୃଷ୍ଟି ହେବାରୁ ଖୋର୍ଦ୍ଧା ବ୍ଲକ ରେ ଥିବା ରାଜୁଆ ନଦୀରେ ଜଳସ୍ତର ବୃଦ୍ଧି ପାଇବା ପରେ ସେଠାରେ ଥିବା ୫ରୁ ଉର୍ଦ୍ଧ ପଞ୍ଚାୟତ ବନ୍ୟା ପାଣି ପଶିଛି । ଏପରିକି କିଛି ଗାଁ ରେ ପାଣି ପଶିବା ସହିତ ଲୋକଙ୍କ ଘରେ ପାଣି ପଶିଥିଲା ।ଲୋକମାନେ ଆତଙ୍କିତ ଅବସ୍ଥାରେ ଦିନ କାଟୁଛନ୍ତି । ସେହିପରି ଉକ୍ତ ପଞ୍ଚାୟତ ରେ ଥିବା କିଛି ଗାଁ ରୁ ପାଣି କମିଥିବା ବେଳେ ଆଜି ଧବଳପୁର ଗାଁ ରେ ବନ୍ୟା ଜଳ ପଶିଛି । ଫଳରେ ଧବଳପୁର ଗାଁ ଲୋକେ ଏବେ ଉଚ୍ଚା ସ୍ଥାନରେ ରହିଛନ୍ତି । ଉକ୍ତ ଗାଁ ରେ କଚ୍ଚା ଘର ଥିବାରୁ ପାଣି ଭେଦି ବିପଦ ସଙ୍କୁଳ ଭାବେ ରହିଛି । ଏପରିକି କେତେବେଳେ କଚ୍ଚା ଘର ଗୁଡିକ ଭାଙ୍ଗି ଯିବ ତାହା ସ୍ଥାନୀୟ ଲୋକଙ୍କ ପାଇଁ ବିପଦ ପାଲଟିଛି । ତେବେ ଏହି ଘଟଣାକୁ ନେଇ ସ୍ଥାନୀୟ ଲୋକମାନେ ସ୍ଥାୟୀ ସମାଧାନ ପାଇଁ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି । ସେହିପରି ରାୟପୁର ଗାଁ ର ଲୋକମାନେ ଏବେବି ପାଣି ଘେରରେ ଜୀବନ କାଟୁଛନ୍ତି । ଅନୁରୂପ ଭାବେ ଜଙ୍କିଆ ସବଳଙ୍ଗ ଗାଁ ରେ ରାଜୁଆ ନଦୀର ପାଣି ପଶିଛି । ଘରେ ପାଣି ପଶିବାରୁ ଲୋକେ ମଟର ଲଗାଇ ଘରୁ ବନ୍ୟା ଜଳ ନିଷ୍କାସନ କରୁଥିବା ଦେଖିବାକୁ ମିଳିଛି ।

## ହଷ୍ଟେଲ କର୍ତୃପକ୍ଷଙ୍କ ଅବହେଳା ପାଇଁ ଛାତ୍ର ମୃତ୍ୟୁ ଅଭିଯୋଗ

ମାଲକାନଗିରି,୨୧/୦୬ (ନି.ପ୍ର): ମାଲକାନଗିରି ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ପାଣ୍ଡ୍ରିପାଣି ଆଶ୍ରମ ବିଦ୍ୟାଳୟରେ ହଷ୍ଟେଲ କର୍ତୃପକ୍ଷଙ୍କ ଅବହେଳା ପାଇଁ ଜଣେ ନବମ ଶ୍ରେଣୀ ଛାତ୍ରର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ଗତକାଲି ଜଣେ ନବମ ଶ୍ରେଣୀର ଛାତ୍ର ପେଟ ବ୍ୟଥା ଯୋଗୁଁ ଅସୁସ୍ଥ ହୋଇପଡିଥିଲା । ଏହି ଘଟଣା ବାବଦରେ ହଷ୍ଟେଲ ବା ସ୍କୁଲରେ ଥିବା କର୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା । କିନ୍ତୁ ଛାତ୍ରଙ୍କ ଅସୁସ୍ଥ ହେବା ଘଟଣାକୁ ହଷ୍ଟେଲ କର୍ତୃପକ୍ଷ ଗୁରୁତର ସହ ନେଇନଥିଲେ । ସେହି ଛାତ୍ରକୁ ପେଟ ବ୍ୟଥା ପାଇଁ କିଛି ଔଷଧ ଦେଇ ହଷ୍ଟେଲ କର୍ତୃପକ୍ଷ କାମ ସାରିଦେଇ ଥିଲେ । ତେବେ ଆଜି ସକାଳୁ ଦେହ ଅଧିକ ଖରାପ ହେବାରୁ ତାକୁ ପ୍ରଥମେ ପାଣ୍ଡ୍ରିପାଣି ଓ ପରେ ମାଲକାନଗିରି ଚିକିତ୍ସାଳୟକୁ ଅଣାଯାଇଥିଲା । କିନ୍ତୁ, ଚିକିତ୍ସା ସମୟରେ ତାର ମୃତ୍ୟୁ ଘଟିଥିଲା ।ସୂଚନା ମୁତାବକ, ମୃତ ଛାତ୍ର ଜଣକ ନାମ ସନିଆ ଦୋରା, ଘର ପୋଡଭାଟା ଗ୍ରାମରେ, ସେ ନବମ ଶ୍ରେଣୀରେ ପଢୁଥିଲା । ବାପା ମାଙ୍କ ମୃତ୍ୟୁ ପରେ ଉଚ୍ଚଶିକ୍ଷା ପାଇଁ ତାକୁ ହଷ୍ଟେଲରେ ସମ୍ପର୍କୀୟ ମାନେ ଭର୍ତି କରିଥିଲେ । ହଷ୍ଟେଲ କର୍ତୃପକ୍ଷଙ୍କ ତରଫରୁ ଛାତ୍ରର ଦେହ ଅସୁସ୍ଥ ବିଷୟରେ କି ତାକୁ ମେଡିକାଲ ନିଆଯିବା ବେଳେ ସେମାନଙ୍କୁ କୌଣସି ଖବର ଦିଆଯାଇନଥିଲା ମରିବା ପରେ ଖବର ଦିଆଯାଇଥିବା ସମ୍ପର୍କୀୟ ମାନେ ଅଭିଯୋଗ କରିଛନ୍ତି ।

# ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ୧୭ତମ ଜିଲ୍ଲା ସମ୍ମିଳନୀ

ଜୟପୁର,୨୧/୦୬ (ନି.ପ୍ର): ଜୟପୁର ଶ୍ରମିକ କର୍ମଚାରୀ ଭବନ ଠାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର୧୭ତମ ଜିଲ୍ଲା ସମ୍ମିଳନୀ ଆରମ୍ଭ ହୋଇଛି । ସର୍ବପ୍ରଥମେ ପାର୍ଟିର ଲାଲ୍ ଝଣ୍ଡା ବର୍ଷୀୟାନ ସାଥୀ ନରସିଂହ କମାର ଉତୋଳନ କରିବା ପରେ ଲାଲ୍ ପତାକା ସଂଗୀତ ଗାନ କରିଥିଲେ । ସହୀଦ ବେଦୀରେ ପୁଷ୍ପ ପ୍ରଦାନ ପରେ କମ୍ରେଡ୍ ଚନ୍ଦ୍ର ମୁଦୁଲି -କମ୍ରେଡ୍ ଚନ୍ଦ୍ର ବଡନାୟକଙ୍କ ନାମରେ ନାମିତ ସଭା ମଣ୍ଡପକୁ ପ୍ରବେଶ କରିଥିଲେ । ବର୍ଷାର ସମ୍ଭାବନା ସତ୍ୱେ ଲାଲ୍ ଝଣ୍ଡା ଧରି ଏକ ଶୋଭାଯାତ୍ରା ସହର ପରିକ୍ରମା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ପ୍ରମୋଦ କୁମାର ମହାନ୍ତି, ସୁକାନ୍ତି ଗୌଡ଼ ଓ ନରସିଂହ କମାରଙ୍କୁ ନେଇ ସଭାପତି ମଣ୍ଡଳୀ ସଭା ପରିଚାଳନା କରିଥିଲେ । କୋରାପୁଟ ଜିଲ୍ଲାର ଦିବଂଗତ ପାର୍ଟି କର୍ମୀ ଓ ବିଭିନ୍ନ ସାମାଜିକ ବ୍ୟକ୍ତିତ୍ୱଙ୍କ ସ୍ମୃତିରେ ଏକ ମିନିଟ ନିରବ ପ୍ରାର୍ଥନା ପରେ ସମ୍ମିଳନୀକୁ ଆନୁଷ୍ଠାନିକ ଭାବେ ରାଜ୍ୟ କମ୍ୟୁନିଷ୍ଟ ପାର୍ଟିର ବରିଷ୍ଠ ନେତା ତଥା ସମ୍ପାଦକ ମଣ୍ଡଳୀ ସଭ୍ୟ ପ୍ରଶାନ୍ତ ପାଟଯୋଶୀ ଆହ୍ୱାନ ଦେଇ କହିଥିଲେ ଯେ, ତଳ ସ୍ତରରୁ ପାର୍ଟିକୁ ମଜବୁତ୍ କରିବା ଆଜିର ଆବଶ୍ୟକତା । ଏଣୁ ରାଜନୈତିକ ଭାବେ ଶାଣିତ କରି ମୋଦୀ ସରକାର ବିରୁଦ୍ଧରେ ଗଣ ସଂଗ୍ରାମ ପାଇଁ ଶାଖା ମାନଙ୍କୁ ସଂଗଠିତ କରିବାକୁ ହେବ । ମୋଦୀ ସରକାର ସବୁ କ୍ଷେତ୍ରରେ ବିଫଳ ହେବା ସହ ଦରଦାମ୍ ବୃଦ୍ଧି, ବେକାରୀ ସମସ୍ୟା ଉତ୍କଟ ହୋଇଛି । ପ୍ରତି କ୍ଷେତ୍ରରେ ଟିକସ ବୋଝ ସାଧାରଣ ଜନତାଙ୍କ ଉପରେ ପଡୁଛି । ଏଣୁ ସାଧାରଣ ଲୋକଙ୍କୁ ମୋଦୀ ସରକାର କିଭଳି ଲୁଟ୍ କରୁଛି ତାହା ତଳସ୍ତରରେ ପହଂଚାଇ ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ଆହ୍ୱାନ ଦେଇଥିଲେ । ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ରାଉଳ ସମ୍ପାଦକୀୟ ରିପୋର୍ଟ ପ୍ରଦାନ କରି ରାଜନୈତିକ ସାଂଗଠନିକ ସ୍ଥିତି ପ୍ରକାଶ କରିଥିଲେ । ପାର୍ଟିର ଆନ୍ଦୋଳନରୁ ସଂଗଠନ ମଜବୁତ୍ କରିବା ପାଇଁ ପ୍ରସ୍ତାବ ରଖିଥିଲେ । ରାଜ୍ୟ ସହ ସମ୍ପାଦକ କ୍ଷୀରୋଦ ସିଂଦେଓ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଜାତୀୟ ଓ ରାଜ୍ୟ ସ୍ତରୀୟ ରାଜନୈତିକ ସାଂଗଠନିକ ରିପୋର୍ଟ ପ୍ରଦାନ କରିଛନ୍ତି ଯାହା ଉପରେ ପାର୍ଟିର ମହାଧିବେଶନରେ ଆଲୋଚନା ହେବ । ପୃଥିବୀର ବିଭିନ୍ନ ମାନବୀୟ ସମସ୍ୟାର ସୃଷ୍ଟି ସାମ୍ରାଜ୍ୟବାଦୀ ଆମେରିକାର ଚକ୍ରାନ୍ତ ହିଁ ଦାୟୀ । ପର୍ଯ୍ୟାବରଣ ସମସ୍ୟା, ଖାଦ୍ୟ ସଙ୍କଟ ଧର୍ମୀୟ ମୌଳବାଦ ମାନବ ସମାଜକୁ ସଙ୍କଟ ମଧ୍ୟକୁ ଠେଲି ଦେଇଛି । ମୋଦୀ ସରକାର ଆସିବା ପରେ ଦେଶରେ ଅଘୋଷିତ ଜରୁରୀକାଳୀନ ସ୍ଥିତି ସୃଷ୍ଟି ହୋଇଛି । ସମସ୍ତ ସାମ୍ବିଧାନିକ ସଂସ୍ଥାକୁ କବଳିତ କରି ବିରୋଧୀ ଦଳମାନଙ୍କ ଉପରେ ଆକ୍ରମଣ କରୁଛି । ଦରଦାମ୍ ବୃଦ୍ଧି, ବେକାରୀ ସମସ୍ୟା, ଫରେଷ୍ଟ ଆଇନ୍ -୨୦୨୨ ରଦ୍ଦ କରିବା, ଜାତୀୟ ସମ୍ପଦର ବିକ୍ରି ବିରୁଦ୍ଧରେ ଏବଂ ଦେଶର ସମ୍ବିଧାନ ଐକ୍ୟ ସଂହତି ରକ୍ଷା ପାଇଁ ଲଗାତାର ସଂଗଠିତ ଭାବେ ଆନ୍ଦୋଳନ କରିବାକୁ ସେ ଆହ୍ୱାନ କରିଥିଲେ । ସମ୍ମିଳନୀରେ ବିଭିନ୍ନ ଜୋନ୍ ର ସଭ୍ୟ ମାନେ ଆଲୋଚନା ରେ ଭାଗ ନେଉଛନ୍ତି । ଏହି ସମ୍ମିଳନୀ ରେ ଆଗାମୀ ଦିନ ପାଇଁ ଜିଲ୍ଲା ପରିଷଦ ଗଠନ ହେବ ଏବଂ ପୁରୀ ଠାରେ ରାଜ୍ୟ ସମ୍ମିଳନୀ ପାଇଁ ପ୍ରତିନିଧି ଚୟନ ହେବ । ଆଜିର ସଭା ଶୋଭାଯାତ୍ରାର ନେତୃତ୍ୱ ସର୍ବଶ୍ରୀ ରାମକୃଷ୍ଣ ଦାସ, ବଳରାମ ନାୟକ,ପ୍ରଭୁନନ୍ଦ ମୁଦୁଲି, ସତ୍ୟବ୍ରତ ନନ୍ଦ, ନନ୍ଦ ହରିଜନ, ବୁଦୁରା ବଡନାୟକ, ବୈଦ୍ୟନାଥ ହରିଜନ ପ୍ରମୁଖ ସାମିଲ ହୋଇଥିଲେ ।

# ଅହିଂସା ରଥକୁ ବିଦାୟ ଦିଆଗଲା

ପୁରୀ,୨୧/୦୬ (ନି.ପ୍ର): ସ୍ୱାଧୀନତା ସଂଗ୍ରାମ ଓ ସଂଗ୍ରାମୀଙ୍କ ବାର୍ତ୍ତା ବାଂଟି ଦେଶପ୍ରେମର ନିଦର୍ଶନ ସୃଷ୍ଟି କରୁଥିବା ଅହିଂସା ରଥକୁ ଶନିବାର ପ୍ରତ୍ୟୁଷରୁ ଜିଲ୍ଲାରୁ ବିଦାୟ ଦିଆଯାଇଛି । ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କ ଉପସ୍ଥିତିରେ ଅହିଂସା ରଥକୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ଅହିଂସା ରଥ ଚଳିତ ମାସ ୧୬ ତାରିଖରେ ଜିଲ୍ଲାକୁ ଆଗମନ କରିଥିଲା । ପିପିଲିର ଗୁଡିଆପୋଖରୀ ଠାରେ ଦୁଇଟି ଯାକ ରଥକୁ ସ୍ୱାଗତ କରାଯିବା ପରେ ଗୋଟିଏ ରଥ ପିପିଲି ବ୍ଲକ, ପିପିଲି ଏନଏସି, ଡେଲାଙ୍ଗ ବ୍ଲକ, କଣାସ ବ୍ଲକ, ସତ୍ୟବାଦୀ ବ୍ଲକ, ବ୍ରହ୍ମଗିରି ବ୍ଲକ ଓ କୃଷ୍ଣପ୍ରସାଦ ବ୍ଲକ ପରିକ୍ରମଣ କରିଥିଲା । ସେହିପରି ଅନ୍ୟ ଏକ ରଥ ନିମାପଡା ବ୍ଲକ, ନିମାପଡା ଏନଏସି, କାକଟପୁର ବ୍ଲକ, ଅସ୍ତରଙ୍ଗ ବ୍ଲକ, ଗୋପ ବ୍ଲକ, କୋଣାର୍କ ଏନଏସି, ସଦର ବ୍ଲକ ଓ ପୁରୀ ମୁନିସିପାଲଟି ଅଚଂଳ ପରିକ୍ରମା କରି ସଂଗ୍ରାମର ଚିତ୍ରକୁ ଭିଡ଼ିଓ ଶୋ ମାଧ୍ୟମରେ ପ୍ରଦର୍ଶିତ କରିଥିଲା । ବିଭିନ୍ନ ସ୍ଥାନରେ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ, ଲୋକ ପ୍ରତିନିଧି, ଜନସାଧାରଣ, ଛାତ୍ର ଛାତ୍ରୀ ମାନେ ଏହି ରଥକୁ ବିପୁଳ ସ୍ୱାଗତ କରିଥିଲେ । କଳାକାର, ଛାତ୍ରଛାତ୍ରୀ ଦେଶାତ୍ମବୋଧକ ସଂଗୀତ ଧ୍ୱନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ୨୦ ତାରିଖ ଠାରୁ ଏହି ରଥକୁ ନୟାଗଡ଼ ଜିଲ୍ଲାରେ ପରିକ୍ରମଣ ପାଇଁ ପ୍ରେରଣ କରାଯାଇଥିଲା ।

# ଫୁଲବାଣୀ ପୋଲିସ ହାଇସ୍କୁଲରେ ସଦ୍‌ଭାବନା ଦିବସ ପାଳିତ

କନ୍ଧମାଳ,୨୧/୦୬ (ନି.ପ୍ର): ଫୁଲବାଣୀ ସହରର ସ୍ଥାନୀୟ ପୋଲିସ ହାଇସ୍କୁଲ ଫୁଲବାଣୀ ଠାରେ ନେହରୁ ଯୁବକେନ୍ଦ୍ର ଫୁଲବାଣୀ ତରଫରୁ ସଦଭାବନା ଦିବସ (ରାଜୀବ ଗାନ୍ଧୀ ) ଦିବସ ପାଳିତ ହୋଇଯାଇଛି । ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବରେ ପୋଲିସ ହାଇସ୍କୁଲର ପ୍ରଧାନ ଶିକ୍ଷକ ଦେବିପ୍ରସାଦ ଶତପଥୀ ଯୋଗ ଦେଇଥିବାବେଳେ ସମାନୀତ ଅତିଥି ଭାବରେ ସଂସ୍କୃତ ଶିକ୍ଷକ ଗୌରୀଶଙ୍କର ମହାପାତ୍ର, ହିନ୍ଦୀ ଶିକ୍ଷକ ସନ୍ତୋଷ କୁମାର ମିଶ୍ର, ଖେଳଶିକ୍ଷକ ରାଜକିଶୋର ସ୍ୱାଇଁ, ଓଡିଆ ଶିକ୍ଷୟତ୍ରୀ କୁନ୍ତଳା ତ୍ରିପାଠୀ ଏବଂ ନେହରୁ ଯୁବକେନ୍ଦ୍ର ଫୁଲବାଣୀର ସହକର୍ମୀ ସତ୍ୟବାନ ଦଳବେହେରା, ସ୍ୱେଚ୍ଛାସେବୀ, ରୀତିମା ବାଘ ପ୍ରମୁଖ ଯୋଗଦେଇ ଥିଲେ । ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍କୁଲର ଛାତ୍ରଛାତ୍ରୀ ମାନେ ଯୋଗ ଦେଇଥିଲେ । ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ବକ୍ତୃତା ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ଜ୍ୟୋର୍ତିମୟୀ ମିଶ୍ର ପ୍ରଥମ, ସୁଚିତ୍ରା ସାହୁ ଦ୍ୱିତୀୟ ଏବଂ ଆୟୁଷ କୁମାର ବେହେରା ତୃତୀୟ ହୋଇଥିଲେ ସେହିପରି କୁଇଜ ପ୍ରତିଯୋଗିତାରେ ପ୍ରିୟଙ୍କା ପାତ୍ର ପ୍ରଥମ, ପି. ପ୍ରେମ କୁମାର ଦ୍ୱିତୀୟ ଏବଂ ଗୁଞ୍ଜନ ସାହୁ ତୃତୀୟ ହୋଇଥିଲେ । ମୁଖ୍ୟ ଅତିଥି ଦିବସର ମୁଖ୍ୟ ଲକ୍ଷ୍ୟ ଓ ଉଦେଶ୍ୟ ବିଷୟରେ ଉପସ୍ଥିତ ଛାତ୍ର ଛାତ୍ରୀ ମାନଙ୍କୁ ଅବଗତ କରିଥିଲେ । ବକ୍ତୃତା ଓ କୁଇଜ ପ୍ରତିଯୋଗୀତରେ ବିଜୟୀ ପ୍ରତିଯୋଗୀ ମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ଟ୍ରଫି ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । ବୈଠକରେ ନେହରୁ ଯୁବ କେନ୍ଦ୍ର ଫୁଲବାଣୀର ସ୍ୱେଚ୍ଛାସେବୀ ରୀତିମା ବାଘ ମୁଖ୍ୟ ଅତିଥି, ଅନ୍ୟାନ୍ୟ ଅତିଥି ଓ ଉପସ୍ଥିତ ଛାତ୍ର ଛାତ୍ରୀ ମାନଙ୍କୁ ସ୍ୱାଗତ କରିଥିବା ବେଳେ ଶିକ୍ଷକ ସନ୍ତୋଷ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ ।

# କଳା ବ୍ୟାଚ ପିନ୍ଧି ପ୍ରତିବାଦ ଜଣାଇଲେ ଚୁକ୍ତି ଭିତିକ କର୍ମଚାରୀ

ଜୟପୁର,୨୧/୦୬ (ନି.ପ୍ର): ଓଡିଶା ଚୁକ୍ତି ଭିତ୍ତିକ କର୍ମଚାରୀ ମହାସଂଘ ପକ୍ଷରୁ ଓଡିଶାରେ ଚୁକ୍ତି ଭିତ୍ତିକ ନିଯୁକ୍ତି ବ୍ୟବସ୍ଥା ଉଚ୍ଛେଦ ନେଇ କଳା ବ୍ୟାଜ ପରିଧାନ ଦିବସ ଅଗଷ୍ଟ ୧୬ରୁ ୨୨ ଯାଏ ଚାଲୁ ରହଛି । ଏହି ପରିପେକ୍ଷୀରେ କୋରାପୁଟ ଜିଲା ଚୁକ୍ତି ଭିତ୍ତିକ କର୍ମଚାରି ସଂଘ ଓ କନିଷ୍ଠ ଶିକ୍ଷକ ସଂଘର ମିଳିତ ଆହ୍ୱାନ କ୍ରମେ ଜିଲା ସାରା ଆଜି ରାଜ୍ୟ ସରକାର ଅଧିନରେ କାର୍ଯ୍ୟରତ ସମସ୍ତ ଚୁକ୍ତି ଭିତ୍ତିକ କର୍ମଚାରୀ ଶିକ୍ଷା, ବାଣିଜ୍ୟ, ଅର୍ଥ, ସାମାଜିକ ସୁରକ୍ଷା, ମସବାୟ, ରାଜସ୍ୱ, କୃଷି ଏବଂ ପସୁ ସମ୍ପଦ, ଜଙ୍ଗଲ ଏବଂ ପରିବେଶ ଆଦି ବିଭିନ୍ନ ବିଭାଗରୁ କାଯ୍ୟରତ କର୍ମଚାରି ମାନେ ଏହି କଳାବ୍ୟାଜ ଦିବସରେ ସାମିଲ ହୋଇଛନ୍ତି । ଚିକ୍ତି ଭିତ୍ତିକ ନିଯୁକ୍ତି ଉଚ୍ଛେଦ ଏବଂ ଚୁକ୍ତି ଭିତ୍ତିକ ୬ ବର୍ଷ ସମୟ କୁ ମୁଳ ଚାକିରିରେ ଯୋଗ କରିବା ଏହି ୨ଟି ମୁଖ୍ୟ ଦାବି ସହ ଚିକ୍ତି ଭିତ୍ତିକ ନିଯୁକ୍ତି ସମୟରେ ମହଙ୍ଗା ଭତ୍ତା, ଘରଭଡା ଏବଂ ସମସ୍ତ ସରକାରି ଆନୁସଙ୍ଗିକ ସୁବିଧା ଇତ୍ୟାଦି ପ୍ରଦାନ ପାଇ ଦାବି ହୋଇଛି । ଏହି ଦିବସରେ ଜିଲାର ୧୪ଟି ବ୍ଲକର ସମସ୍ତ ଚୁକ୍ତି ଭିତ୍ତିକ କର୍ମଚାରି ମାନେ କଳାବ୍ୟାଚ ପରିଧାନ କରି କାଯ୍ୟ କରିବା ସହିତ ମଧାହ୍ନ ବିରତି ସମୟରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଏହି କଳାବ୍ୟାଚ ପରିଧାନ ଏବଂ ଶାନ୍ତିପୁର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ ସାରା ରାଜ୍ୟରେ ଚାଲୁ ରହିବ । ଏହା ପରେ ଯଦି ରାଜ୍ୟ ସରକାର ଚୁକ୍ତି ଭିତ୍ତିକ କର୍ମଚାରି ମାହସଂଘକୁ ଦେଇଥିବା ପ୍ରତିଶ୍ରୁତି ନପୁରଣ କରନ୍ତି ତେବେ ସଂଘର ନିର୍ଦ୍ଧାରିତ ଯୋଜନା ଅନୁଯାଇ ରାଜ୍ୟରେ କାଯ୍ୟରତ ସମସ୍ତ ସରକାରି ଚୁକ୍ତି ଭିତ୍ତି କ କର୍ମଚାରି ମାନେ ଅଗଷ୍ଟ ଶେଷ ସପ୍ତାହରେ ଭୁବନେଶ୍ୱର ସ୍ଥିତ ଗାନ୍ଧୀ ମାର୍ଗ ଠାରେ ଏକ ବୃହତ ଆନ୍ଦୋଳରେ ସାମିଲ ହେବେ ବୋଲି କୋରାପୁଟ ଜିଲା ସଭାପତି ଦିପକ କୁମାର ପାଢୀ, ସମ୍ପାଦକ ଗୌରି ଶଙ୍କର ପାଣି,କନିଷ୍ଠ ଶିକ୍ଷକ ସଭାପତି ରୁଦ୍ର ନାରାୟଣ ବ୍ରହ୍ମା, ସମ୍ପାଦକ ରାମ ପଟ୍ଟନାୟକ, ଜିତେନ ବେହେରା, ଦର୍ଗା ମାଧବ ରଥ, ଜୟନ୍ତ କୁମାର ସାହୁ, ମନୋଜ କୁମାର ବାରିକ, ମନୋରଞ୍ଜନ ପଲେଇ ପ୍ରମୁଖ ଉପସ୍ଥିତ ଥିଲେ ।

# ସ୍ୱର୍ଗଦ୍ୱାର ରାସ୍ତା ଅବସ୍ଥା ସାଂଘାତିକ: ଆପ୍ ପକ୍ଷରୁ ବିକ୍ଷୋଭ

ପୁରୀ,୨୧/୦୬ (ନି.ପ୍ର): ହଜାର ହଜାର ପର୍ଯ୍ୟଟକଙ୍କ ଯାତାୟାତ ରାସ୍ତାରେ ଖାଲଖମା ରହିଥିବାରୁ ବହୁ ପର୍ଯ୍ୟଟକ ସେହି ରାସ୍ତାରେ ପଡ଼ି ଆହତ ହେଉଥିବା ଦେଖିବାକୁ ମିଳିଛି । ଆଜି ଆମ୍ ଆଦମୀ ପାର୍ଟି (ଆପ୍) ପକ୍ଷରୁ ଏ ଶୋଚନୀୟ ହୋଇପଡ଼ିଥିବା ରାସ୍ତା ପାଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ପୌରସଂସ୍ଥା ବିରୁଦ୍ଧରେ ନାରାବାଜି କରିଥିଲେ । ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରି ରାସ୍ତା ନିର୍ମାଣ ହୋଇଥିଲେ ମଧ ରାସ୍ତାରେ ପାଣି ଜମି ରହିବା, ନଳାପାଣି ରାସ୍ତାରେ ଭାସିବା ଯୋଗୁଁ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି । ସେହି ରାସ୍ତାରେ ଆଜି ଗୋଟିଏ ବ୍ୟାଟେରୀ ଅଟୋ ଲେଉଟିପଡ଼ିବାରୁ ପାଞ୍ଚଜଣ ଯାତ୍ରୀ ଆହତ ହୋଇଥିଲେ । ସହର ବାସିନ୍ଦାମାନେ ବାଇକରେ ଯିବା ସମୟରେ ମଧ ସେହି ରାସ୍ତାରେ ପଡ଼ି ଆହତ ହୋଇଥିବା ଦେଖିବାକୁ ମିଳିଛି । ବିଶ୍ୱସ୍ତରୀୟ ସହର ପୁରୀରେ ଏଭଳି ନିମ୍ନମାନର କାର୍ଯ୍ୟକୁ ପର୍ଯ୍ୟଟକମାନେ ନାପସନ୍ଦ କରିଛନ୍ତି । ଏହି ରାସ୍ତାର ଦୂରାବସ୍ଥା ବର୍ଷବର୍ଷ ଧରି ଲାଗି ରହିଥିଲେ ମଧ ପୌରସଂସ୍ଥା ପକ୍ଷରୁ କୌଣସି କାର୍ଯ୍ୟ କରାଯାଉନଥିବା ଅଭିଯୋଗ କରିଛନ୍ତି । ସ୍ୱଚ୍ଛ ପୁରୀ ଗର୍ବ ଆମରି ନାରା ଦେଉଥିଲେ ମଧ ରାସ୍ତା ଉପରେ ନଳାପଂକ ଭାସୁଥିବାରୁ ଅନେକ ପର୍ଯ୍ୟଟକ ତୀର୍ଥଯାତ୍ରୀ ଏହି ପଂକ ପାଣି ଚକଟି ଲୋକନାଥଙ୍କ ମନ୍ଦିରକୁ ଯାଉଥିବା ଦେଖିବାକୁ ମିଳିଛି । ଆଗାମୀ ସାତ ଦିନ ଭିତରେ ଯଦି ଏହି ରାସ୍ତା ମରାମତି ନହୁଏ, ତେବେ ଆପ୍ ପକ୍ଷରୁ ଆନ୍ଦୋଳନର ରାସ୍ତା ଧରିବେ ବୋଲି ଚେତାବନୀ ଦେଇଛନ୍ତି । ଆପ୍ ପକ୍ଷରୁ ଜିଲ୍ଲା ଆବାହକ ସଂଜୀବ ମହାନ୍ତି, ସଂପାଦକ ସତ୍ୟଜିତ୍ ମହାନ୍ତି, ଜିଲ୍ଲା ଯୁବ ଆପ୍ ସଭାପତି ଅଂଶୁମାନ ଶତପଥୀ ଓ ସଂପାଦକ ସୁନୀଲ ଜେନା, ଯୁବ ସଂଗଠକ ସୁଧାଂଶୁଶେଖ, ରାଜେଶ ନନ୍ଦ, ମହିଳା ନେତ୍ରୀ ପାର୍ବତୀ ପ୍ରଧାନ, ଅନୀଲ କୁମାର ସେନାପତି, ପ୍ରକାଶ ପ୍ରଧାନ ଓ ତ୍ରିଲୋଚନ ଦାଶ ଉପସ୍ଥିତ ରହି ପୌରସଂସ୍ଥା ବିରୁଦ୍ଧରେ ନାରାବାଜି କରିଲେ ।

# କେନ୍ଦୁଝରରେ ପ୍ରବଳ ବର୍ଷାରେ କାନ୍ଥ ପଡି ସ୍ତ୍ରୀ ମୃତ-ସ୍ୱାମୀ ଗୁରୁତର

କେନ୍ଦୁଝର,୨୧/୦୬ (ନି.ପ୍ର): କେନ୍ଦୁଝର ଜିଲ୍ଲାରେ ଗତ ଦୁଇ ଦିନ ଧରି ଲଗାଣ ବର୍ଷା ଜିରି ରହିଥିବା କାରଣରୁ ଗ୍ରାମାଂଚଳ ଲୋକମାନେ ଅକଥନୀୟ ଦୁର୍ଦ୍ଦଷା ଭୋଗ କରୁଛନ୍ତି । ରାସ୍ତା ଘାଟରେ ବର୍ଷା ଜଳ ଲହଡି ଭାଙ୍ଗୁଥିବା କାରଣରୁ ଯାତାୟତ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି । ଏହା ମଧ୍ୟରେ କେନ୍ଦୁଝର ରେ ଏକ ଦୁଃଖଦ ଅଘଟଣ ଘଟିଯାଇଛି । ଏହି ଲଗାଣ ବର୍ଷା କାରଣରୁ ଜିଲ୍ଲାର ସଦର ବ୍ଲକ ଅନ୍ତର୍ଗତ ମହାଦେଇପୁର ପଂଚାୟତ ର ଟିକିଟପଡା ଗ୍ରାମର ବେହେରା ସାହୀରେ ଗତକାଲି ବିଳମ୍ବିତ ରାତ୍ରୀ ପ୍ରାୟ ତିନିଟା ସମୟରେ ପରିବାରର ସମସ୍ତେ ଶୋଇଥିବା ବେଳେ କୁଲ୍ଲିଆ ବେହେରାଙ୍କର ଘରର ମାଟି କାନ୍ଥ ହଠାତ୍ ଖସି ପଡିଥିଲା । ଫଳରେ ଘରେ ଶୋଇଥିବା କୁଲିଆଙ୍କ ୭୦ ବର୍ଷ ବୟସ୍କ ସ୍ତ୍ରୀ ଦୂତିକା ବେହେରା ଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ୭୫ ବର୍ଷିୟ କୁଲ୍ଲିଆ ବେହେରା ଗୁରୁତର ହୋଇଛନ୍ତି । ପରିବାର ଲୋକେ ତୁରନ୍ତ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରିଥିବା ବେଳେ ତାଙ୍କର ଚିକିତ୍ସା ଚାଲିଛି । ଏହି ଘଟଣା ସମଗ୍ର ଟିକିରପଡା ଗ୍ରାମରେ ଶୋକର ଛାୟା ଖେଳାଇ ଦେଇଥିବା ବେଳେ ତୁରନ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀମାନେ ଦାବୀ କରିଛନ୍ତି ।

ଦେଶ ସ୍ୱାଧୀନ ହେବାର ଦୀର୍ଘ ୭୫ ବର୍ଷ ପରେ ମଧ୍ୟ ଆଜି ବି ଦେଶର ଲୋକମାନେ କୁଡିଆ ମାଟିଘରେ ଅତି ଦୟନୀୟ ଭାବେ ବଂଚିବା ପାଇଁ ସଂଗ୍ରାମ କରୁଥିବା ବେଳେ ଏଭଳି ଅସହାୟ ଭାବେ ମୃତ୍ୟୁ କୁ ଆଦରି ନେଉଛନ୍ତି । ଏଭଳି ହଜାର ହଜାର ପରିବାର ଅସହାୟ ଭାବେ ରହୁଥିବା ବେଳେ ସେମାନଙ୍କ ପାଇଁ ପକ୍କାଘର ବ୍ୟବସ୍ଥା ହୋଇପାରୁ ନାହିଁ । ରାଜ୍ୟ ସରକାରଙ୍କର ସମସ୍ତ ଙ୍କ ପାଇଁ ପକ୍କା ଘର ଯୋଜନା ରେ କେନ୍ଦୁଝର ଜିଲ୍ଲାରେ ହଜାର ହଜାର ହିତାଧିକାରୀ ବଂଚିତ ହୋଇଛନ୍ତି । ଜିଲାର ଅନେକ ବ୍ଲକରେ ବାସ୍ତବ ହିତାଧିକାରୀ ପକ୍କାଘର ପାଉ ନଥିବା ବେଳେ ଥିଲାବାଲା ହିଁ ଏଥିରୁ ଉପକୃତ ହୋଇଛନ୍ତି । ହିତାଧିକାରୀ ଚୟନରେ ନୀରପେକ୍ଷତା ରହୁନଥିବା ଏବଂ ଅନେକ କ୍ଷେତ୍ରରେ ଗରୀବ ହିତାଧିକାରୀଙ୍କ ଠାରୁ ଅର୍ଥ ଦାବୀ କରାଯାଉଥିବା ଏପରିକି କେତେକ କ୍ଷେତ୍ରରେ ଦଳୀୟ ଭିତିରେ ହିତାଧିକାରୀ ଚୟନ କରାଯାଉଥିବା ଆଦି କାରଣରୁ ସରକାରଙ୍କର ପକ୍କା ଘର ଯୋଜନା ସଫଳ ହେବାରେ ବାଧକ ସୃଷ୍ଟି ହୋଇଛି । ଯେଉଁଥିପାଇଁ ଆଜି ବି ହଜାର ହଜାର ଗରୀବ ହିତାଧିକାରୀ ଏହି ଯୋଜନାରୁ ବଂଚିତ ହୋଇ ସେହି ଝାଟି ମାଟି କୁଡିା ଘରେ ଜୀବନ ବିତାଇବାକୁ ବାଧ୍ୟ ହେଉଛନ୍ତି । ଯେଉଁଦିନ ସରକାର ଏହି ବାସ୍ତବ ସତ୍ୟକୁ ହୃଦୟଙ୍ଗମ କରିବେ ହୁଏତ ସେହିଦିନ ହିଁ ଗରୀବ ହିତାଧିକାରୀଙ୍କ ଭଗ୍ୟ ପରିବର୍ତନ ହୋଇପାରିବ । ଯଦିଓ ଏହି ହିଁ ନିରାଟ ସତ୍ୟ । ତେବେ କେବେ ସେହି ଦିନ ଆସିବ ତାର ଉତର ଦେବ କିଏ ତାହା ହିଁ ବର୍ତମାନ ବଡ ପ୍ରଶ୍ନ ।

## ୫-ଟି (ପଞ୍ଚସୂତ୍ରୀ ଯୋଜନା)

(ପୃଷ୍ଠା-୪ର ଅବଶିଷ୍ଟାଂଶ) ଶିକ୍ଷା ବିଭାଗ ରାଜ୍ୟର ସବୁଠାରୁ ବଡ଼ ବିଭାଗ ହେତୁ ତାହାର କର୍ମଚାରୀଙ୍କ ସଂଖ୍ୟା ସବୁଠାରୁ ଅଧିକ । ତାହାପ୍ରତି ତୀକ୍ଷ୍ଣ ନଜର ରଖାଯିବା ସର୍ବାଦୌ ବିଧେୟ। ଶିକ୍ଷା ବିଭାଗ ରାଷ୍ଟ୍ର ଗଠନର ମୂଳଦୁଆ। ରାଜ୍ୟ ସରକାର ଏହି ବିଭାଗର ସଂସ୍କାରକୁ ପ୍ରାଧାନ୍ୟତା ଦେଲେ ରାଷ୍ଟ୍ରର ଉନ୍ନତି ସାଧିତ ହୋଇ ପାରିବ । ତେଣୁ ରାଜ୍ୟ ସରକାର ସମ୍ପୃକ୍ତ ବିଭାଗୀୟ କର୍ମଚାରୀଙ୍କ କାର୍ଯ୍ୟ କଳାପର ବ୍ୟବଚ୍ଛେଦ କରିବା ତଥା ସମ୍ପୂର୍ଣ୍ଣ ଓଲଟ ପଲଟ କରି ଗୋଟିଏ ସ୍ଥାନରେ ୬ ବର୍ଷରୁ ଅଧିକ ରହିଥିବା ସମସ୍ତ କର୍ମଚାରୀଙ୍କୁ ନିଶ୍ଚିତ ବଦଳି କରି ଏହି ବିଭାଗର ସ୍ୱଚ୍ଛତା ବୃଦ୍ଧି କରିବା ଦିଗରେ ଯଥା ସାଧ କ୍ଷିପ୍ର ପ୍ରଚେଷ୍ଟା କରିବା ପାଇଁ ଅନୁରୋଧ କରାଯାଉଅଛି। ଶିକ୍ଷକ ତଥା କର୍ମଚାରୀଙ୍କ ଦୀର୍ଘ ବର୍ଷ ଧରି ଗୋଟିଏ ସ୍ଥାନରେ ରହି ଚେର ଲମ୍ବାଇ ଅନୁଷ୍ଠାନ ପ୍ରତି ବୈମାତୃକ ମନୋଭାବ ତଥା ବେପରୁଆ କାର୍ଯ୍ୟ କଳାପ ହେତୁ ଆଜି ସମୟରେ ଏହି ବିଭାଗର ଅନିୟମିତତା ତଥା କଳୁଷିତ କାର୍ଯ୍ୟକଳାପର ସୀମା ନାହିଁ, କାରଣ କୌଣସି ସରକାରୀ କାର୍ଯ୍ୟାନୁଷ୍ଠାନ ନାହିଁ କି ବଦଳି ନାହିଁ । ତେଣୁ ବିଭାଗର ସମସ୍ତ ଶିକ୍ଷକ କର୍ମଚାରୀଙ୍କୁ ଗୋଟିଏ ଜାଲରେ ଛନ୍ଦି କୌଣସି ପକ୍ଷ ପ୍ରତ୍ୟାଖ୍ୟାନ କରି ନିଶ୍ଚିତ ବଦଳି କରାଗଲେ କିଛି ଆଖି ଦୃଷ୍ଟିଆ ପରିବର୍ତ୍ତନ ହେଇପାରେ ବୋଲି ଆଶା କରାଯାଉଅଛି । କନିଷ୍ଠ ଶିକ୍ଷକ/ଶିକ୍ଷୟତ୍ରୀ ମାନଙ୍କୁ ମଧ୍ୟ ରାଜ୍ୟସ୍ତରୀୟ ବଦଳି କରାଯିବା ବେଳେ ଅନ୍ୟାନ୍ୟ କର୍ମଚାରୀଙ୍କୁ ଜିଲ୍ଲା ସ୍ତରୀୟ ବଦଳି କରାଯିବା ବିଧେୟ । ତେଣୁ ରାଜ୍ୟ ସରକାର ତଥା ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ୫-ଟି ବିଭାଗ ଏଥିପ୍ରତି ନିଶ୍ଚିତ ଦୃଷ୍ଟି ଦେଇ କିଛି ପରିବର୍ତ୍ତନ କଲେ ଆମର ବିଦ୍ୟାଳୟ Transformation ସଫଳ ରୂପାୟନ ହୋଇ ପାରିବ ବୋଲି ଆଶା କରାଯାଉ ଅଛି । ଏହି ସମ୍ବନ୍ଧରେ ରାଜ୍ୟବାସୀଙ୍କ ଠାରୁ ମଧ୍ୟ ଅଧିକରୁ ଅଧିକ ମତାମତ ରାଜ୍ୟ ସରକାରଙ୍କୁ ପ୍ରଦାନ ପୂର୍ବକ ସରକାରୀ କାର୍ଯ୍ୟାନୁଷ୍ଠାନରେ ସହଯୋଗ କରାଯିବା ନିତାନ୍ତ ବିଧେୟ । ତେଣୁ ଜନ ସାଧାରଣ ଏହା ପ୍ରତି ତତ୍ପରତା ପ୍ରଦର୍ଶନ କରନ୍ତୁ ବୋଲି ସମସ୍ତଙ୍କୁ ଆହ୍ୱାନ କରାଯାଉଅଛି । ନହେଲେ ଆମେ ଆଗକୁ ବଢିବା ଶୀଥିଳତା ଦେଖାଯିବା ସମ୍ଭାବନା ଯଥେଷ୍ଟ ବେଶୀ ବୋଲି ଆମ ବିରରେ ଆପଣଙ୍କ ମତ ପୋଷଣ କରିବେ ବୋଲି ଆଶା.....।

ସୋସିଆଲ ଫୋରମ (ଭାରତ) ଛତ୍ରପୁର, ଗଞ୍ଜାମ
ମୋ: ୯୪୩୭୭୩୨୪୯୧୭

## ଆସିଷ୍ଟାଂଟ ପ୍ରଫେସରଙ୍କୁ ଚପଲରେ ପିଟିଲେ ପତ୍ନୀ

ଗଞ୍ଜାମ, ୨୧/୦୮ (ନି.ପ୍ର): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗର ଆସିଷ୍ଟାଂଟ ପ୍ରଫେସରଙ୍କୁ ତାଙ୍କ ପତ୍ନୀ ଚପଲରେ ପିଟିଛନ୍ତି। ତାଙ୍କ ବିରୋଧରେ ଛାତ୍ରୀଙ୍କ ସହ ଅନୈତିକ ସମ୍ପର୍କ ରଖିବା ଅଭିଯୋଗ ଆସିବା ପରେ ପତ୍ନୀ ଆଜି ପୂର୍ବାହ୍ନରେ ପିଜି କାଉନସିଲ ମଧ୍ୟରେ ରହିଥିବା ପ୍ରଫେସରଙ୍କ ରୁମକୁ ଆସି ଚପଲରେ ପିଟିଛନ୍ତି । ଏହି ସମୟରେ ବିଶ୍ୱବିଦ୍ୟାଳୟର କେହି ବିଦ୍ୟାର୍ଥି ବା କର୍ମଚାରୀ ମୋବାଇଲରେ ଏହି ଦୃଶ୍ୟକୁ କଏଦ୍ କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇ....

ଏହା ପୂର୍ବରୁ ନିର୍ବାଚନ ଆୟୋଗଙ୍କ ନିକଟକରେ ହେମନ୍ତ ସୋରେନଙ୍କ ବିରୋଧରେ ହୋଇଥିବା ଅଭିଯୋଗର ଶୁଣାଣି ଚଳିତମାସ ୧୨ ତାରିଖରେ ହୋଇଥିଲା । ଏହି କ୍ରମରେ ନିର୍ବାଚନ କମିଶନର ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ଓକିଲଙ୍କ ଠାରୁ ଏକ ଲିଖିତ ଦାଖଲ ଲୋଡାଯାଇଥିଲା । ବରିଷ୍ଠ ଓକିଲ ମିନାକ୍ଷୀ ଆରୋରାଙ୍କ ତରଫରୁ ନିର୍ବାଚନ ଆୟୋଗଙ୍କ ସମ୍ମୁଖରେ ଦୁଇଘଣ୍ଟା ଧରି ହେମନ୍ତ ସୋରେନଙ୍କ ସପକ୍ଷରେ ନିର୍ବାଚନ ଆୟୋଗଙ୍କ ନିକଟରେ ଯୁକ୍ତି ବାଢିଥିଲେ । ସେ କହିଥିଲେ ଯେ, ରାଞ୍ଚିର ଆନାଗାଡାରେ ହେମନ୍ତ ସୋରେନଙ୍କ ନାମରେ ଆବଣ୍ଟିତ ପଥର ଖଣି ମାମଲା ଜନପ୍ରତିନିଧି ଆଇନ ୧୯୫୧ ର (୯ଏ) ଅଧିନରେ ଆସେନାହିଁ । ଅନ୍ୟପଟେ ହେମନ୍ତ ସୋରେନଙ୍କ ଭାଇ ଏବଂ ଦୁମକା ବିଧାୟକ ବସନ୍ତ ସୋରେନଙ୍କ ଜେଏମଏମ ବିଧାୟକଙ୍କ ସହ ଜଡିତ ମାମଲା ମଧ୍ୟ ନିର୍ବାଚନ ଆୟୋଗଙ୍କ ସମ୍ମୁଖରେ ରହିଛି ।

### ସୁବର୍ଣ୍ଣରେଖାରେ ଆସୁଛି....

ଗୋସମ୍ପଦର ସୁରକ୍ଷା ପାଇଁ ବନ୍ୟାଂଚଳରେ ୧୯୩ ଟି ଭେଟେନାରୀ ଟିମ୍ ନିୟୋଜିତ ହୋଇଛି । ୪୦୭ଟି କ୍ୟାମ୍ପ ଆୟୋଜିତ ହୋଇଥିବା ବେଳେ ଏଥିରେ ୧୮ ହଜାରରରୁ ଉର୍ଦ୍ଧ୍ୱ ପଶୁଙ୍କୁ ଚିକିତ୍ସା କରାଯାଇଅଛି । ୧୦ ଟି ଜିଲ୍ଲାକୁ ୮୬୪.୦୬ ମେଟ୍ରିକ୍ ଟନ୍ ଗୋଖାଦ୍ୟ ଯୋଗାଇ ଦିଆଯାଇଅଛି । ବନ୍ୟାଂଚଳରେ ପଂଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ୨ ଲକ୍ଷ ୯୩ ହଜାର ୨୦୦ ପାଣି ବୋତଲ ଓ ୧୨ ଲକ୍ଷ ୨୯ ହଜାର ପାଣି ପାଉଚ୍ ବଂଟାଯାଇଛି । ଏହା ସହ ୨୦୩ ଟି ଭ୍ରାମ୍ୟମାଣ ପାଣି ଟ୍ୟାଙ୍କର ଯୋଗାଇ ଦିଆଯାଇଛି । ବନ୍ୟାଂଚଳରେ ୧୪ ଟି ଜିଲ୍ଲାରେ ୧୬ ଟି ଏନଡିଆରଏଫ୍, ୧୭ ଟି ଓଡ୍ରାଫ୍, ୫୫ ଟି ଅତିରିକ୍ତ ଫାୟର ସର୍ଭିସ୍ ଟିମ୍ ମୃତୟନ କରାଯାଇଛି ।

### ଓଡିଶା ଉପରେ....

ଆସିଥିଲେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲ । ଏବେ କିନ୍ତୁ ସମାନ ଦୁର୍ନୀତି ମାମଲାରେ ସେ ଛନ୍ଦି ହୋଇଯାଇଛନ୍ତି । ରାଜନୈତିକ ଆକ୍ରୋଶରୁ ସିବିଆଇ ରେଡ୍ ହେଉଛି ବୋଲି ଦଳ କହିଛି । କିନ୍ତୁ ଅବକାରୀ ନୀତି କେଉଁ କାରଣରୁ ହଠାତ୍ ପ୍ରତ୍ୟାହାର କଲେ ତାହା ଅନେକ ପ୍ରଶ୍ନକୁ ଉଜାଗର କରିଛି । ଯାହାକୁ ନେଇ ପ୍ରଶ୍ନ ଉଠାଇଛି ରାଜ୍ୟ ବିଜେପି । ସେହିପରି କଂଗ୍ରେସ ବିଧାୟକ ଉଭୟ ଆମ୍ ଆଦମୀ ପାର୍ଟି ଓ ବିଜେପିକୁ କଡା ସମାଲୋଚନା କରିଛନ୍ତି । ସାଧାରଣ ନିର୍ବାଚନକୁ ଯଥେଷ୍ଟ ସମୟ ରହିଛି । ଏହା ପୂର୍ବରୁ କିନ୍ତୁ ଆପ୍ କେଜ୍ରିଓ୍ୱାଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଳ୍ପ ବୋଲି କହିଛି । ଯଦିଓ ଗୋଆ, ୟୁପିରେ ଦଳ ନିର୍ବାଚନରେ ମାଟି କାମୁଡିଛି । ହେଲେ ସାଧାରଣ ନିର୍ବାଚନରେ ଦଳ ଭଲ ପ୍ରଦର୍ଶନ କରିବ ବୋଲି ବିଶ୍ୱାସ ରଖିଛି ।

### ୨୩ରୁ ୩ ଦିନ ରାଜ୍ୟରେ....

ଏହି ଜିଲ୍ଲାଗୁଡ଼ିକ ହେଲା ଗଜପତି, ଗଞ୍ଜାମ, ଢେଙ୍କାନାଳ, ଅନୁଗୁଳ, କନ୍ଧମାଳ, ବୌଦ୍ଧ, ସୋନପୁର, ବଲାଙ୍ଗିର, କଳାହାଣ୍ଡି, ରାୟଗଡ଼ା, କରୋପୁଟ, ନୂଆପଡ଼ା, ନବରଙ୍ଗପୁର, ମାଲକାନଗିରି। ଏ ସମସ୍ତ ଜିଲ୍ଲାଗୁଡ଼ିକ ନିମନ୍ତେ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

## ମୁଲଣାନଗରରେ ରକ୍ତଦାନ ଶିବିର

ବାଲେଶ୍ୱର,୨୧/୦୮ (ନି.ପ୍ର): ବାବା ମଣ୍ଡଳେଶ୍ୱର ମନ୍ଦିର ଜୁନିୟର କମିଟି ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ମୁଲଣାନଗର ପ୍ରାଥମିକ ବିଦ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଡାକ୍ତର ମହେଶ ବିଶ୍ୱାଳ ଓ ସମାଜସେବୀ ଜନତ ହୋସେନ ଏହି ଶିବିରକୁ ଉଦଘାଟନ କରିଥିଲେ। ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହ ଶିବିର ଆୟୋଜକଙ୍କୁ ସେମାନେ ଭୂୟସୀ ପ୍ରଶଂସା କରିଥିଲେ। ବାବା ମଣ୍ଡଳେଶ୍ୱର ମନ୍ଦିର ଜୁନିୟର କମିଟି ଭଳି ଅନୁଷ୍ଠାନଙ୍କ ସହଯୋଗରୁ ବାଲେଶ୍ୱରରେ ଆଜି ରକ୍ତର ଅଭାବ ପୂରଣ ହୋଇପାରିଛି ବୋଲି ସେମାନେ ମତ ପ୍ରକାଶ କରିଥିଲେ। କମିଟି ସଭାପତି ତାପସ କୁମାର ବେହେରା, ସୁରଜ କୁମାର ବେହେରା, ଅମିତ କୁମାର ବେହେରା, ପର୍ଶୁରାମ ବେହେରା, ରୋହିତ କୁମାର ବେହେରା, ଦେବବ୍ରତ ବେହେରା, ଆକାଶ କୁମାର ବେହେରା, ନଳିନୀକାନ୍ତ ପରିଡ଼ା ପ୍ରମୁଖ କମିଟିର କାର୍ଯ୍ୟକର୍ତ୍ତାମାନେ ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହ ଶିବିର ପରିଚାଳନା କରିଥିଲେ। ଆଖପାଖ ଅଞ୍ଚଳର ଯୁବକ ଯୁବତୀମାନେ ଏହି ଶିବିରରେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଶିବିର ଶେଷ ସୁଦ୍ଧା ୬୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।

## ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ଗୁରୁତ୍ୱପୂର୍ଣ୍ଣ ବୈଠକ

ଭଦ୍ରକ,୨୧/୦୮ (ନି.ପ୍ର): ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଭଦ୍ରକସ୍ଥ ବାଲଗୋପାଳ ମନ୍ଦିର ପରିସରରେ ସିମତିର ମୁଖ୍ୟ ପରିଚାଳକ ପଣ୍ଡିତ ଭାଗିରଥୀ ନନ୍ଦଶର୍ମାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସମିତିର ବିଭିନ୍ନ ପ୍ରସ୍ତାବ ଆଲୋଚନା କରାଯାଇ ସର୍ବ ସମ୍ମତ କ୍ରମେ ଗ୍ରହଣ କରାଯାଇଥିଲା। ପ୍ରଥମ ପ୍ରସ୍ତାବରେ ଓଡ଼ିଶାରେ ଦେଖା ଦେଇଥିବା ବନ୍ୟା ପ୍ରଭୃତି ପ୍ରାକୃତିକ ବିପର୍ଯ୍ୟୟକୁ ଦୂର କରିବା ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରାଯାଇଥିଲା। ପ୍ରଚାର ସମିତିର ବ୍ୟାପକ ପ୍ରଚାର ପ୍ରସାର ନିମନ୍ତେ ଭଦ୍ରକ ଜିଲ୍ଲାରେ ଥିବା ୭ଟି ବ୍ଲକ ସ୍ତରୀୟ ପ୍ରତିନିଧିଙ୍କୁ ନେଇ ଏକ ବ୍ଲକ ସ୍ତରୀୟ ପ୍ରଚାର ସମିତି ଗଠନ ପୂର୍ବକ ବିଭିନ୍ନ ଲୋକହିତକର



କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯିବାକୁ ସ୍ଥିର କରାଗଲା। ସମିତିର ଜନ୍ମ ଦିବସକୁ ନିରାଡମ୍ବର ଭାବରେ ପାଳନ କରାଯାଇ ଏହାର ବାର୍ଷିକ ଅଧିବେଶନ ଆସନ୍ତା ଓଡ଼ିଆ ନବବର୍ଷ ପଣା ସଂକ୍ରାନ୍ତିରେ ପାଳନ କରାଯିବାକୁ ସ୍ଥିର କରାଗଲା। ସମିତିର ବାର୍ଷିକ ମୁଖପତ୍ର 'ନୀଳକନ୍ଦର' ପ୍ରକାଶନ ନିମନ୍ତେ ଆପାତତଃ ଜାନୁଆରୀ ପହିଲା ପରିବର୍ତ୍ତେ ଓଡ଼ିଆ ନବ ବର୍ଷକୁ ଧାର୍ଯ୍ୟ କରାଗଲା। ଗତ ୨ ବର୍ଷ ଧରି କୋଭିଡ୍ ଯୋଗୁ କାଳୀପୂଜାରେ ଅନୁଷ୍ଠିତ ହୋଇ ଆସୁଥିବା 'ମହା ସଂସ୍କୃତି ଜାଗରଣ ଯାତ୍ରା' ବନ୍ଦ ରହିଥିଲା। ଚଳିତ ବର୍ଷ ଏହା ପୁଣି ମହା ସମାରୋହରେ ପାଳନ କରାଯିବାକୁ ସ୍ଥିର କରାଗଲା। ଏହି ଅଧିବେଶନରେ ମୁଖ୍ୟ ଆବହାକ ସେବକ ଶରତ କୁମାର ସାହୁ, ସନେଇ ଶିଅଳ, ବିଷ୍ଣୁ ମୋହନ ପଣ୍ଡା, ବାବୁଲାଲ ଦାସ, ଡ. ପ୍ରତାପ କୁମାର ପଣ୍ଡା, କାହ୍ନୁଚରଣ ଦାସ, ଲକ୍ଷ୍ମୀଧର ଖଟୁଆ, ନାରାୟଣ ଚନ୍ଦ୍ର ପ୍ରଧାନ, ପ୍ରଶାନ୍ତ କୁମାର ଦେ, ପିତାମ୍ବର ପଣ୍ଡା ପ୍ରମୁଖ ବହୁ ସେବକ ଯୋଗଦାନ କରି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବୈଠକ ପ୍ରାରମ୍ଭରେ ମୁଖ୍ୟ ଆବାହକ ଶ୍ରୀଜଗନ୍ନାଥଙ୍କ ସ୍ତୁତି ପାଠ ପୂର୍ବକ ବିବରଣୀ ଉପସ୍ଥାପନ କରିଥିଲେ।

## ଶ୍ୱେତଗଙ୍ଗା ପୁଷ୍କରିଣୀରେ ବୁଡି ଯୁବକ ମୃତ

ପୁରୀ, ୨୧/୦୮ (ନି.ପ୍ର): ଶ୍ରୀକ୍ଷେତ୍ର ପଂଚତୀର୍ଥ ମଧ୍ୟରୁ ଅନ୍ୟତମ ଶ୍ୱେତଗଙ୍ଗାପୁଷ୍କରିଣୀରେ ଆଜି ସକାଳେ ଜଣେ ଯୁବକ ଗାଧୋଉଥିବା ବେଳେ ପାଣିରେ ବୁଡି ଯାଇଥିଲେ । ତାଙ୍କୁ ସ୍ଥାନୀୟ ଯୁବକ ଓ ଅଗ୍ନିଶମ ବାହିନୀ ସହାୟତାରେ ଉଦ୍ଧାର କରାଯାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଯୁବକ ଜଣକ ନିକଟସ୍ଥ କାଳିକାଦେବୀ ସାହିର ଦେବଦତ ସାମନ୍ତରାୟ (୧୮) ବୋଲି ଜଣାପଡିଛି । ଟାଉନ୍ ଥାନା ପୋଲିସ ମୃତକଙ୍କ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା । ଶବ ବ୍ୟବଚ୍ଛେଦ ପରେ ମୃତକଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ପୋଲିସ ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ।

## ଜଳକା ସାମାନ୍ୟ କମୁଛି ସୁବର୍ଣ୍ଣରେଖା ଦ୍ରୁତଗତିରେ ବଢୁଛି

ବସ୍ତା, ୨୧/୦୮ (ନି.ପ୍ର): ବସ୍ତା ଦୁଖ କୁହାଯାଉଥିବା ଜଳକା ନଦୀ ର ବିପଦ ସଂକେତ ୫.୫୦ ଥିବା ସ୍ଥଳେ ଆଜି ରାତି ଆଠଟା ବେଳକୁ ୬.୬୮ ଜଳ ପ୍ରଭାହିତ ହେଉଛି ସାମାନ୍ୟ ଟିକେ କମୁଛି ସେହିପରି ସୁବର୍ଣ୍ଣରେଖା ନଦୀ ର ବିପଦ ସଂକେତ ୧୦.୩୬ବେଳେ ରାତିଆଠଟାସୁଧା ୧୧.୧୮ ରେ ପ୍ରଭାହିତ ହେଉଛି ଏହାବହୁମାତ୍ରା ବଢିବାରେ ଲାଗିଛି ଉପରମୁଣ୍ଡା ବର୍ଷାପାଣି ବର୍ତ୍ତମାନ ସୁଧା ଅଳ୍ପ ଆକାରରେ ଆସୁଛି ସବୁଠାରୁ ବିପଦ ସମୟ ହେଲା ରାତି ୧୨ଟା ସମୟ



ତଥାପି ବିଷେଶକରି ନଦୀର ତଳମୁଣ୍ଡ ବାଲିଆପାଳ ବହୁଅଞ୍ଚଳ ପାଣିମାଡିବାରେ ଲାଗିଲାଣି ତାହାସହିତ ବସ୍ତା ଅଞ୍ଚଳ ପାଇଁ ବିପଦ ସୃଷ୍ଟି କରିପାରେ ବୋଲି ଲୋକେ କହିଲେଣି ଭୟଭିତ ଅବସ୍ଥାରେ ରହିଛନ୍ତି ତେବେ ପ୍ରଶାସନ ସଜାଗ ଅଛିନ୍ତି ବୋଲି କୁହାଯାଉଛି ।

## ସିପିଏ ଜିଲ୍ଲା ସମ୍ପାଦକଙ୍କ ମାତୃ ବିୟୋଗ



ବାଲେଶ୍ୱର,୨୧/୦୮ (ନି.ପ୍ର): ସିପିଏମ ବାଲେଶ୍ୱର ଜିଲା ସମ୍ପାଦକ ଶିଶିର ହୁଇଙ୍କ ମାଆ ତଥା ବିଶିଷ୍ଟ ନାରୀ ନେତ୍ରୀ ସାମାଜିକ କର୍ମୀ ତାପସୀ ପ୍ରହାରାଜଙ୍କ ଶାଶୂ ଗିରିବାଳା ହୁଇ(୮୮)ଙ୍କର ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଶନିବାର ସକାଳ ପ୍ରା ୫ଟା ୩୦ ମିନିଟ ସମୟରେ ପରଲୋକ ହୋଇଯାଇଛି। ମୃତ୍ୟୁ ଖବର ପାଇ କଟକ ମେୟର ସୁବାସ ସିଂହ, ବରିଷ୍ଠ ସିପିଏମ ନେତା ଜଗନ୍ନାଥ ମିଶ୍ର, ସନ୍ତୋଷ ଦାସ ଏବଂ ସୁରେଶ ପାଣିଗ୍ରାହୀଙ୍କ ସମେତ ଅନେକ ସମାଜ ସେବୀ, ଶିକ୍ଷକ ନେତା ସୁରେନ୍ଦ୍ରନାଥ ଜେନା ପ୍ରମୁଖ ଶେଷ ଦର୍ଶନ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଜଣେ ଦରଦୀ, ପରୋପକାରୀ ମହିଳା ଭାବେ ତାଙ୍କର ପ୍ରେରଣା ଓ ପ୍ରୋତ୍ସାହନ ପାଇ ପୁଅ ଶ୍ରୀ ହୁଇ ଏବଂ ବୋହୂ ଶ୍ରୀମତୀ ପ୍ରହରାଜ ରାଜ୍ୟରେ ବାମପନ୍ଥୀ ଆନ୍ଦୋଳନକୁ ଆଗେଇ ନେବାରେ ସହାୟକ ହୋଇ ପାରିଛନ୍ତି। ଏଭଳି ଜଣେ ମାଙ୍କର ମୃତ୍ୟୁରେ ସିପିଆଇ (ଏମ ) ବାଲେଶ୍ୱର ଜିଲ୍ଲା କମିଟି ଶୋକ ପ୍ରକାଶ କରିବା ସହିତ ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛି।

## ସ୍ୱାଧୀନତା ଦିବସ ଉପଲକ୍ଷେ ରକ୍ତଦାନ ଶିବିର

ବାଲେଶ୍ୱର, ୨୧/୦୮ (ନି.ପ୍ର): ନେହେରୁ ଯୁବ କେନ୍ଦ୍ର (ଯୁବ ଓ କ୍ରୀଡ଼ା ମନ୍ତ୍ରାଳୟ ଭାରତ ସରକାରଙ୍କ) ଓ ଉତ୍ କଳା କଲ୍ଚରାଲ ଏକାଡେମୀ ଆନୁକୂଲ୍ୟରେ ସ୍ୱାଧୀନତା ଦିବସ ଉପୋଲୋଖେ ମେଗା ରକ୍ତ ଦାନ ଶିବିର ଜିଲ୍ଲା ରକ୍ତ ଭଣ୍ଡାର ବାଲେଶ୍ୱର ଠାରେ ଆୟୋଜିତ ହୋଇ ଯାଇଅଛି । ଏଥିରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ନିଲୁ ମହାପାତ୍ର ଫିତା କାଟି ଉଦ୍ଘାଟନ କରି ଥିବା ବେଳେ, ଅନ୍ୟତମ ଅତିଥି ଭାବେ ଜିଲ୍ଲା ଲୋକ ସମ୍ପର୍କ ଅଧିକାରୀ ଦୀପକ୍ କୁମାର ସାହୁ, ବାଲେଶ୍ୱର ଜିଲ୍ଲାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ(CDMO) ଡାକ୍ତର ଦୁଲାଲ ଜଗଦେବ, ନ୍ୟାସନାଲ ହେଲଥ୍ ମିଶନର ଜିଲ୍ଲା ପ୍ରୋଗ୍ରାମ ଅଫିସର (DPM) ଶ୍ରୀଯୁକ୍ତ ଅନିଲ କୁମାର ମହାନ୍ତି, ବ୍ଲଡ ବ୍ୟାଙ୍କ



ଅଧିକାରୀ ଶ୍ରୀଯୁକ୍ତ ଉପାଧ୍ୟାୟ ସାର ମୋହଦୟ , ବ୍ଲଡ ବ୍ୟାଙ୍କ ମେମ୍ବର ତଥା ସମାଜ ସେବୀ ସେକ୍ ଜନତ୍ ହୁସେନ୍, ନେହେରୁ ଯୁବ କେନ୍ଦ୍ର ର ଯୁବ ଅଧିକାରୀ ରମେଶ ଆର୍ କପୁର୍ ଉପସ୍ଥିତ ରହି ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ସମସ୍ତଙ୍କୁ ଶୁଭ ଅଭିନନ୍ଦନ ଜଣାଇଥିଲେ ପରି ଶେଷରେ ଉତ୍କଳା କଲ୍ଚରାଲ ଏକାଡେମୀ ଅଧକ୍ଷ ତଥା ନେହେରୁ ଯୁବ କେନ୍ଦ୍ର ପୂର୍ବତନ ସ୍ୱେଚ୍ଛାସେବୀ ବିକ୍ରମ ବାରିକ୍ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ , ଏହି କାର୍ଯ୍ୟକ୍ରମ ରେ ନେହେରୁ ଯୁବ କେନ୍ଦ୍ର ରେମୁଣା ବ୍ଲକ ର ସ୍ୱେଚ୍ଛାସେବୀ ସମୀତା ଦାସ ଓ ବାହାନଗା ବ୍ଲକ ସ୍ୱେଚ୍ଛାସବୀ ଅମରେଶ ବିଶ୍ୱାଳ ଓ ଉତ୍ କଳା କଲ୍ଚରାଲ ଏକାଡେମୀ ସଦସ୍ୟ ସଦସ୍ୟା ଉପୋସ୍ଥିତ ଥିଲେ ।

## ରାଜଧାନୀରେ ୪୫ କରୋନା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର,୨୧/୦୮ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଂଚଳରୁ ଶନିବାର ମୋଟ ୪୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ହୋଇଥିବା ବିଏମ୍‌ସି ପକ୍ଷରୁ ଟୁଇଟ୍ କରି କୁହାଯାଇଛି। ଅପରପକ୍ଷରେ ୨୪ ଘଂଟାରେ ଆଉ ୩୫ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଭୁବନେଶ୍ୱରରେ ଏବେ ସୁଦ୍ଧା ୧ ଲକ୍ଷ ୬୪ ହଜାର ୬୩୦ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରୁ ୧ ଲକ୍ଷ ୬୨ ହଜାର ୩୪୮ ଜଣ ସୁସ୍ଥ ହୋଇଛନ୍ତି। ମୋଟ ୧୧୯୭ ଜଣ କୋଭିଡ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିଲା ବେଳେ ୧୦୬୪ ଜଣ ସକ୍ରିୟ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି। ଗତକାଲି ଭୁବନେଶ୍ୱରରେ ୪୪ ପଜିଟିଭ୍ ଚିହ୍ନଟ ହୋଇଥିଲେ ।

## ଛିଡ଼ା ହୋଇଥିବା ଟ୍ରଲରକୁ ଧକ୍କା ଦେଲା ସିମେଣ୍ଟ ବୋଝେଇ ଟ୍ରକ : ଡ୍ରାଇଭର ଗୁରୁତର ଅଳ୍ପକେ ବର୍ତ୍ତିଲା ହେଲପର

ବସ୍ତା, ୨୧/୦୮ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ କୁଳିଦା ପଞ୍ଚାୟତର ୬୦ ନମ୍ବର ଜାତୀୟ ରାଜପଥରେ ବାଘବଜାର ଠାରେ ମର୍ମାନ୍ତୁକ ସଡ଼କ ଦୁର୍ଘଟଣାରେ ଡ୍ରାଇଭର ଗୁରୁତର ।ସୂଚନା ଥାଉକି ଯେ, ଶନିବାର ଭୋର ୪.୩୦ ମିନିଟ ସମୟରେ ଏକ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଛିଡ଼ା ହୋଇଥିବା ଏକ ଟ୍ରଲର ନମ୍ବର ଓଡି ୦୪ ଆର ୯୮୯୮ କୁ ବାଲେଶ୍ୱରରୁ ଜଳେଶ୍ୱର ଆଡ଼କୁ ଏକ ସିମେଣ୍ଟ ବୋଝେଇ ଟ୍ରକ ନଂ ଓଡ଼ି ୦୨ ବିସି ୮୨୨୬ ଯାଉଥିବା ସମୟରେ ଛିଡ଼ା ହୋଇଥିବା ଟ୍ରଲାର ପଛଆଡୁ ଧାକ୍କା ଦେବା ଫଳରେ ଟ୍ରକ ଡ୍ରାଇଭର ଷ୍ଟରିଙ୍ଗରେ ଚାପିଯାଇ ଗୁରୁତର ଅବସ୍ଥାରେ ଥିବା ବେଳେ ଅଳ୍ପକେ ବର୍ତ୍ତି ଯାଇଥିଲେ ହେଲପର ।ଦୁର୍ଘଟଣା



ଖବର ପାଇ ବସ୍ତା ଆଇ.ଆଇ.ସି ବାରିଣି ଦାସ, ଜାତୀୟ ରାଜପଥ ପେଟ୍ରଲିଙ୍ଗ ଏସ.ଡି.ଓ (ଏସ ଆଇ) ସୁବଧ କୁମାର ଗିରି, ଅମର୍ଦାରୋଡ ଏ.ଏସ.ଆଇ ବିକାଶ ଚନ୍ଦ୍ର ସେଠୀ ଓ ବସ୍ତା ଅଗ୍ନିଶମ ବିଭାଗ ସଦଳବଳେ ଘାଟଣା ସ୍ଥଳରେ ପହଞ୍ଚି ଟ୍ରକରେ ଷ୍ଟେରିଙ୍ଗରେ ଫସି ଯାଇଥିବା ଡ୍ରାଇଭରକୁ ପ୍ରାଏ ଅଢେଇ ଘଣ୍ଟା ପରେ ଉଦ୍ଧାର କରିବା ପରେ ଏନ.ଏଚ.ଆଇ ଆମ୍ବୁଲାନ୍ସ ଯୋଗେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ନିମନ୍ତେ ପଠାଇଥିଲେ । ତେବେ ଆହତ ଡ୍ରାଇଭର ଜଣକ ହେଲେ କଟକ ଜିଲ୍ଲା ବାଦାମବାଡି ଥାନା କାଳିଦିବଡି ଅଞ୍ଚଳର ଅତୁଲ ନାୟକଙ୍କ ପୁଅ ନରୋତ୍ତମ ନାୟକ(୨୭)ବୋଲି ଜଣା ପଡିଛି ।ପୋଲିସ ଗାଡି ଜବତ କରିବା ସହ ତଦନ୍ତ ଜାରି ରଖିଥିବା ଜଣାପଡିଛି।

## ସମାଜସେବୀ ଡ.ଝାନସୀ ସିଂହ ପାଇଲେ 'ନୀଳିମାରାଣୀ ସମାଜ ସେବା ସମ୍ମାନ'

ଭୁବନେଶ୍ୱର, ୨୧/୦୮ (ନି.ପ୍ର) ସମାଜ ସେବା ଓ ସମାଜ ସଂସ୍କାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରାଧ୍ୟାପିକା ଡ. ଝାନସୀ ସିଂହ- ୨୦୨୨ ବର୍ଷ ପାଇଁ 'ନୀଳିମାରାଣୀ ସମାଜ ସେବା ସମ୍ମାନ' ପ୍ରଦାନ ଆଜି ଭାରତବର୍ଷର ସବୁଠୁ ଶ୍ରେଷ୍ଠ ଆଦର୍ଶ ଗ୍ରାମ କଲରାବାଙ୍କ ଠାରେ ଏକ ବର୍ଣ୍ଣାଢ଼୍ୟ ଉତ୍ସବ ରେ ଏହି ସମ୍ମାନ ପ୍ରଦାନକରାଯାଇଛି । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ସଂଯୋଜକ ଭାବେ ବହୁ ଫୁଲବାଣୀ, କନ୍ଧମାଳ, ଗଞ୍ଜାମ, କୋରାପୁଟ, ନବରଙ୍ଗପୁର, ମାଲକାନଗିରି, ଜୟପୁର ଇତ୍ୟାଦି ବହୁ ଅପହଞ୍ଚ ଅଞ୍ଚଳରେ ସମାଜ ସେବା କରି ଖୁବ୍ ପ୍ରଶଂସା ଭାଜନ ହୋଇଥିବା ଏହି ଅଗ୍ନିକନ୍ୟା ଓଡ଼ିଶାର ମହାମହିମ ରାଜ୍ୟପାଳଙ୍କ ଠାରୁ ପ୍ରସଂଶା ପତ୍ର ପାଇଥିଲେ। ୨୦୦୧-୦୨ ବର୍ଷ ପାଇଁ ଡ.ସିଂହ ନୂଆ ଦିଲ୍ଲୀରେ ଇନ୍ଦିରା ଗାନ୍ଧୀ ଜାତୀୟ ସେବା ଯୋଜନା ପୁରସ୍କାର ପ୍ରାପ୍ତ ହେବା ସହ କନ୍ଧମାଳରେ ସାଂପ୍ରଦାୟିକ ସଦ୍ଭାବ ନିମନ୍ତେ ପ୍ରସଂଶନୀୟ କାର୍ଯ୍ୟ କରି ନୂଆ ଦିଲ୍ଲୀଠାରେ ଜାତୀୟ ଯୁବ ପ୍ରକଳ୍ପ ପକ୍ଷରୁ ସମ୍ମାନିତ ହୋଇଛନ୍ତି । ସେ ଦେଶର ବହୁ



ସ୍ଥାନରେ ସେବା ମୂଳକ କାର୍ଯ୍ୟକରି ବହୁ ସମ୍ମାନ ଓ ପୁରସ୍କାରରେ ମଣ୍ଡିତ ହୋଇଛନ୍ତି । ସୁନାମଧନ୍ୟ ଶିକ୍ଷାବିତ୍ ଓ ସାଂସଦ ଅଚ୍ୟୁତ ସାମନ୍ତଙ୍କ ମା'ଙ୍କ ନାମରେ ପ୍ରତିଷ୍ଠା ହୋଇଥିବା 'ନୀଳିମାରାଣୀ ମେମୋରିଆଲ ଚାରିଟେବୁଲ ଟ୍ରଷ୍ଟ' ପକ୍ଷରୁ ପ୍ରତିବର୍ଷ ଏହି ସମ୍ମାନ କଟକ ଜିଲ୍ଲାର ଆଦର୍ଶ ଗ୍ରାମ କଲରାବାଙ୍କ ଠାରେ ପ୍ରଦାନ କରାଯାଇଥାଏ ।ଆଜି ନୀଳିମାରାଣୀଙ୍କର ୯୪ ତମ ଜନ୍ମୋତ୍ସବ ପାଳନ ଅବସରରେ ଏହି ସମ୍ମାନ ପ୍ରଦାନ କରିଯାଇଛି । ଡ.ସିଂହ ଓଡିଶାର ପ୍ରଖ୍ୟାତ ଭୂଦାନ ଓ ସର୍ବୋଦୟ ନେତା,ଶିକ୍ଷାବିତ, ବରିଷ୍ଠ କବି ତଥା କୋରାପୁଟ ଗାନ୍ଧୀ କୃଷ୍ଣ ସିଂହଙ୍କ ମଧ୍ୟମ କନ୍ୟା । ଏହି ଉତ୍ସବରେ ଶୋଭନୀୟ ଆନ୍ଦୋଳନର ମୁଖ୍ୟା ତଥା ବିଶିଷ୍ଟ ସମାଜ ସେବୀ ଅରୁନ୍ଧତୀ ଦେବୀଙ୍କୁ ମଧ୍ୟ ଏହି ସମ୍ମାନରେ ସମ୍ମାନିତ କରାଯାଇଛି । ପୁରସ୍କାର ବାବଦକୁ ପଚାଶ ହଜାର ଅର୍ଥ ରାଶି ସହ ମାନପତ୍ର, ଉତ୍ତରୀୟ ଓ ପୁଷ୍ପ ଗୁଚ୍ଛ ଦେଇ ସମ୍ମାନିତ କରାଯାଇଛି। ଓଡିଶା ସରକାରଙ୍କର ବରିଷ୍ଠ ମନ୍ତ୍ରୀ ପ୍ରଦୀପ ଅମାତ, ମନ୍ତ୍ରୀ ଅଶ୍ୱିନୀ ପାତ୍ର ବିଧାୟକ ଚନ୍ଦ୍ର ସାରଥୀ ବେହେରା,ସାଂସଦ ଡ.ଅଚ୍ୟୁତ ସାମନ୍ତ କାଦମ୍ବିନୀର ସଂପାଦିକା ଡ.ଇତି ସାମନ୍ତ ଓ ବହୁ ବିଶିଷ୍ଟ ବ୍ୟକ୍ତି ଏହି ଉତ୍ସବରେ ଉପସ୍ଥିତ ରହି ନୀଳିମାରାଣୀ ସାମନ୍ତଙ୍କ ଅବଦାନ ଓ ତାଙ୍କର ଅତୁଳନୀୟ ତ୍ୟାଗ ଉପରେ ଆଲୋକପାତ କରିଥିଲେ।

## ବାରିପଦାରେ ଆମ ଆଦମୀ ପାର୍ଟିର ସାମ୍ବାଦିକ ସମ୍ମିଳନୀ

ବାରିପଦା, ୨୧/୦୮ (ନି.ପ୍ର): ଆଗାମୀ ଅଗଷ୍ଟ ୨୧ ତାରିଖ ଦିନ ଭୁବନେଶ୍ୱର ଠାରେ ଆମ ଆଦମୀ ପାର୍ଟିର ସକ୍ରୀୟ ସଦସ୍ୟ ମାନଙ୍କୁ ନେଇ ରାଜ୍ୟ ସମ୍ମିଳନୀ ଅନୁଷ୍ଠିତ ହେଉଥିବା ବେଳେ ମୟୁରଭଂଜର ବିଭିନ୍ନ ବ୍ଲକ, ପୌରାଂଚଳ ଓ ଏନଏସିର ୫୦ରୁ ଉର୍ଦ୍ଧ ସକ୍ରୀୟ ସଦସ୍ୟ ଯୋଗ ଦେବା ସହ ଓଡ଼ିଶାର ପ୍ରତି ଜିଲ୍ଲାରେ ସେପଟେମ୍ବର ୧ ରୁ ୧୫ ତାରିଖ ମଧ୍ୟରେ ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ ହେବ । ଏବଂ ନଭେମ୍ବର ଶେଷ ସୁଦ୍ଧା ପ୍ରତି ବିଧାନସଭା ମଣ୍ଡଳୀରେ ସମ୍ମିଳନୀ ଅନୁଷ୍ଠିତ




କରାଯାଇ ପାର୍ଟି ସଂଗଠନକୁ ପରିବ୍ୟାପ୍ତ କରାଯାଇ ବୁଥସ୍ତର ପର୍ଯ୍ୟନ୍ତ ପହଂଚାଇବାର କାର୍ଯ୍ୟକ୍ରମ ରହିଛି । ୨୦୨୪ ନିର୍ବାଚନରେ ଆପ ଉଲ୍ଲେଖନୀୟ ସଫଳତା ପାଇବା ପାଇଁ ଲକ୍ଷ୍ୟ ରଖିଛି ବୋଲି ବାରିପଦା ଆମ ଆଦମୀ ପାର୍ଟି କାର୍ଯ୍ୟାଳୟରେ ପାର୍ଟିର ମୟୁରଭଂଜ ଜିଲ୍ଲା ଶାଖା ତରଫରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ମୟୁରଭଂଜ ଜିଲ୍ଲାରେ ଆପ ପ୍ରତି ସମର୍ଥନ ଆଶାତୀତ ଭାବେ ବୃଦ୍ଧି ପାଉଥିବା ବେଳେ, ଏବେ ୨୦୦ ୟୁନିଟ ପର୍ଯ୍ୟନ୍ତ ବିଦ୍ୟୁତ ଦେୟ ଛାଡ ଏବଂ ମୁଢ଼ି ଚୁଡା ପରି ସାଧାରଣ ଅତ୍ୟାବଶ୍ୟକ ସମାଗ୍ରୀ ଉପରେ ଜିଏସଟି ଲାଗୁକୁ ବିରୋଧ କରି ଦସ୍ତଖତ ଅଭିଯାନ ଚାଲିଛି । ପାର୍ଟି ଜିଲ୍ଲାରେ ଇସ୍ୟୁ ଭିତ୍ତିକ ରାଜନୀତି ଉପରେ ଗୁରୁତ୍ୱ ଦେବ । ମୁକ୍ତ ଓ ଉନ୍ନତ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା, ସ୍ୱଚ୍ଛଜଳ, ମୁକ୍ତ ବିଦ୍ୟୁତ୍ୟ, କର୍ମ ନିଯୁକ୍ତି ପ୍ରଦାନ ପାଇଁ ରାଜନୈତିକ ଚାପ ସୃଷ୍ଟି କରିବ । ଭ୍ରଷ୍ଟାଚାର ଓ ପିସି କାରବାର ବିରୁଦ୍ଧରେ ଜନମତ ତିଆରି କରିବ । ଆବଶ୍ୟକ ହେଲେ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଆଜିର ସାମ୍ବାଦିକ ସମ୍ମିଳନୀରେ ଆପର ପ୍ରତିଷ୍ଠାତା ସଦସ୍ୟ ଅଧ୍ୟାପକ ଗୋପବନ୍ଧୁ, ଭାରପ୍ରାପ୍ତ ସାଧାରଣ ସମ୍ପାଦକ ଚନ୍ଦନ କିସ୍କୁ, ବାରିପଦା ସହର ସଂଯୋଜକ ସୁକୁମାର ରଂଜନ ପ୍ରଧାନ ଓ ବରିଷ୍ଠ ସଦସ୍ୟ ନନ୍ଦ କୁମାର ମହାପାତ୍ର ପ୍ରମୁଖ କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଆପର ସଦଶ୍ୟ ବାଦଲ ହେମ୍ବ୍ରମ, ଚାନ୍ଦରାୟ ହାଁସଦା, ଏସ.କେ. ବାବୁ ପ୍ରମୁଖ ଉପସ୍ଥିତ ଥିଲେ ।

ବାଲେଶ୍ୱର, ସୋମବାର, ୨୨ ଅଗଷ୍ଟ, ୨୦୨୨

ଧ୍ୱନି ପ୍ରତିଧ୍ୱନି



# ରାଜ୍ୟରେ ନୂଆ ୨୮୭ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୨୧/୦୮ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୨୮୭ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ୍ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୨୫୦୬୧ କୁ ବୃଦ୍ଧି ପାଇଛି । ନୂଆ ଚିହ୍ନଟ ୨୮୭ ଆକ୍ରାନ୍ତଙ୍କ ମଧ୍ୟରୁ ୧୬୮ ଜଣ କ୍ୱାରେଂଟାଇନ (ସଙ୍ଗରୋଧ)ରୁ ଏବଂ ୧୧୯ ଜଣ ଲୋକାଲ୍ କଂଟାକ୍ଟ (ସ୍ଥାନୀୟ ସମ୍ପର୍କ)ରୁ ରହିଛନ୍ତି । ସେହିପରି ୦ ରୁ ୧୮ ବର୍ଷ ମଧ୍ୟରେ ୬୨ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ନେଇ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ନୂଆ ୪୫୯ ଜଣ ସୁସ୍ଥ ହେବା ପରେ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୩୧୩୩୬୦ ରେ ପହଂଚିଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୨୪୮୫ ରହିଛି । ରାଜ୍ୟରେ ଆଜି ଚିହ୍ନଟ ହୋଇଥିବା ୨୮୭ ସଂକ୍ରମିତଙ୍କ ମଧ୍ୟରୁ ଅନୁଗୁଳ ଜିଲ୍ଲାରେ ୧, ବାଲେଶ୍ୱର ଜିଲ୍ଲାରେ ୫, ବରଗଡ ଜିଲ୍ଲାରେ ୧୦, ଭଦ୍ରକ ଜିଲ୍ଲାରେ ୨, ବଲାଙ୍ଗୀର ଜିଲ୍ଲାରେ ୧୧, ବୌଦ୍ଧ ଜିଲ୍ଲାରେ ୩, କଟକ ଜିଲ୍ଲାରେ ୧୩, ଦେବଗଡ ଜିଲ୍ଲାରେ ୩, ଢେଙ୍କାନାଳ ଜିଲ୍ଲାରେ ୨, ଗଜପତି ଜିଲ୍ଲାରେ ୬, ଗଞ୍ଜାମ ଜିଲ୍ଲାରେ ୧, ଯାଜପୁର ଜିଲ୍ଲାରେ ୪, ଝାରସୁଗୁଡା ଜିଲ୍ଲାରେ ୭, କଳାହାଣ୍ଡି ଜିଲ୍ଲାରେ ୧୯, କନ୍ଧମାଳ ଜିଲ୍ଲାରେ ୫ ଜଣ, କେନ୍ଦୁଝର ଜିଲ୍ଲାରେ ୨ ଜଣ ଏବଂ ଖୋର୍ଦ୍ଧା ଜିଲ୍ଲାରେ ୫୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି କୋରାପୁଟ ଜିଲ୍ଲାରେ ୨, ମୟୂରଭଞ୍ଜ ଜିଲ୍ଲାରେ ୧୩, ନବରଙ୍ଗପୁର ଜିଲ୍ଲାରେ ୧୪, ନୟାଗଡ ଜିଲ୍ଲାରେ ୬, ନୂଆପଡ଼ା ଜିଲ୍ଲାରେ ୭, ପୁରୀ ଜିଲ୍ଲାରେ ୩, ରାୟଗଡ଼ା ୨ ଜଣ, ସମ୍ବଲପୁର ଜିଲ୍ଲାରେ ୧୬, ସୋନପୁର ଜିଲ୍ଲାରେ ୬, ସୁନ୍ଦରଗଡ ଜିଲ୍ଲାରେ ୫୭ ଓ ଷ୍ଟେଟ ପୁଲରେ ୧୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ପାଞ୍ଚଲୁଟେରାଙ୍କୁ ଗିରଫ କଲା ରୂପ୍ସା ପୁଲିସ

ବସ୍ତା, ୨୧/୦୮ (ନି.ପ୍ର): ପାଞ୍ଚ ଜଣ ଲୁଟେରାଙ୍କୁ ଗିରଫ କଲା ରୂପସା ପୁଲିସ । ରୂପସା ଥାନା ଅନ୍ତର୍ଗତ ହାତିଆ ଡିହା ଗ୍ରାମକୁ ଭାରତ ଫାଇନାନ୍ସ କମ୍ପାନୀ ଟଙ୍କା କଲେକ୍ସନ ସାରି ଜମା କରିବାକୁ ଆସିବା ସମୟରେ ଗତ ୬ ତାରିଖରେ ଲୁଟର ଶିକାର ହୋଇଥିଲେ । ଭାରତ ଫାଇନାନ୍ସ କର୍ମଚାରୀ ଉମାକାନ୍ତ ଦାସ । ବଡ଼ ଧନାଡୀ, କୁସୁଡ଼ିହା, ନଳ ବାହାର ଗ୍ରାମରୁ କଲେକ୍ସନ ସାରି ରୂପସା ହାତିଆଡିହା ରେ ଥିବା ଅଫିସକୁ ଆସିବା ସମୟରେ ହାତିଆ ଡିହା ଗ୍ରାମ ଟିଓ୍ୱେଲ ପାଖରେ ପଛପଟୁ ଆସି ତିନିଜଣ ଯୁବକ ତେଲେଙ୍ଗା କଟୁରି ରେ ଆକ୍ରମଣ କରି ଗାଡ଼ିରେ ଥିବା ବାସ୍କେଟକୁ ଭାଙ୍ଗି ୧,୪୮,୩୫୯,ଟଙ୍କା ନେଇ ପଳାଇଥିଲେ । ଏନେଇ ରୂପସା ଥାନାରେ ୬୭/୨୨ ମୂଳେ ପୋଲିସ କେଶ କରି ତଦନ୍ତ ଜାରି ରଖିଥିଲା । ଗତ କାଲି ପୋଲିସ ଚଢ଼ାଉ କରି ୫ଜଣ ଲୁଟ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ହେଲେ ବାଲେଶ୍ୱର ସଦର ଥାନା ସିନ୍ଦୁରି ଅଞ୍ଚଳର ବିଶ୍ୱଜିତ ରାଉତ ଓ ଉମେଶ ବିନ୍ଧାଣି, ଟାଉନ ଥାନା ଅଞ୍ଚଳ ର ସେକ ସୈଫ ଅଲ୍ଲୀ, ବସ୍ତା ଥାନା ବଡ ଧନକ୍ଷଡି ର ଶଙ୍କର ମାଝୀ ଓ ତାଙ୍କ ସ୍ତ୍ରୀ ମମତା ମାଝୀ । ସେମାନଙ୍କ ଠାରୁ ଦୁଇଟି ବାଇକ, ଗୋଟିଏ ଖଣ୍ଡା, ୫ ଟି ମୋବାଇଲ ଓ ନଗଦ ୧୪ ହଜାର ୫ ଶହ ଟଙ୍କା ଜବଦ ହୋଇଛି ବୋଲି ପୁଲିସସୂତ୍ରରୁ ପ୍ରକାଶ ।

# ବସ ଧକ୍କାରେ ହୋମିଓପାଥି ଡାକ୍ତର ଆହତ

ଖଇରା,୨୧/୦୮ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ଗଡପୋଖରୀ ଗ୍ରାମର ବିଶିଷ୍ଟ ହୋମିଓ ପାଥି ଡାକ୍ତର ପରୀକ୍ଷିତ ବେହେରାଙ୍କୁ ଶନିବାର ସନ୍ଧ୍ୟାରେ ଏକ ବାଇକ ଧକ୍କା ସେବା ଯୋଗୁଁ ସେ ଗୁରୁତର ହୋଇ ପଡିଥିଲେ । ଚିକିତ୍ସା ପାଇଁ ବାଲେଶ୍ୱର ମେଡିକାଲରେ ଭର୍ତ୍ତୀ କରାଯାଇଛି । ବର୍ତ୍ତନା କ୍ଲିନ ବନ୍ଦ କରି ସେ ଗଡପୋଖରୀ ଗ୍ରାମ ବାସଭବନକୁ ଫେରୁଥିବା ବେଳେ ଡ୍ରାଇଭର ଭାବେ କାର୍ଯ୍ୟକରୁଥିବା ଲକ୍ଷ୍ମୀଧର ଦାସ ନାମକ ବ୍ୟକ୍ତିଙ୍କ ବାଇକ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା । ଫଳରେ ତାଙ୍କ ପଛପଟ ଗୋଡ ଭାଙ୍ଗିଯାଇଥିଲା ।

## ସିପିଆଇ ଜିଲ୍ଲା ସମ୍ମିଳନୀ ପାଇଁ ପ୍ରସ୍ତୁତି

ବାଲେଶ୍ୱର,୨୧/୦୮ (ନି.ପ୍ର): ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ଜିଲା ସମ୍ମିଳନୀ ଆୟୋଜନ ପାଇଁ ପ୍ରସ୍ତୁତି ଜୋରଦାର ଚାଲିଛି । ଏନେଇ ସ୍ଥାନୀୟ ଉଠା ଜଳସେଚନ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ବରିଷ୍ଠ ବାମପନ୍ଥୀ ନେତା କୈଳାସଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୨୭ ଓ ୨୮ ତାରିଖରେ ଦୁଇଦିନ ଧରି ଏହି ସମ୍ମିଳନୀ ଆୟୋଜିତ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି । ଏହି ସମ୍ମିଳନୀରେ ଖୋଲା ଅଧିବେଶନରେ ପାର୍ଟିର ରାଜ୍ୟ ସମ୍ପାଦକ ଓ ଅନ୍ୟ ନେତୃତ୍ୱ ଯୋଗଦେବେ । ଜିଲା ସଂପାଦକ ନିରଞ୍ଜନ ବାରିକ ସମ୍ମିଳନୀର ସଫଳତା ପାଇଁ ବିଭିନ୍ନ ପ୍ରସ୍ତାବ ଆଜିର ବୈଠକରେ ଆଗତ କରିଥିଲେ । ଦେଶ ଓ ରାଜ୍ୟରେ ସାଂପ୍ରତିକ ସମସ୍ୟା ଓ ରାଜନୈତିକ ଦୃଶ୍ୟପଟରେ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରାଯାଇଥିଲା । ଅନାମ ପ୍ରସାଦ ବାରିକ, ଭାଗବତ ପ୍ରତିହାରୀ, ଗୌରାଙ୍ଗ ପାଣିଗ୍ରାହୀ, ମାୟାଧର ନାୟକ, ପ୍ରଭାବତୀ ଦାସ, ସନ୍ତୋଷ ବିଶ୍ୱାଳ, ଯତୀନ୍ ପାତ୍ର, ତପନ ସିଟ୍, ନିହାର ରଂଜନ ଜେନା, ଶ୍ୟାମସୁନ୍ଦର ଜେନା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପୂର୍ଣ୍ଣଚନ୍ଦ୍ର ପାତ୍ର ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ବାରିଙ୍ଗିଆରେ ଛାତ୍ରୀ ପୋଡି ଘଟଣା : ୨୭ଦିନ ପରେ ଅଭିଯୁକ୍ତ କୋର୍ଟ ଚାଲାଣ

ଖଇରା,୨୧/୦୮ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା କୁରୁଣ୍ଟା ପଞ୍ଚାୟତ ଅଧୀନ ବାରିଙ୍ଗିଆ ଗ୍ରାମର ଅଷ୍ଟମ ଶ୍ରେଣୀ ଛାତ୍ରୀ ଜ୍ୟୋସ୍ନାରାଣୀ ଜେନାଙ୍କୁ ବିଭତ୍ସ ଭାବେ କିରୋସିନୀ ଢାଳି ପୋଡି ମାରିବା ଘଟଣାରେ ଖଇରା ପୋଲିସ ଅଭିଯୁକ୍ତ ଦୟାନିଧି ଜେନାଙ୍କୁ ୨୭ଦିନ ପରେ ରବିବାର କୋର୍ଟ ଚାଲାଣ କରିଛି । ବିବାହିତ ଦୟାନିଧି ଜ୍ୟୋସ୍ନାକୁ ଏକ ତରଫା ପ୍ରେମ କରୁଥିବା ବେଳେ ଜ୍ୟୋସ୍ନା ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ । ଏଭଳିକି ଘଟଣା ଜଣାପଡିବା ପରେ ଜ୍ୟୋସ୍ନାଙ୍କୁ ଟିଉସନ କରୁଥିବା ଦୟାନିଧିଙ୍କ ପତ୍ନୀଙ୍କ ନିକଟକୁ ଟିଉସନ ପଢିବାକୁ ଜ୍ୟୋସ୍ନାଙ୍କ ଘର ଲୋକ ଛାଡି ନଥିଲେ । ଜୁଲାଇ ୨୪ ତାରିଖରେ ସକାଳେ ଜ୍ୟୋସ୍ନା ଦୟାନିଧିଙ୍କ ଘର ଆଗ ରାସ୍ତା ଦେଇ ଦୋକାନକୁ ଯାଉଥିବା ବେଳେ ଛକି ରହିଥିବା ଦୟାନିଧି ଜ୍ୟୋସ୍ନାଙ୍କୁ ଘର ପାଖ ପାଇଖାନା ଭିତରକୁ ଟାଣି ନେଇ ଚୁଟିକୁ କାଟିବା ପରେ କିରୋସିନି ଢାଳି ପୋଡି ମାରି ଦେଇଥିଲେ । ପରେ ନିଜେ ବିଷପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ । ଖଇରା ପୋଲିସ ଏକ ମାମଲା(୧୯୭/୨୨) ରୁଜୁ କରିବା ପରେ ଗୁରୁତର ଅବସ୍ଥାରେ ଦୟାନିଧିଙ୍କୁ ଚିକିତ୍ସା ପାଇଁ ପ୍ରଥମେ ବାଲେଶ୍ୱର ଓ ପରେ କଟକ ବଡ ମେଡିକାଲକୁ ନେଇଥିଲେ । ୨୭ଦିନ ପରେ ସେ ସୁସ୍ଥ ହେବା ମାତ୍ରେ ପୋଲିସ ର ଏକ ସ୍ୱତନ୍ତ୍ର ଟିମ ତାଙ୍କୁ କଟକରୁ ଆଣି ସୋର ମେଡିକାଲରେ ପରିକ୍ଷା କରାଇ କୋର୍ଟରେ ହାଜର କରାଇଥିଲେ ।



# ଯାଦବ ମହାସଂଘ ପକ୍ଷରୁ 'କୃଷ୍ଣାୟନ' କାର୍ଯ୍ୟକ୍ରମ

ବାଲେଶ୍ୱର,୨୧/୦୮ (ନି.ପ୍ର): ପବିତ୍ର ଜନ୍ମାଷ୍ଟମୀ ଓ ନନ୍ଦଉତ୍ସବ ଅବସରରେ ବାଲେଶ୍ୱର ଜିଲ୍ଲା ଯାଦବ ମହାସଂଘ ପକ୍ଷରୁ କୃଷ୍ଣ ଚେତନାର ଶାଶ୍ୱତ କାର୍ଯ୍ୟକ୍ରମ 'କୃଷ୍ଣାୟନ' ସ୍ଥାନୀୟ ଟାଉନ ହଲଠାରେ ଅନୁଷ୍ଠିତ ହୋଇଯାଇଛି । ରେବତୀ ପତ୍ରିକାର ସମ୍ପାଦିକା ସମାଜସେବୀ ସୁବାସିନୀ ଜେନା ଏହି ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଭଗବାନ ଶ୍ରୀକୃଷ୍ଣଙ୍କ ଦର୍ଶନ ଓ ଚେତନା ସମ୍ପର୍କରେ ଉତ୍ତର ପିଢ଼ିଙ୍କୁ ଅବଗତ କରାଇବାରେ ଭଳି କାର୍ଯ୍ୟକ୍ରମ ବେଶ ସହାୟକ ହୋଇପାରିଛି ବୋଲି ସେ ମତ ପ୍ରକାଶ କରିଥିଲେ । ଯୁବ ଶିଳ୍ପପତି ସଂଗ୍ରାମ ଦାସ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତୀୟ ସଂସ୍କୃତିକୁ କୃଷ୍ଣ ଭଗବାନଙ୍କ ଆଦର୍ଶ ଓ ଦର୍ଶନର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ବରିଷ୍ଠ ଆଇନଜୀବୀ ସମର କେଶରୀ ବାରିକ୍, କବି ପ୍ରଶାନ୍ତ ଦାସ, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ପ୍ରମେୟ ଉତ୍ତର ଓଡ଼ିଶା ମୁଖ୍ୟ ସତ୍ୟଶିବ ଦାସ, ଯୁବ ସମାଜସେବୀ ମାନସ ଦତ, ସମାଜସେବୀ ସୁଜିତ୍ ଦେବ, ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଟାଉନ୍ ହଲ୍‌ରେ ଏହି କାର୍ଯ୍ୟକ୍ରମ କୃଷ୍ଣମୟ କରିପାରିଛି ବୋଲି କହିଥିଲେ । ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ଏହି ଅବସରରେ ପୁରସ୍କୃତ କରିଥିଲେ । ଏଥି ସହ ଯାଦବ ମହାସଂଘର କାର୍ଯ୍ୟକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କୃଷ୍ଣାୟନରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଶିତ ନୃତ୍ୟ ସଙ୍ଗୀତ ଭିତିକ କାର୍ଯ୍ୟକ୍ରମ ସମସ୍ତଙ୍କୁ ମୁଗ୍ଧ କରିଥିଲା । ବିଶେଷ କରି କୃଷ୍ଣ ଭଗବାନଙ୍କୁ ଗୀତ ଗାଇ ଦୋଳିରେ ଝୁଲାଇବାର ପରମ୍ପରା ଏଠାରେ ଦେଖିବାକୁ ମିଳିଥିଲା । ଜିଲ୍ଲା ଯାଦବ ମହାସଂଘର ସଭାପତି ଭାଗିରଥି ବାରିକ୍ ସଂଗଠନର ସୁଦୃଢୀକରଣ ଓ କୃଷ୍ଣାୟନ ସମ୍ପର୍କରେ ମତ ବ୍ୟକ୍ତ କରିଥିଲେ । ସମ୍ପାଦକ ନିଶିତ୍ ବାରିକ୍ ସଂପାଦକୀୟ ବିବରଣୀ ପାଠ କରିଥିଲେ । ଉପଦେଷ୍ଟା ମିହିର୍ କୁମାର୍ ବାରିକ୍, ପ୍ରଭାସ କୁମାର ଦାସ, ଅଶୋକ ଚନ୍ଦ୍ର ଦାସ, ରାଧା ମୋହନ ବାରିକ୍, ବିଶ୍ୱଜିତ୍ ମହାପାତ୍ରଙ୍କ ସମେତ ବାଲେଶ୍ୱର ଜିଲ୍ଲାର ସମସ୍ତ ବ୍ଲକ୍ ରୁ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ । ଜିଲ୍ଲା ଯାଦବ ମହାସଂଘ ର କାର୍ଯ୍ୟକାରୀ ସଭାପତି ରାଜକିଶୋର ଦାସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।




# ବ୍ରାହ୍ମଣ ସମିତି ପୌରାଞ୍ଚଳ ଶାଖା କର୍ମକର୍ତ୍ତା ନିର୍ବାଚିତ

ବାଲେଶ୍ୱର,୨୧/୦୮ (ନି.ପ୍ର): ଜିଲା ବ୍ରାହ୍ମଣ ସମିତିର ୧୧୪ତମ ଅଧିବେଶନ ଦାମୋଦରପୁର ସ୍ଥିତ ଜିଲା କାର୍ଯ୍ୟାଳୟରେ ସଭାପତି ଡା. ଶ୍ରୀଶ କୁମାର ଦାଶଙ୍କ ପୌରୋହିତ୍ୟରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଅନ୍ୟାନ୍ୟ ପ୍ରସଙ୍ଗ ସମେତ ସଂଗଠନର ବାଲେଶ୍ୱର ପୌରାଞ୍ଚଳ ଶାଖା କର୍ମକର୍ତ୍ତା ନିର୍ବାଚନ ପାଇଁ ସାଧାରଣ ସମ୍ପାଦକ ଗୌରଚନ୍ଦ୍ର ଦାଶ ପ୍ରସ୍ତାବ ଆଗତ କରିଥିଲେ । ସର୍ବ ସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ସହ ନିର୍ବାଚନ ପାଇଁ ନିଷ୍ପତ୍ତି ନିଆଯାଇଥିଲା । ସମିତିର ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ ନିର୍ବାଚନ ପରିଚାଳନା କରିଥିଲେ । ଏଥିରେ ଡ. ଗୌରସାଧନ ମିଶ୍ର ସଭାପତି, ଶାନ୍ତିସ୍ୱରୂପ ମିଶ୍ର ସମ୍ପାଦକ ଓ ବୀରେନ୍ଦ୍ର କୁମାର କରଙ୍କୁ କୋଷାଧ୍ୟକ୍ଷ ଭାବେ ସର୍ବସମ୍ମତି କ୍ରମେ ନିର୍ବାଚିତ କରାଯାଇଥିଲା । ବାଲେଶ୍ୱର ପୌରାଞ୍ଚଳ ସମିତିର ଅନ୍ୟ ପଦ ପାଇଁ ଆସନ୍ତା ପରିବର୍ଦ୍ଧିତ ବୈଠକରେ ଚୟନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ବୈଠକର ପ୍ରାରମ୍ଭରେ ଡ. କ୍ଷିତୀଶ୍ୱର ଦାଶ ବେଦପାଠ କରିଥିଲେ । ଶ୍ୟାମସୁନ୍ଦର ଶୁକ୍ଳ, ଦିଲୀପ କୁମାର ଶତପଥୀ, ଗୌର ଗଦାଧର ଶତପଥୀ, ବୀରେନ୍ଦ୍ର କୁମାର କର, ଜଳଧର ପଣ୍ଡା, ପ୍ରବୋଧ ଚନ୍ଦ୍ର ଦାଶ, ନାରାୟଣ କର, ଜଗବନ୍ଧୁ ଦାଶ, ନିତ୍ୟାନନ୍ଦ ହୋତା, ଶାନ୍ତି ସ୍ୱରୂପ ମିଶ୍ର, କୃତ୍ତିବାସ ପଣ୍ଡା, ପ୍ରଦୀପ ଚକ୍ରବର୍ତ୍ତୀ, ପ୍ରଶାନ୍ତ ଶତପଥୀ ଓ ହରିଶ କୁମାର ପଣ୍ଡା ପ୍ରମୁଖ ଜିଲ୍ଲା ସଂଗଠନ ସଂପର୍କୀୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପରିଶେଷରେ ବୈଦ୍ୟନାଥ ଆଚାର୍ଯ୍ୟ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# କଂଗ୍ରେସ ପକ୍ଷରୁ ଭୂତପୂର୍ବ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କର ଜନ୍ମଜୟନ୍ତୀ ପାଳିତ



ବାରିପଦା, ୨୧/୦୮ (ନି.ପ୍ର): ମୟୁରଭଂଜ ଜିଲ୍ଲା କଂଗ୍ରେସ ତରଫରୁ ଭାରତରତ୍ନ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କର ୭୮ ତମ ଜନ୍ମଜୟନ୍ତୀ ବାରିପଦା ଟ୍ରାଫିକ ଛକ ନିକଟସ୍ଥ ମହିଳା କଂଗ୍ରେସ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ଜିଲ୍ଲା କଂଗ୍ରେସ ସଭାପତି ହେମନ୍ତ ଦାସଙ୍କ ସମେତ ସମସ୍ତ ନେତୃବୃନ୍ଦ ଓ କର୍ମକର୍ତ୍ତା ମାନେ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କର ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ୱର୍ଗତ ଗାନ୍ଧୀଙ୍କ ଉଦ୍ଦେଶ୍ୟରେ ତାଙ୍କ ଜନ୍ମଦିନକୁ ଚିରସ୍ମରଣୀୟ କରିବା ପାଇଁ ସ୍ମୃତି ଚାରଣ କରାଯାଇଥିଲା । ସ୍ୱର୍ଗତ ରାଜୀବ ଗାନ୍ଧୀ ପ୍ରଧାନମନ୍ତ୍ରୀ ଥିବା ବେଳେ ୧୮ ବର୍ଷ ବର୍ଗର ଯୁବକ ଓ ଯୁବତୀ ମାନଙ୍କୁ ଭୋଟଦାନର ଅଧିକାର ପ୍ରଦାନ କରିଥିଲେ । ତାଙ୍କରି ସମୟରେ ତ୍ରିସ୍ତରୀୟ ପଂଚାୟତରାଜ ବ୍ୟବସ୍ଥା ଆରମ୍ଭ ହୋଇ ଲୋକଙ୍କ ହାତରେ କ୍ଷମତା ପ୍ରଦାନର ବ୍ୟବସ୍ଥା ହୋଇଥିଲା । ଟେକ୍ନୋଲୋଜି କ୍ଷେତ୍ରରେ କମ୍ପ୍ୟୁଟର ଓ ମୋବାଇଲ ସେବା ପାଇଁ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କର ଅବଦାନ ଅବିସ୍ମରଣୀୟ ବୋଲି ବକ୍ତାମାନେ କହିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ହେମନ୍ତ ଦାସ, ଟାଉନ ସଭାପତି ଶାନ୍ତନୁ ପାଲ, ମହିଳା ସଭାନେତ୍ରୀ ସୁସ୍ମିତା ଘୋଷାଲ, ଛାତ୍ର ସଭାପତି ମୋତି ପ୍ରକାଶ ଦାସ, ଅରବିନ୍ଦ ଦାସ, ଇତିଶ୍ରୀ ମିଶ୍ର, ଶୁଭସ୍ମିତା ଦାସ, ରଶ୍ମିତା ମିଶ୍ର, ଶିବାନନ୍ଦ ଦାସ, ନିର୍ମଳ ପ୍ରଧାନ, ଇନ୍ଦୁମତି ନାଏକ, ୱାହିଦା ଏହମ୍ମଦ, ଝାନସିରାଣୀ ସାହୁ ପ୍ରମୁଖ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।

# ଭଦ୍ରକ ଜିଲ୍ଲାରେ ୬୬୨ କଲେଜ ସଙ୍ଗଠନର ଗୁରୁତ୍ୱପୂର୍ଣ୍ଣ ବୈଠକ

ଭଦ୍ରକ, ୨୧/୦୮ (ନି.ପ୍ର): ଜିଲ୍ଲା ୬୬୨ କଲେଜ ଅଧ୍ୟାପକ କର୍ମଚାରୀ ସଙ୍ଗଠନର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସ୍ଥାନୀୟ ଏନ୍.ଆର.ଆଇ. ଇଣ୍ଟର ନେସନାଲ ସ୍କୁଲରେ ଅନୁଷ୍ଠିତ ହୋଇଯାଇଛି । ସଙ୍ଗଠନର ଜିଲ୍ଲା ସଭାପତି ବାରିକପୁରବ ମହାବିଦ୍ୟାଳୟର ଅଧ୍ୟକ୍ଷ ଆଦିତ୍ୟ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଙ୍ଗଠନର ରାଜ୍ୟ ସଭାପତି ଅଧ୍ୟାପକ ଗୋଲକ ନାୟକ ଯୋଗଦେଇ ବିଳମ୍ବ ହେଲେ ବି ସରକାର ୬୬୨ କଲେଜକୁ ୭ମ ବେତନ କମିଶନ ଆଧାରରେ ବେତନ ପ୍ରଦାନ କରିଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ହେଲେ ରାଜ୍ୟ ସରକାର ଆମକୁ ଅନେକ କ୍ଷେତ୍ରରେ ଅଣଦେଖା କରିଥିବାରୁ ଯଥା ପେନସନ୍, ସପ୍ତମ ବେତନରୁ ବାଦପଡିବା, ୨୦୧୪ ଜି.ଓ ର ଅଧ୍ୟାପକ ଓ କର୍ମଚାରୀଙ୍କୁ ଅନ୍ତର୍ଭୁକ୍ତ କରିବା । ଅବସରକାଳୀନ ସୁବିଧା ସୁଯୋଗ ପ୍ରଦାନରୁ ବଞ୍ଚିତ କରିବା, ଅନୁଦାନରୁ ବାଦ୍ ପଡିଥିବା ଅଧ୍ୟାପକ, କର୍ମଚାରୀ, ୱାଚମେନ୍, ଲେଡି ଏଟେଣ୍ଡାଣ୍ଟ, ଲାଇବ୍ରେରୀ ଏଟେଣ୍ଡାଣ୍ଟ ଦ୍ୱିତୀୟ କିରାଣୀ, ତୃତୀୟ ପିଅନ ଇତ୍ୟାଦିକୁ ଅନ୍ତର୍ଭୁକ୍ତ ନ କରିବା, ଲାଇବ୍ରେରୀଆଇନ ଡେମୋନଷ୍ଟ୍ରେଟର, କିରାଣୀ ଓ ପିଅନଙ୍କ ଦରମାରେ ତାରତମ୍ୟ ରହିବା ଇତ୍ୟାଦି ସମସ୍ୟାକୁ ନେଇ ସଙ୍ଗଠନ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବ ବୋଲି ଚେତାବନୀ ଦେଇଥିଲେ । ସଙ୍ଗଠନର ଜିଲ୍ଲା ସମ୍ପାଦକ ଅଧ୍ୟାପକ ଲକ୍ଷ୍ମୀଧର ନାୟକ ମଧ୍ୟ ପେନସନ ଓ ଚାକିରୀ ସର୍ତ୍ତାବଳୀ ପ୍ରଦାନ କରିବାକୁ ତଥା ବାଦ୍ ପଡିଥିବା କର୍ମଚାରୀମାନଙ୍କୁ ଅନ୍ତର୍ଭୁକ୍ତ କରିବାକୁ ଦାବୀ ଉପସ୍ଥାପନ କରିଥିଲେ । ସଙ୍ଗଠନର ପୂର୍ବ ଉପସଭାପତି ତଥା ଏବେକାର କୋଷାଧ୍ୟକ୍ଷ ଅଧ୍ୟାପକ ସୁଶାନ୍ତ କୁମାର ବାରିକ ସଙ୍ଗଠନର ସଂଗ୍ରାମର ଇତିହାସ ସମ୍ପର୍କରେ ନିଜର ମତାମତ ପ୍ରଦାନ କରିଥିଲେ । ସଭାପତି ଅଧ୍ୟକ୍ଷ ଆଦିତ୍ୟ କୁମାର ଜେନା ୨୦୧୪ ପୂର୍ବରୁ ନିଯୁକ୍ତି ପାଇଥିବା କଲେଜ ଗୁଡିକୁ ଅନୁଦାନ ଦେବା ସହିତ ସଙ୍ଗଠନକୁ ସୁଦୃଢ କରିବା ପାଇଁ ଅନ୍ୟମାନଙ୍କୁ ଅନୁରୋଧ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଘଣ୍ଟେଶ୍ୱର ମହାବିଦ୍ୟାଳୟର ଅଧ୍ୟକ୍ଷ ବିଜୟ ଦାସ, ଅକ୍ଷୟ କୁମାର ଗିରି, ତିହିଡି ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଦେବେନ୍ଦ୍ର ସାମଲ, ମତୋ +୩ ମହାବିଦ୍ୟାଳୟର ଅଧ୍ୟକ୍ଷ ବିଭୂତି ବିଶ୍ୱାଳ, କେନ୍ଦୁଆପଦା ମହାବିଦ୍ୟାଳୟର ଅଧ୍ୟକ୍ଷ ଅଞ୍ଜଳୀ ଖୁଣ୍ଟିଆ, ଆଇ.ଜି.ଏମ୍ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁନନ୍ଦ କୁମାର ମହାନ୍ତି ପିତାମ୍ବର ମଲ୍ଲିକ, ବସନ୍ତ ବେହେରା, ବିଦ୍ୟାଧର ଭୋଇ, ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ଅଧ୍ୟକ୍ଷ ମଦନମୋହନ ସେଣ୍ଠ, ସଞ୍ଜୟ କୁମାର ବାହାଲ, ସରୋଜ ସାମଲ ଏବଂ ଶତାଧିକ ଅଧ୍ୟାପକ କର୍ମଚାରୀ ଯୋଗଦେଇ ନିଜ ନିଜର ମତାମତ ରଖିଥିଲେ ଏବଂ ଶେଷରେ ଅଧ୍ୟକ୍ଷ ସତ୍ୟବ୍ରତ ଭାରତୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ବନ୍ୟାଂଚଳ ପରିଦର୍ଶନ କଲେ ବିଜେଡି ପର୍ଯ୍ୟବେକ୍ଷକ ପ୍ରଣବ ପ୍ରକାଶ



ବାରିପଦା, ୨୧/୦୮ (ନି.ପ୍ର): ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଆଜି ମୟୂରଭଂଜ ଜିଲ୍ଲା ଗସ୍ତ କରି ଲଘୁଚାପ ଜନିତ ବର୍ଷାରେ ବିଶେଷ ଭାବେ କ୍ଷତିଗ୍ରସ୍ତ ଅଂଚଳ ପରିଦର୍ଶନ କରିଛନ୍ତି । ବାରିପଦାର ବୁଢ଼ାବଳଙ୍ଗ ବନ୍ୟା ପ୍ରପିଡିତ ଲୋକଙ୍କ ସହ ଆଲୋଚନା କରିବା ସହ ଜିଲ୍ଲା ପ୍ରଶାସନ ଓ ବିଜେଡ଼ି ଦଳ ପକ୍ଷରୁ ସମସ୍ତ ସହଯୋଗ କରାଯିବା ନେଇ ପ୍ରତିଶ୍ରୁତି ଦେଇଥିଲେ । ବାରିପଦା ପୌର ପରିଷଦ ଅତିଥି ଭବନ ଠାରେ ଆୟୋଜିତ ଦଳୀୟ ଆଲୋଚନା ବୈଠକରେ ଜିଲ୍ଲା ସଭାପତି ତଥା ବାଙ୍ଗିରିପୋଷୀ ବିଧାୟକ ସୁଦାମ ମାରାଣ୍ଡି, ମରୋଡା ବିଧାୟକ ରାଜକିଶୋର ଦାସ, ରାଜ୍ୟସଭା ସାଂସଦ ମମତା ମହାନ୍ତ, ବାରିପଦା ନଗର ପାଳ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ପୂର୍ବତନ କୃଷିଶିଳ୍ପ ନିଗମର ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ପୂର୍ବତନ ଏସଡିସି ଚେୟାରମେନ ଡା. ଦେବାଶିଷ ମାରାଣ୍ଡି, ପୂର୍ବତନ ଉପନଗରପାଳ ଜିତେନ୍ଦ୍ର ମହାନ୍ତି, ସୁବ୍ରମଣ୍ୟମ ମହାନ୍ତି ପ୍ରମୁଖ ନେତୃବୃନ୍ଦ ଏବଂ ଦଳୀୟ କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ମୁଖ୍ୟ ମନ୍ତ୍ରୀଙ୍କ ଜିରୋ କାଜୁଆଲିଟି ଆହ୍ୱାନକୁ ଧ୍ ?ୟାନ ରଖି ବନ୍ୟା ପ୍ରପୀଡ଼ିତ ଅଂଚଳକୁ ଯାଇ ବନ୍ୟା ଦୁର୍ବିପାକ ସମୟରେ ପ୍ରଭାବିତ ଲୋକଙ୍କ ନିକଟରେ ପହଂଚି ସୁଖଦୁଃଖରେ ସାମିଲ ହେବା ପାଇଁ କର୍ମକର୍ତ୍ତା ମାନଙ୍କୁ ଆହ୍ୱାନ ଦେଇଥିଲେ । ଏହା ପରେ ବିଶୋଇ ଥାନା ଅନ୍ତର୍ଗତ ଲୁହାକାନି ପଂଚାୟତ ଭୋଳବେଡା ଗ୍ରାମରେ କାନ୍ଥ ପଡ଼ି ମୃତ୍ୟୁ ବରଣ କରିଥିବା ଦୁଇ ନାବାଳିକା ଭଉଣୀଙ୍କ ପରିବାରଙ୍କୁ ଭେଟି ସମବେଦନା ଜଣାଇଛନ୍ତି । ନିଜ ପକ୍ଷରୁ ପ୍ରତି ମୃତକଙ୍କ ପାଇଁ ପଚାଶ ହଜାର ଟଙ୍କା ଲେଖାଏଁ ମୋଟ ପରିବାରକୁ ୧ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିଛନ୍ତି । ଏହା ସହ ରାଜ୍ୟ ସରକାରଙ୍କ ବିପର୍ଯ୍ୟୟ ପାଣ୍ଠି ଓ ଜିଲ୍ଲା ରେଡକ୍ରସ୍ ପକ୍ଷରୁ ପରିବାରଙ୍କୁ ଯଥା ଶୀଘ୍ର ସହାୟତା ରାଶି ମିଳିବ ବୋଲି ଆଶ୍ୱସନା ଦେଇଥିଲେ । ସୂଚନାଯୋଗ୍ୟ ମୟୂରଭଂଜ ଜିଲ୍ଲା ବିଶୋଇ ଥାନା ଲୁହାକାନି ପଂଚାୟତ ଭୋଳବେଡା ଗ୍ରାମରେ ଶୁକ୍ରବାର ରାତିରେ ଭାରି ବର୍ଷା ପାଇଁ କାନ୍ଥ ପଡି ୨ନାବାଳିକା ଭଉଣୀଙ୍କ ଦୁଃଖଦ ମୃତ୍ୟୁ ଘଟିଛି । ମୃତକ ହେଲେ ଅନୀଲ କୁମାର ଗିରିଙ୍କ ଦୁଇ ଝିଅ ନିହାରିକା ଗିରି (୫) ଓ ସୁଇଟି ଗିରି (୧୨) ।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା




ବାରିପଦା, ୨୧/୦୮ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ, ମୟୂରଭଞ୍ଜ ବାରିପଦା ଆନୁକୂଲ୍ୟରେ ଜିଲ୍ଲାର ବିଭିନ୍ନ ସ୍କୁଲ ମାନଙ୍କରେ ଥିବା ଆଇନ ସ୍ୱାକ୍ଷରତା କ୍ଲବ ବା ଷ୍ଟୁଡେଣ୍ଟ ଲିଗାଲ ଲିଟେରାସୀ କ୍ଲବ ର ସଦସ୍ୟ ଥିବା ଛାତ୍ରଛାତ୍ରୀ ମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିବା ଏହି ପ୍ରତିଯୋଗୀତା ରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଏବଂ ଦୌରା ଜଜ ଶ୍ରୀ ଅରବିନ୍ଦ ପଟ୍ଟନାୟକ ଯୋଗ ଦେଇଥିବା ବେଳେ ଅନ୍ୟ ଅତିଥି ଭାବେ ସ୍ୱତନ୍ତ୍ର କୋର୍ଟ (ପୋକସୋ) ଶ୍ରୀମତୀ ସୁମିତା ଜେନା, ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀମତୀ ଶିବାନୀ, ରେଜିଷ୍ଟ୍ରାର ଜିଲ୍ଲା କୋର୍ଟ ଶ୍ରୀ ଆଶିଷ କୁମାର ପରିଛା ଓ ଅତିରିକ୍ତ ବରିଷ୍ଠ ଦେଓ୍ୱାନୀ ଜଜ ଶ୍ରୀମତୀ ଅପୂର୍ବା ଚୌଧୁରୀ ପ୍ରମୁଖ ଯୋଗଦାନ କରିଥିଲେ । ଅନୁଷ୍ଠିତ ହୋଇଥିବା କ୍ଷୁଦ୍ର ନାଟକ, ଚିତ୍ରାଙ୍କନ, ପ୍ରବନ୍ଧ ଲିଖନ ଏବଂ ବକ୍ତୃତା ପ୍ରତିଯୋଗୀତା ପାଇଁ ସ୍ୱତନ୍ତ୍ର କୋର୍ଟ (ପୋକସୋ) ଶ୍ରୀମତୀ ସୁମିତା ଜେନା, ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀମତୀ ଶିବାନୀ, ଅତିରିକ୍ତ ବରିଷ୍ଠ ଦେଓ୍ୱାନୀ ଜଜ ଶ୍ରୀମତୀ ଅପୂର୍ବା ଚୌଧୁରୀ, ଆଇନଜୀବୀ ଶ୍ରୀ ତାପସ କୁମାର ଦତ୍ତ ଓ ଶ୍ରୀ ରାଜକିଶୋର ମହାନ୍ତ ପ୍ରମୁଖ ବିଚାରକ ଭାବରେ ଦାୟିତ୍ୱ ତୁଲାଇଥିଲେ । ଏଥିରେ ଭାଗନେଇଥିବା ବିଭିନ୍ନ ଆଇନ ସ୍ୱାକ୍ଷରତା କ୍ଲବ ମାନଙ୍କ ମଧ୍ୟରୁ ଓଡିଶା ଆଦର୍ଶ ବିଦ୍ୟାଳୟ, ରାଣୀଭୋଳ କ୍ଷୁଦ୍ର ନାଟକ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲା । ପ୍ରବନ୍ଧ ରେ ଓଡିଶା ଆଦର୍ଶ ବିଦ୍ୟାଳୟ, ମହୁଲିଆ, ରାସଗୋବିନ୍ଦପୁର ର ଜୟନ୍ତ କୁମାର ଜେନା ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଓଡିଶା ଆଦର୍ଶ ବିଦ୍ୟାଳୟ, ରାଣୀଭୋଳର ସ୍ୱାତୀ ସୁରଭି ସୁତାର ଦ୍ୱିତୀୟ ଓ ଓଡିଶା ଆଦର୍ଶ ବିଦ୍ୟାଳୟ, ମହୁଲିଆ, ରାସଗୋବିନ୍ଦପୁର ର ମଧୁସ୍ମିତା ମହାନ୍ତ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ଚିତ୍ରାଙ୍କନ ପ୍ରତିଯୋଗିତାରେ ଓଡିଶା ଆଦର୍ଶ ବିଦ୍ୟାଳୟ, ମହୁଲିଆ, ରାସଗୋବିନ୍ଦପୁର ର ଶ୍ରଦ୍ଧା ରାଣୀ ମଣ୍ଡଳ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଓଡିଶା ଆଦର୍ଶ ବିଦ୍ୟାଳୟ, ରାଣୀଭୋଳର ରିକ୍ଷୀକା ଦାସ ଦ୍ୱିତୀୟ ଓ ଭଞ୍ଜପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଲିପ୍ସା ନାଥ ତୃତୀୟ ସ୍ଥାନ ଅଧିକାର କରିଥିଲେ ଏବଂ ବକ୍ତୃତା ପ୍ରତିଯୋଗୀତା ରେ ଓଡିଶା ଆଦର୍ଶ ବିଦ୍ୟାଳୟ, ମହୁଲିଆ, ରାସଗୋବିନ୍ଦପୁର ର ଅଭିଜିତ ଘୋଷ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଓଡିଶା ଆଦର୍ଶ ବିଦ୍ୟାଳୟ, ରାଣୀଭୋଳର ସ୍ୱାଭିମାନ ପଣ୍ଡା ଦ୍ୱିତୀୟ ଓ ଭଞ୍ଜପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଜିଜ୍ଞାସା ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ । ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ସମସ୍ତ କୃତି ପ୍ରତିଯୋଗୀ ମାନଙ୍କୁ ଟ୍ରଫି ଏବଂ ପ୍ରମାଣପତ୍ର ପ୍ରଦାନ କରଯାଇଥିଲା । ଶେଷରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀମତୀ ଶିବାନୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ପରିଚାଳନା କରଯାଇଥିଲା ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo